بِسْمِ اللّٰهِ الرَّحْمٰنِ الرَّحِيْمِ　　نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ　　وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 4

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ସଂଖ୍ୟା 7

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

14 ଫେବୃୟାରୀ 2019　14 ତବ୍‌ଲିଗ୍ 1398 ହି.ଶ　08 ଜମାଦିଲ୍ ସାନି 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

لَا يَتَّخِذِ الْمُؤْمِنُوْنَ الْكٰفِرِيْنَ اَوْلِيَآءَ مِنْ دُوْنِ الْمُؤْمِنِيْنَ ۚ وَمَنْ يَّفْعَلْ ذٰلِكَ فَلَيْسَ مِنَ اللّٰهِ فِيْ شَيْءٍ اِلَّآ اَنْ تَتَّقُوْا مِنْهُمْ تُقٰىةً ۗ وَيُحَذِّرُكُمُ اللّٰهُ نَفْسَهٗ ۗ وَاِلَى اللّٰهِ الْمَصِيْرُ ۝ (آل عمران:29)

ଅନୁବାଦ - ''ବିଶ୍ୱାସକାରୀମାନେ ବିଶ୍ୱାସକାରୀମାନଙ୍କୁ ଛାଡି ଅବିଶ୍ୱାସକାରୀଙ୍କ ସହିତ ବନ୍ଧୁତା ସ୍ଥାପନ ନ କରନ୍ତୁ; ବରଂ ସେମାନଙ୍କଠାରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରହିବା ତୁମମାନଙ୍କ ପକ୍ଷରେ ଉଚିତ୍ ହେବ; ଏବଂ (ତୁମମାନଙ୍କ ମଧ୍ୟରୁ) ଯେଉଁ ବ୍ୟକ୍ତି ଏପରି କରିବ ତାହାର ଅଲ୍ଲାଃଙ୍କ ସହିତ କୌଣସି ବିଷୟରେ ମଧ (କୌଣସି) ସମ୍ପର୍କ ରହିବ ନାହିଁ; ଏବଂ ଅଲ୍ଲାଃ ତୁମମାନଙ୍କୁ ନିଜର ସମ୍ବନ୍ଧରେ ସାବଧାନ କରାଉଛନ୍ତି ଏବଂ (ତୁମମାନଙ୍କୁ) ଅଲ୍ଲାଃଙ୍କ ନିକଟକୁ ଫେରିଯିବାକୁ ହେବ''
(ଆଲେ ଇମ୍‌ରାନ୍: ୨୯)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

ମନ ଅଧିକ ବୟସ (ବଂଚିବା)ର ପ୍ରତିଶୃତି ଦେଇଥାଏ । ଏହା ହେଉଛି ଧୋକା । ବୟସର (କୌଣସି) ଭରଷା ନାହିଁ । (ତେଣୁ) ଯଥାଶିଘ୍ର ସଦାଚାରି ହେବା ଓ ଉପାସନା କରିବା ପ୍ରତି ନଇଁଯିବା ଉଚିତ୍ ଏବଂ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ (ନିଜର) ହିସାବ କରିବା ଉଚିତ୍ ।
ତହ୍‌ଜୁଦ୍ (ପଢ଼ିବା ନିମନ୍ତେ) ବିଶେଷ ରୂପେ ଉଠ ଏବଂ ସଦିଛା ଓ ସଉକ୍‌ର ସହିତ ପାଠ କର । ମଧ୍ୟବର୍ତୀକାଳିନ ନମାଜରେ (ନିଜର) ପେଶା ଓ ବୃତି ଯୋଗୁ ପରୀକ୍ଷା ହୋଇଥାଏ ।
ଯେଉଁ ଲୋକମାନେ ସଦାଚାରୀ ହେବାପାଇଁ ଦୁଃଖ ଓ କ୍ଷତି ସହୁଛନ୍ତି ସେମାନେ ଲୋକମାନଙ୍କ ଦୃଷ୍ଟିରେ ମଧ ପ୍ରିୟ ହୋଇଥାନ୍ତି ଏବଂ ଏ କାର୍ଯ୍ୟ ହେଉଛି ନବୀ ଓ ସିଦ୍ଦିକ୍ ମାନଙ୍କର କାର୍ଯ୍ୟ ।

### ପ୍ରଥା ମୂଳକ ବୟତ ଲାଭ ଦିଏନାହିଁ ।

ପ୍ରଥା ମୂଳକ ବୟତ ଲାଭ ଦିଏନାହିଁ । ଏପରି ବୟତରେ ଭାଗିଦାରୀ ହେବା କଠିନ । ସେତେବେଳେ ଭାଗୀଦାରୀ ହେବ ଯେତେବେଳେ ନିଜର ଅସ୍ତିତ୍ୱକୁ ପରିତ୍ୟାଗ କରି ସମ୍ପୂର୍ଣ୍ଣ ପ୍ରେମ ଓ ନିଷ୍ଠାର ସହିତ ତା ସହିତ ମିଶିଯିବ । ମୁନାଫିକ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସଚ୍ଚା ସମ୍ବନ୍ଧ ନରଖିବା ଯୋଗୁ ପରିଶେଷରେ ବେଇମାନ୍ ହୋଇଗଲେ । ସେମାନଙ୍କଠାରେ ସଚ୍ଚା ପ୍ରେମ ଓ ସତ୍ୟନିଷ୍ଠା ଜନ୍ମିଲା ନାହିଁ । ସେଥିଯୋଗୁ (କେବଳ) ପ୍ରକାଶ୍ୟ *ଲା ଇଲାହା ଇଲଲ୍ଲାହା* ତାଙ୍କ କାର୍ଯ୍ୟରେ ଲାଗିଲା ନାହିଁ । ସୁତରାଂ ସେହି ସମ୍ପର୍କକୁ ବଢ଼ାଇବା ହେଉଛି ଜରୁରୀ କଥା । ଯଦି ଏପରି ସମ୍ପର୍କକୁ ସେହି (ଚାହୁଁଥିବା ବ୍ୟକ୍ତି ଜଣକ) ବଢ଼ାଉନାହିଁ ଏବଂ ଚେଷ୍ଟା କରୁନାହିଁ ତେବେ ତାର ଅଭିଯୋଗ ଓ ଦୁଃଖ ପ୍ରକାଶ କରିବା ହେଉଛି ଲାଭହୀନ । ପ୍ରେମଭାବ ଓ ନିଷ୍ଠାଭାବର ସମ୍ପର୍କକୁ ବଢ଼ାଇବା ଉଚିତ୍ । ସେହି ବ୍ୟକ୍ତି (ଗୁରୁ)ଙ୍କ ଶୈଳୀ ଓ ଆସ୍ଥାରେ ଯଥାସମ୍ଭବ ସହବର୍ଣ୍ଣ ହୁଅ । ମନ ଅଧିକ ବୟସ (ବଂଚିବା)ର ପ୍ରତିଶୃତି ଦେଇଥାଏ । ଏହା ହେଉଛି ଧୋକା । ବୟସର (କୌଣସି) ଭରଷା ନାହିଁ । (ତେଣୁ) ଯଥାଶିଘ୍ର ସଦାଚାରି ହେବା ଓ ଉପାସନା କରିବା ପ୍ରତି ନଇଁଯିବା ଉଚିତ୍ ଏବଂ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ (ନିଜର) ହିସାବ କରିବା ଉଚିତ୍ ।

### ତହ୍‌ଜୁଦ୍‌ର ତାଗିଦ୍

ଏ ଜୀବଦଶାରେ ସମ୍ପୂର୍ଣ୍ଣ ଜୀବନଟି ଯଦି ସାଂସାରିକ କାର୍ଯ୍ୟରେ ବିତିଗଲା ତେବେ ଆଖିରତ୍ (ପରକାଳ) ପାଇଁ କଣ ଠୁଳ କଲ ? ତହ୍‌ଜୁଦ୍ (ପଢ଼ିବା ନିମନ୍ତେ) ବିଶେଷ ରୂପେ ଉଠ ଏବଂ ସଦିଛା ଓ ସଉକ୍‌ର ସହିତ ପାଠ କର । ମଧ୍ୟବର୍ତୀକାଳିନ ନମାଜରେ (ନିଜର) ପେଶା ଓ ବୃତି ଯୋଗୁ ପରୀକ୍ଷା ହୋଇଥାଏ । ଅଲ୍ଲାଃତାଲା ହେଉଛି ରଜ୍ଜାକ୍ (ରୋଜଗାର ପ୍ରଦାନକାରୀ) । ନମାଜକୁ ନିଜ ସମୟରେ ହିଁ ପାଠ କରିବା ଉଚିତ୍ । ଜୋହର୍ ଏବଂ ଅସର ବେଳେବେଳେ ଜମା ହୋଇପାରେ । ଅଲ୍ଲାଃତାଲା ଜାଣିଥିଲେ ଯେ ଦୁର୍ବଳ ଲୋକେ ରହିବେ ତେଣୁ ଏହି ସ୍ଥାନକୁ ରଖିଦେଲେ କିନ୍ତୁ ଏହି ଅବସ୍ଥା ତିନୋଟି (ନମାଜ)କୁ ଏକାଠି କରିପାରେନାହିଁ ।

### ଅଲ୍ଲାଃତାଲାଙ୍କ ଖାତିର୍ ଦୁଃଖ କଷ୍ଟ ଉଠାଇବା

ଯେବେ କି ମୁଲାଜିମତ୍ (ନିଜ ବୃତି)ରେ ଏବଂ ଅନ୍ୟ କେତେକ କଥାରେ ଲୋକମାନେ ଦଣ୍ଡ ପାଉଛନ୍ତି (ଏବଂ ସରକାରଙ୍କ କ୍ରୋଧର ଶିକାର ହେଉଛନ୍ତି) ତେବେ ଯଦି ଅଲ୍ଲାଃତାଲାଙ୍କ ପାଇଁ ଦୁଃଖ ଉଠାନ୍ତେ କେତେ ଭଲ ହୁଅନ୍ତା । ଯେଉଁ ଲୋକମାନେ ସଦାଚାରୀ ହେବାପାଇଁ ଦୁଃଖ ଓ କ୍ଷତି ସହୁଛନ୍ତି ସେମାନେ ଲୋକମାନଙ୍କ ଦୃଷ୍ଟିରେ ପ୍ରିୟ ହୋଇଥାନ୍ତି ଏବଂ ଏ କାର୍ଯ୍ୟ ନବୀ ଓ ସିଦ୍ଦିକ୍ ମାନଙ୍କର କାର୍ଯ୍ୟ ଅଟେ । ଯେଉଁବ୍ୟକ୍ତି ଅଲ୍ଲାଃତାଲାଙ୍କ ପାଇଁ ସାଂସାରିକ କ୍ଷତି ବହନ କରିଥାଏ ଅଲ୍ଲାଃତାଲା କଦାପି (ତାହା) ନିଜ ନିକଟରେ ରଖେନାହିଁ (ତାଙ୍କୁ) ସମ୍ପୂର୍ଣ୍ଣ ପୁରସ୍କାର ପ୍ରଦାନ କରିଥାଏ ।

### ମନୁଷ୍ୟ ମୁନାଫିକ୍ ମାନଙ୍କ ସଦୃଶ ଆଚରଣ ନ କରୁ

(ମନୁଷ୍ୟ ପାଇଁ ଏହା ଜରୁରୀ ଅଟେ କି ) ମୁନାଫିକ୍ ମାନଙ୍କ ସଦୃଶ ଆଚରଣ ନ କରୁ । ଉଦାହାଣ ସ୍ୱରୂପ ଯଦି ଜଣେ ହିନ୍ଦୁ (ସେ ହାକିମ ହୁଅନ୍ତୁ ବା ପଦାଧିକାରୀ ହୁଅନ୍ତୁ) ଏକଥା କହେ କି ରାମ ଏବଂ ରହିମ୍ ହେଉଛନ୍ତି ଏକ ତେବେ ଏପରି ଅବସରରେ (ତା) ହଁରେ ହଁ ମିଶାଅ ନାହିଁ । ଅଲ୍ଲାଃତାଲା ଶାଳୀନତାକୁ ମନା କରୁନାହିଁ । ଶାଳୀନତାର ସହିତ ଉତର ଦେଉ । ହିକ୍‌ମତ୍‌ର ଅର୍ଥ ଏହା ନୁହେଁ ଯେ ଏପରି ବାର୍ତାଳାପ କରାଯାଉ ଯଦ୍ୱାରା ଅନ୍ୟାୟାସରେ ଜୋସ୍ ସୃଷ୍ଟି ହେଉଥିବ ଏବଂ ଅଶିଷ୍ଟ ଯୁଦ୍ଧ ହେବ । କଦାପି ସତ୍ୟକୁ ଗୋପନ ନରଖୁ । ହଁ ରେ ହଁ ମିଶାଇବା ଦ୍ୱାରା ମନୁଷ୍ୟ କାଫିର୍ (ଅମାନ୍ୟକାରୀ) ହୋଇଯାଏ ।

*ୟାରେ ଗାଲିବ୍ ଶୌ କେଃ ତା ଗାଲିବ୍ ଶୁଓ୍ୱି*

ଅଲ୍ଲାଃତାଲାଙ୍କର ପକ୍ଷ ଓ ସମ୍ମାନ ରଖିବା ଉଚିତ୍ । ଆମ ଧର୍ମରେ କୌଣସି କଥା ସଭ୍ୟତା ଓ ସଂସ୍କୃତିର ବିରୋଧ ନାହିଁ ।

### ଇସ୍‌ଲାମ୍ ଅତ୍ୟାଚରିତ

ଇସ୍‌ଲାମ୍ ସର୍ବଦା ଅତ୍ୟାଚାରୀତ ହୋଇଆସିଛି । ଯେପରି ଯଦି କେବେ ଦୁଇଭାଇଙ୍କ ମଧ୍ୟରେ କୌଣସି ବିଭ୍ରାଟ ସୃଷ୍ଟି ହୁଏ ତେବେ ବଡ ଭାଇ ନିଜର ବଡପଣିଆ ଯୋଗୁ ଓ ପ୍ରଥମେ ଜନ୍ମ ହୋଇଥିବା ଯୋଗୁ ନିଜ ଛୋଟ ଭାଇ ଉପରେ ଅନ୍ୟାୟାସରେ ଅତ୍ୟାଚାର କରିଥାଏ, ଏଇଥିପାଇଁ କି ସେ ପ୍ରଥମେ ଜନ୍ମ ହୋଇଥିବାରୁ ନିଜର ହକ୍‌କୁ ଅଧିକା ମଣିଥାଏ, ଯେବେ କି ଦୁଇଜଣଙ୍କର ହକ୍ ହେଉଛି ସମାନ । ସେହିପରି ଅତ୍ୟାଚାର ଇସ୍‌ଲାମ୍ ଉପରେ ହେଉଅଛି । ଇସ୍‌ଲାମ୍ ସବୁଧର୍ମ ପରେ ଆସିଛି । ଇସ୍‌ଲାମ୍ ସବୁଧର୍ମର ଭୁଲ୍ ସେମାନଙ୍କୁ ବତାଇଲା । ତେବେ ଯେପରି ନିୟମ ରହିଛି କି ମୁର୍ଖ ବ୍ୟକ୍ତି ତା ଶୁଭଚିନ୍ତକର ଶତୃ ହୋଇଯାଏ ସେହିପରି ସେ ସମସ୍ତ ଧର୍ମ ତା ଠାରୁ ନାରାଜ ହୋଇଛନ୍ତି କାରଣ ସେମାନଙ୍କ ହୃଦୟରେ ନିଜ ନିଜର ମହାନତା ଘର କରି ବସିଥିଲା । ମନୁଷ୍ୟ ବଡ ଜାତି, ପ୍ରାଚୀନତା ଏବଂ ଅଧିକ ଧନ ଯୋଗୁ ଗର୍ବୀ ହୋଇଯାଏ । ରସୁଲୁଲ୍ଲାଃ ସ:ଆ:ସ ଜଣେ ଗରୀବ, ଛୋଟ ଏବଂ ନୁଆ ଗୋଷ୍ଠୀର ଥିଲେ । ସେଇଥିପାଇଁ (ପ୍ରାରମ୍ଭରେ) ସେମାନେ (ଅର୍ଥାତ୍ ବିରୋଧିମାନେ ତାଙ୍କୁ) ମାନିଲେ ନାହିଁ । ସତ୍ୟ ସର୍ବଦା ଅତ୍ୟାଚାରିତ ହୋଇଥାଏ ।

### ଇସ୍‌ଲାମ୍ ଅନ୍ୟ ଜାତି ସମୂହର ଉପକାରୀ

ଇସ୍‌ଲାମ୍ ହେଉଛି ଏପରି ପବିତ୍ର ଧର୍ମ ଯାହା କୌଣସି ଧର୍ମର ପ୍ରତିଷ୍ଠାତାଙ୍କୁ ଖରାପ କହିବାକୁ ଦିଏନାହିଁ । ଅନ୍ୟ ଧର୍ମର ଲୋକମାନେ ଅଚାନକ ଗାଳି ଦେବାକୁ ପ୍ରସ୍ତୁତ ହୋଇଯାଉଛନ୍ତି । ଦେଖନ୍ତୁ ଏହି ଇସାଇ ଜାତି ଆଁ ହଜ୍‌ରତ୍ ସ:ଆ:ସଙ୍କୁ କିଭଳି ଗାଳି ଦେଉଅଛି । ଯଦି ଆଁ ହଜ୍‌ରତ୍ (ସ:ଆ:ସ) ବର୍ତମାନ ସମୟରେ ଜୀବିତ ଥାଆନ୍ତେ ତେବେ ଆପଣଙ୍କ ସାଂସାରିକ ମହାନତା (ଓ ବୈଭବ) କୁ ଦୃଷ୍ଟି ଆଗରେ ରଖି ଏହି ଲୋକମାନେ କୌଣସି ଶବ୍ଦ ମୁହଁରୁ ବାହାର କରିନଥାନ୍ତେ ବରଂ ହଜାର ପ୍ରକାରର ସମ୍ମାନ କରିଥାନ୍ତେ । କାବୁଲ୍‌ର ଅମୀର୍ ଏବଂ ରୋମ୍‌ର ସୁଲ୍‌ତାନ୍ ଆଁ ହଜ୍‌ରତ୍ ସ:ଆ:ସଙ୍କର ଜଣେ ଜଣେ ତୁଛ ଉମ୍ମତି (କିନ୍ତୁ) ତାଙ୍କୁ ଗାଳି ଦେଇପାରିବେନାହିଁ । (ତାଙ୍କ ସହିତ) ଅସମ୍ମାନ କରିପାରିବେ ନାହିଁ । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ନାମ (ଯେତେବେଳେ) ନିଆଯାଏ ସେତେବେଳେ ହଜାର ହଜାର ଗାଳି ଶୁଣାଉଛନ୍ତି । ଇସ୍‌ଲାମ୍ ହେଉଛି ଅନ୍ୟ ସମସ୍ତ ଜାତି ସମୂହର ଉପକାରୀ, ଯେ ପ୍ରତ୍ୟେକ ନବୀ ଏବଂ ପୁସ୍ତକକୁ ମୁକ୍ତି ପ୍ରଦାନ କରିଛି ଏବଂ ନିଜେ ଇସ୍‌ଲାମ୍ ହିଁ ଅତ୍ୟାଚାରିତ । ଇସ୍‌ଲାମ୍‌ର ବିଷୟ *ଲା ଇଲାହା ଇଲଲ୍ଲାଃ* ଅନ୍ୟ କୌଣସି ଧର୍ମରେ ନାହିଁ । *(ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା- ୩-୫)*

⌘⌘⌘⌘⌘⌘⌘⌘⌘⌘


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

## ୧୨୪ତମ ଜଲ୍‌ସାସାଲାନା କାଦିଆନ୍ ୨୦୧୮ର ରିପୋର୍ଟ୍ (ପ୍ରଥମ ଜଲ୍‌ସାସାଲାନା ଠାରୁ ଏପର୍ଯ୍ୟନ୍ତ ୧୨୭ତମ ବର୍ଷ)

# ଜମାତ୍ ଅହେମଦୀୟାର ମର୍କଜ (କେନ୍ଦ୍ର) କାଦିଆନ୍ ଦାରୁଲ୍ ଅମାନ୍‌ରେ ୧୨୪ ତମ ଜଲ୍‌ସସାଲାନାରେ ସଫଳ ଓ ବାବର୍‌କତ୍ (ବୈଭବପୂର୍ଣ୍ଣ) ଆୟୋଜନ

ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ପ୍ରେମ ଓ ଭକ୍ତିଭାବର ପଦମର୍ଯ୍ୟାଦାକୁ କେହି ପହଂଚିପାରିବେ ନାହିଁ । ଆପଣ ଆ:ସଙ୍କ ପ୍ରତ୍ୟେକ ଶବ୍ଦ ଅଲ୍ଲାଃତାଲା ଏବଂ ତା ରସୁଲ୍ ସ:ଆ:ସଙ୍କ ପ୍ରେମରେ ଉତ୍ସର୍ଗୀକୃତ ହେବାର ପ୍ରମାଣ ଅଟେ ।

ଏହି ଶେଷ ଦିନ ଗୁଡିକୁ ମଧ ଦରୁଦ୍ (ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମନ୍ତେ ସଲାମ୍ ପ୍ରେରଣ କରିବା)ରେ ଭରିଦିଅନ୍ତୁ ଏବଂ ନୁଆବର୍ଷର ସ୍ୱାଗତକୁ ମଧ ଦରୁଦ୍ ଓ ସଲାମ୍ ଦ୍ୱାରା ହିଁ କରନ୍ତୁ, ଯଦ୍ୱାରା ଆମେ ଯଥାଶିଘ୍ର ଉକ୍ତ ବର୍‌କାତ୍ ଗୁଡିକୁ ହାସଲ କରିପାରିବା ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସ୍ତିତ୍ୱ ସହିତ ସଂଲଗ୍ନ ଅଛି ।

ମୁସ୍‌ଲିମ୍ ଟେଲିଭିଜନ୍ ଅହେମଦୀୟା ଜରିଆରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଜଲ୍‌ସାରେ ସାମିଲ୍ ହୋଇଥିବା ସଦସ୍ୟମାନଙ୍କ ନିମନ୍ତେ ଜ୍ଞାନ ଓ ସାରଗର୍ଭକ ଉଦ୍‌ଜାପନୀ ଅଭିଭାଷଣ ।

*ମୁଁ ଏହି ବସ୍ତି ଅର୍ଥାତ୍ କାଦିଆନ୍‌ରେ ଖୁଦାତାଲାଙ୍କୁ ଦେଖିସାରିଛି, ମୁଁ ଇସ୍‌ଲାମ୍‌ର ସମସ୍ତ ଭବିଷ୍ୟବାଣୀ ଗୁଡିକୁ ନବୀ କରିମ୍ ସ:ଆ:ସଙ୍କ ସଚ୍ଚାସେବକଙ୍କ ହାତରେ ପୁରଣ ହେଉଥିବାର ଦେଖୁଅଛି । ଏ ପୃଥିବୀରେ ଅନେକ ଲୋକେ ମେହ୍‌ଦୀୟତ୍‌ର ଦାବୀଦାର୍ ଆସିଛନ୍ତି ଏବଂ ସେମାନେ ନିଜର ତବ୍‌ଲିଗ୍ ପୃଥିବୀରେ ପ୍ରସାର କରିବା ପାଇଁ ଭବିଷ୍ୟବାଣୀ କରିଛନ୍ତି କିନ୍ତୁ ଜଣଙ୍କ ବ୍ୟତୀତ ଆଉ କାହାର କଥା ପୂରଣ ହୋଇନାହିଁ ଏବଂ ସେ ହେଉଛନ୍ତି ସେହି ବ୍ୟକ୍ତି ଯିଏ ବେହଶ୍‌ତି ମକ୍‌ବରାରେ ଦଫନ ହୋଇଛନ୍ତି । ତାଙ୍କ ଫଳକରେ ଏହା ଲେଖାଯାଇଛି କି ''ମଜ୍ଜାରେ ମୁବାରକ୍ ହଜ୍‌ରତ୍ ଅକ୍‌ସଦ୍ ମିର୍ଜା ଗୁଲାମ୍ ଅହମଦ୍ କାଦିଆନୀ ମସିହ୍ ମଉଦ୍ ଓ୍ୱ ଇମାମ୍ ମେହ୍‌ଦୀ''

*ମୁଁ ଅହେମଦୀ ଲିଟ୍‌ରେଚର୍ ଗୁଡିକୁ ଅଧ୍ୟୟନ କରିଛି ଏବଂ ଅହେମଦୀ ମୁସଲ୍‌ମାନ୍ ସହିତ ଭେଟି ଏହି ଉପନୀତରେ ପହଂଚିଛି ଯେ ଅହେମଦୀୟତ୍ ହିଁ ପ୍ରକୃତ ଇସ୍‌ଲାମ୍ ଏବଂ ଅହେମଦୀମାନେ ଅନ୍ୟ ମୁସଲ୍‌ମାନ୍ ଅପେକ୍ଷା ଅଧିକ ସତ୍ୟବାଦୀ ଓ ଉତମ ମୁସଲ୍‌ମାନ୍ ଅଟନ୍ତି ।

*ମୁଁ ଜାଣିନାହିଁ ଯେ କେତେ ଶତାବ୍ଦୀ ଆହୁରି ବିତିବାକୁ ଅଛି କିନ୍ତୁ ମୁଁ ଏକଥା ଜାଣିଛି ଯେ ଏ ପୃଥିବୀରେ ସବୁଠାରୁ ଉଚ୍ଚତମ ନାରା (ସ୍ଲୋଗାନ୍) କାଦିଆନ୍‌ର ପବିତ୍ର ବସ୍ତିର ହିଁ ଗୁଞ୍ଜାରଣ ହେବ । ଇନ୍‌ଶାଅଲ୍ଲାଃ

### ଜଲ୍‌ସାସାଲାନା କାଦିଆନ୍‌ରେ ସାମିଲ୍ ହୋଇଥିବା ନୌମୁବାଇନ୍ (ନୁଆ ଅହେମଦୀ)ଙ୍କ ବିଶ୍ୱାସବର୍ଦ୍ଧକ ମନୋଭାବ ବ୍ୟକ୍ତି

*ଜମାତ୍ ପ୍ରେମର ଯେଉଁ ବାର୍ତାକୁ ପୃଥିବୀରେ ପ୍ରଚାର ପ୍ରସାର କରୁଅଛି ତାହା ପ୍ରଶଂସାଯୋଗ୍ୟ, ମୁଁ ହଜୁର୍ ଅନୁଓ୍ୱର୍‌ଙ୍କର କୃତଜ୍ଞତା ଜ୍ଞାପନ କରୁଛି ଯେ ଆପଣ ପ୍ରେମର ବାର୍ତାକୁ ଏ ପୃଥିବୀରେ ପ୍ରଚାର କରୁଛନ୍ତି । ଆପଣଙ୍କ ଜମାତ୍ ଓ ଖଲିଫା ସାରା ପୃଥିବୀରେ ପ୍ରେମ ଓ ଆପୋଷ ଭାଇଚାରାର ଶିକ୍ଷା ଦେଉଅଛନ୍ତି ଏବଂ ସମଗ୍ର ପୃଥିବୀକୁ ଧ୍ୱଂସ ମୁହଁରୁ ବଂଚାଇବା ପାଇଁ ଚେଷ୍ଟାରେ ଲାଗିଛନ୍ତି ।

*ମୁସ୍‌ଲିମ୍ ସମାଜ ସର୍ବଦା ଶିଖ୍ ଧର୍ମକୁ ମାନୁଥିବା ଲୋକମାନଙ୍କ ସହିତ ସହାନୁଭୁତି ଦେଖାଉଅଛି, ମୁସ୍‌ଲିମ୍ ସମାଜ ପ୍ରତ୍ୟେକ କଠିନ ପରିସ୍ଥିତିରେ ଆମ ସହିତ ଛିଡା ହୋଇଛି ଏବଂ ଏହି ଦୁଇଗୋଟି ଧର୍ମର ବିଶେଷତ୍ୱ ହେଉଛି ଏହା କି ଏମାନେ ଏକ ଓ ଅଦ୍ୱିତୀୟ ଈଶ୍ୱରଙ୍କ ଉପାସନା କରୁଛନ୍ତି ।

*ଏ ପୃଥିବୀରେ ଏପରି ବହୁତ କମ୍ ଜଲ୍‌ସା ହୋଇଥାଏ ଯେଉଁଠାରୁ ମାନବିକତାର ସ୍ଲୋଗାନ୍ ଗୁଞ୍ଜାରଣ ହେଉଥିବ, ମାନବଜାତିର ସେବା ହେଉଛି ସବୁଠାରୁ ମହାନକାର୍ଯ୍ୟ ଯାହାକୁ ଆପଣଙ୍କ ଜମାତ୍ କରୁଅଛି ।

*ବର୍ତମାନ ସମୟରେ ଯେଉଁଭଳି ସୁନ୍ଦର ଶୈଳୀରେ ପ୍ରେମ ଓ ଶାନ୍ତିର ବାର୍ତା ଜମାତ୍ ତରଫରୁ ଦିଆଯାଉଅଛି ତାହା ପ୍ରଶଂସାଯୋଗ୍ୟ ।

### ଜଲ୍‌ସାସାଲାନାରେ ସାମିଲ୍ ହୋଇଥିବା କିଛି ରାଜନୈତିଜ୍ଞ ଏବଂ ଧାର୍ମିକ ବ୍ୟକ୍ତିବିଶେଷଙ୍କ ମନୋଭାବ ବ୍ୟକ୍ତ

●୪୮ଟି ଦେଶର ପ୍ରତିନିଧିତ୍ୱ, ୧୮୮୬୪ଜଣ ସଦସ୍ୟ ଜଲ୍‌ସାରେ ସାମିଲ୍ ।

●ହଜୁର୍ ଅନୁଓ୍ୱର୍‌ଙ୍କ ଉଦ୍‌ଜାପନୀ ଅଭିଭାଷଣ ଅବସରରେ ଲଣ୍ଡନ୍‌ରେ ୫୩୪୫ଜଣ ଅହେମଦୀ ସାମିଲ୍ ହୋଇଥିଲେ ।

●ନମାଜ ତହ୍‌ଜୁଦ୍ -ଦର୍‌ସୁଲ୍ କୁର୍‌ଆନ୍ ଏବଂ ଜିକ୍‌ରେ ଇଲାହିରେ ପରିପୁର୍ଣ୍ଣ ପରିବେଶ ●ଓଲେମା କରାମ୍‌ଙ୍କ ସାରଗର୍ଭକ ଭାଷଣ -ଜଲ୍‌ସା ପେଶ୍‌ଓ୍ୱାୟାନେ ମଜାହିବ୍ ଅନୁଷ୍ଠିତ ●ଅତିଥିମାନଙ୍କ ବିଶ୍ୱାସବର୍ଦ୍ଧକ ମନୋଭାବବ୍ୟକ୍ତ ●ଦେଶୀ ଓ ବିଦେଶୀ ଭାଷାରେ ଜଲ୍‌ସାର ପ୍ରୋଗ୍ରାମ୍ ଗୁଡିକର ଅନୁବାଦ ●ଜମାତ୍‌ର ସଦସ୍ୟମାନଙ୍କ ଜ୍ଞାନ ବୃଦ୍ଧି କରିବା ପାଇଁ ତର୍‌ବିୟତି ବିଷୟ ଉପରେ ଆଧାରିତ ଡକ୍ୟୁମେଂଟାରୀ ଓ ବିଭିନ୍ନ ଜ୍ଞାନବର୍ଦ୍ଧକ ପ୍ରଦର୍ଶନୀ ●୩୪ଟି ନିକାହ୍‌ର ଘୋଷଣା ●ପ୍ରିଂଟ୍ ଏବଂ ଇଲେକ୍‌ଟ୍ରୋନିକ ମିଡିଆରେ ଜଲ୍‌ସାର କଭରେଜ୍ ●ଶାନ୍ତିପୁର୍ଣ୍ଣ ଏବଂ ସୁନ୍ଦର ପରିବେଶରେ ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ ●୧୯ ରୁ ୨୧ ଡିସେମ୍ବର୍ ଏମ୍.ଟି.ଏ ଇଂଟରନ୍ୟାସ୍‌ନାଲ୍ କାଦିଆନ୍ ଷ୍ଟୁଡିଓରୁ ଆରବୀ ପ୍ରୋଗ୍ରାମ୍ *''ଇସ୍‌ମଉ ସଉତସ୍ ସମାଅ ଜାଅଲ୍ ମସିହ୍ ଜାଅଲ୍ ମସିହ୍''* ର ସିଧା ପ୍ରସାରଣ ●୩ରୁ୫ ଜାନୁଆରୀ The Messiah of the Age ବିଷୟବସ୍ତୁ ଉପରେ ଆଧାରିତ ଆଫ୍ରିକୀୟ ଦେଶଗୁଡିକ ନିମନ୍ତେ ସିଧାପ୍ରସାରଣ ।

ରିପୋର୍ଟ୍ ମନ୍‌ସୁର୍ ଅହେମଦ୍ ମସ୍‌ରୁର୍ (ମୁନ୍‌ତଜିମ୍ ରିପୋର୍ଟିଂ)

**(ଦ୍ୱିତୀୟ ଭାଗ)**

**ପ୍ରଥମ ଦିନ ୨୮ ଡିସେମ୍ବର୍ ୨୦୧୮ (ଶୁକ୍ରବାର)ପ୍ରଥମଦିନର ଦ୍ୱିତୀୟ ଇଜ୍‌ଲାସ୍**

ପ୍ରଥମ ଦିନର ଦ୍ୱିତୀୟ ସଭାର କାର୍ଯ୍ୟକ୍ରମ ମୋହତ୍‌ରମ୍ ଶିରାଜ୍ ଅହେମଦ୍ ସାହେବ୍ ଏଡ଼ିଶିନାଲ୍ ନାଜ୍‌ରେ ଆଲା ଦକ୍ଷିଣ ଭାରତଙ୍କ ସଭାପତିତ୍ୱରେ ଆରମ୍ଭ ହେଲା । ତିଲାଓ୍ୱତେ କୁର୍‌ଆମ୍ କରିମ୍ ମୋକରମ୍ ଡାକ୍ତର ଶମ୍‌ସୁଦ୍ଦିନ୍ ସାହେବ୍ ଅଫ୍ ବଙ୍ଗାଲ୍ କଲେ । ସେ ସୁରା ନୁର୍‌ର ଆୟତ ନଂ- ୫୨-୫୬ ତିଲାଓ୍ୱତ୍ କଲେ ଯାହାର ଉର୍ଦ୍ଦୁ ଅନୁବାଦ ମୋକରମ୍ ସଫିର୍ ଅହେମଦ୍ ଶମିମ୍ ସାହେବ୍ ନାଏବ୍ ନାଜିମ୍ ଓ୍ୱକ୍‌ଫେ ଯଦିଦ୍ ଇର୍‌ଶାଦ୍ ପଢ଼ି ଶୁଣାଇଲେ । ଏହାପରେ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ମଞ୍ଜୁମ୍ କଲାମ-

*ହର୍ ତରଫ୍ ଫିକ୍‌ର କୋ ଦୌଡାକେ*
*ଥକାୟା ହମ୍‌ନେ*
*କୋଇ ଦିଁ ଦୀନେ ମୁହମ୍ମଦ୍ ସା*
*ନପାୟା ହମ୍‌ନେ*

ମୁକରମ୍ ରିଜ୍‌ଓ୍ୱାନ୍ ଅହେମଦ୍ ସାହେବ୍ ମୋତାଅଲିମ୍ ଜାମିୟା ଅହେମଦୀୟା ରବ୍‌ଓ୍ୱା ଅତ୍ୟନ୍ତ ଲଳିତ ସ୍ୱରରେ ପଢ଼ି ଶୁଣାଇଲେ । ଏହି ଇଜ୍‌ଲାସ୍‌ର ପ୍ରଥମ ତକ୍‌ରିର୍ ମୋକରମ୍ ମୌଲାନା ମୁନୀର୍ ଅହେମଦ୍ ଖାଦିମ୍ ସାହେବ୍ ଆଡିଶିନାଲ୍ ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ଦକ୍ଷିଣ ଭାରତ ''ସିରତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ- ଆଇଲି ଜିନ୍ଦେଗୀ କୋ ବେହ୍‌ତରିନ୍ ବନାନେ କେ ହଓ୍ୱାଲେ ସେ ଓ୍ୱାକେୟାତ୍ କି ରୌସ୍‌ନୀ ମେଁ'' (ଅର୍ଥାତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନଚରିତ- ପାରିବାରିକ ଜୀବନକୁ ଉତମ ରୂପେ ଗଢ଼ି ତୋଳିବା ପାଇଁ ଘଟଣାବଳୀର ଆଲୋକରେ ଚର୍ଚ୍ଚା) ବିଷୟରେ କଲେ ।

ସେ ନିଜ ତକ୍‌ରିର୍‌ର ଆରମ୍ଭରେ କହିଲେ ଯେ ପାରିବାରିକ ଜୀବନ ସନ୍ଦର୍ଭରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନଚରିତ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନଚରିତର ପୁର୍ଣ୍ଣ ପ୍ରତିରୂପ ଅଟେ । ସୁତରାଂ ଏହି ଅସଲ ଆଲୋକ ଦୃଷ୍ଟିକୋଣରେ ଯେତେବେଳେ ଆମେ ପାରିବାରିକ ଜୀବନ ସମ୍ବନ୍ଧରେ ହଜ୍‌ରତ୍ ଅକ୍‌ଦସ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ମସିହ୍ ମଉଦ୍ ଓ୍ୱ ମେହ୍‌ଦୀ ମାହୁଦ୍ ଆ:ସଙ୍କ ପାରିବାରିକ ଜୀବନକୁ ଦେଖୁଅଛେ ତେବେ ତାକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନଚରିତର ଅନୁରୂପ ପାଉଅଛେ ।

କମ୍‌ରୁଲ୍ ଅମ୍ବିୟା ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ ର:ଅ ବର୍ଣ୍ଣନା କରୁଛନ୍ତି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଏ ସ୍ୱଭାବ ଥିଲା କି ସେ ଛୋଟିଆ ଛୋଟିଆ କଥାରେ ମଧ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅନୁସରଣ କରୁଥିଲେ । (ସିରତୁଲ୍ ମେହ୍‌ଦୀ, ତୃତୀୟ ଭାଗ, ପୃଷ୍ଠା-୪୯୨)

କୌଣସି ବ୍ୟକ୍ତିର ପାରିବାରିକ ଜୀବନ ସମ୍ପର୍କରେ ତା ନିକଟ ସମ୍ପର୍କୀୟମାନେ ହିଁ ସଠିକ୍ ସାକ୍ଷୀ ଦେଇପାରିବେ । ସୁତରାଂ ଆପଣ ଆ:ସଙ୍କ ଶାଳକ ହଜ୍‌ରତ୍ ଡାକ୍ତର୍ ମିର୍ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ୍ ର:ଅ କହୁଛନ୍ତି କି:-

''ମୁଁ ମୋ ବୁଦ୍ଧି ବିବେକ ହେବା ଦିନଠାରୁ ନା କେବେ ହଜୁର୍ ଆ:ସଙ୍କୁ ହଜ୍‌ରତ୍ ଉମ୍ମୁଲ୍ ମୁମିନୀନ୍‌ଙ୍କ ଠାରୁ ନାରାଜ ହେବା ଦେଖିଛି ନା ଶୁଣିଛି ବରଂ ସର୍ବଦା ଏପରି ଅବସ୍ଥାରେ ଦେଖିଛି ଯାହା ଗୋଟିଏ Ideal ଯୋଡିଙ୍କ ମଧ୍ୟରେ ରହିବା ଉଚିତ୍'' । (ସିରତ୍ ହଜ୍‌ରତ୍ ସୈୟଦା ନୁସ୍‌ରତ୍ ଜାହାଁ ବେଗମ୍ ସାହିବା, ପୃଷ୍ଠା-୨୩୧)

ମାଇ ଇମାମ୍ ବିବି ସାହିବା ଯିଏ ନିଜ ସ୍ୱାମୀ ହଜ୍‌ରତ୍ ଠେକେଦାର୍ ମୁହମ୍ମଦ୍ ଅକ୍‌ବର୍ ସାହେବ୍‌ଙ୍କ ଦେହାନ୍ତ ପରେ ହଜୁର୍ ଆ:ସଙ୍କ ଘରେ

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

**''ହେ ଅନ୍‌ସାର୍‌ଙ୍କ ଗୋଷ୍ଠୀ! ତୁମମାନଙ୍କ ମଧ୍ୟରେ କିଛି ଏପରି ପୁଣ୍ୟବନ୍ତ ଲୋକ ଅଛନ୍ତି କି ଯଦି ସେମାନେ ଖୁଦାଙ୍କ ରାଣ ଖାଇ କୌଣସି କଥା କହିଦିଅନ୍ତି ତେବେ ଖୁଦାତାଲା ସେମାନଙ୍କର ସେ କଥାକୁ ନିଶ୍ଚିତ ରୂପେ ପୂରଣ କରିଥାଏ''**

ଇତାଅତ୍ (ଆଜ୍ଞାବହତା ସ୍ୱୀକାର କରିବା) ଏବଂ ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ବଦ୍‌ରି ସାହାବା ହଜ୍‌ରତ୍ ଖଲ୍ଲାଜ୍ ବିନ୍ ଉମ୍‌ରୋ ବିନ୍ ଜମୁହ୍ ଏବଂ ହଜ୍‌ରତ୍ ଉକ୍‌ବା ବିନ୍ ଆମିର୍ ର:ଅଙ୍କ ପବିତ୍ର ଜୀବନଚରିତର ବ୍ୟାଖ୍ୟାନ ।

''ହେ ହିନ୍ଦ୍! ଉମ୍‌ରୋ ବିନ୍ ଜମୁହ୍, ତୁମ ପୁତ୍ର ଖଲ୍ଲାଜ୍ ଏବଂ ତୁମ ଭାଇ ଅବ୍‌ଦୁଲ୍ଲାଃ ସ୍ୱର୍ଗରେ ଏକାଠି ବନ୍ଧୁ ଭାବରେ ଅଛନ୍ତି'' ।

ଆମେରିକାର ଜଣେ ବହୁତ ପୁରୁଣା, ପୁଣ୍ୟବତୀ ଏବଂ ନିଷ୍ଠାପର ବୟୋଜ୍ୟେଷ୍ଠ ଅହେମଦୀ ମହିଳା ସିଷ୍ଟର୍ ଆଲିୟା ଶହୀଦ୍ ଅହେମଦ୍ ସହଧର୍ମୀଣି ମୋକରମ୍ ଅହେମଦ୍ ଶହୀଦ୍ ସାହେବ୍‌ଙ୍କ ଦେହାନ୍ତରେ ତାଙ୍କ ସୁଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ।

''ଅଲ୍ଲାଃତାଲା ତାଙ୍କ ପଦମର୍ଯ୍ୟାଦାକୁ ଉନ୍ନୋତି କରନ୍ତୁ ଏବଂ ତାଙ୍କ ବଂଶରେ ମଧ୍ୟ ସେହି ଆତ୍ମା ଓ ଦୀନ୍‌ର ସେବା କରିବାର ମନୋଭାବ ସୃଷ୍ଟି କରାନ୍ତୁ ଯାହା ତାଙ୍କଠାରେ ଥିଲା''

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]

## (ପ୍ରଦତ୍ତ: ୧୧ ଜାନୁଆରୀ ୨୦୧୯ ଅନୁଯାୟୀ ୧୧ ସୁଲାହ୍ ୧୩୯୮ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ହଜ୍‌ରତ୍ ଖଲ୍ଲାଜ୍ ବିନ୍ ଉମ୍‌ରୋ ବିନ୍ ଜମୁହ୍ ଅନ୍‌ସାରୀ ସାହାବୀ ଥିଲେ ଏବଂ ସେ ବଦ୍‌ରି ସାହାବାଙ୍କ ମଧ୍ୟରେ ସାମିଲ୍ ଥିଲେ । ସେ ନିଜ ବାପା ହଜ୍‌ରତ୍ ଉମ୍‌ରୋ ବିନ୍ ଜମୁହ୍ ଏବଂ ତାଙ୍କ ଭାଇମାନେ ହଜ୍‌ରତ୍ ମୁଆଜ୍ ର:ଅ, ହଜ୍‌ରତ୍ ଅବୁ ଅଇମନ୍ ର:ଅ, ହଜ୍‌ରତ୍ ମୁଅୱ୍ଜ୍ ର:ଅଙ୍କ ସଙ୍ଗେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ହଜ୍‌ରତ୍ ଅବୁ ଅଇମନ୍‌ଙ୍କ ସମ୍ବନ୍ଧରେ ଏହା ମଧ୍ୟ କୁହାଯାଏ କି ସେ ଖଲ୍ଲାଜ୍‌ଙ୍କ ଭାଇ ନଥିଲେ ବରଂ ତାଙ୍କ ବାପା ହଜ୍‌ରତ୍ ଉମ୍‌ରୋ ବିନ୍ ଜମୁହ୍‌ଙ୍କ ଦ୍ୱାରା ସ୍ୱାଧିନ ହୋଇଥିବା ଗୁଲାମ୍ ଥିଲେ । (ଉସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୧୮୪, ''ଖଲ୍ଲାଜ୍ ବିନ୍ ଉମ୍‌ରୋ'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)

ବଦର୍ ଯୁଦ୍ଧ ନିମନ୍ତେ ଗସ୍ତ କରିବା ସମୟରେ ନବୀ କରିମ୍ ସ:ଆ:ସ ନିଜ ସେନାଙ୍କ ସହିତ ମଦିନାର ବାହାରେ ଥିବା ସୁକ୍‌ୟା ନାମକ ଗୋଟିଏ ସ୍ଥାନ ନିକଟରେ ରହିଲେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ କତାଦା ତାଙ୍କ ବାପାଙ୍କ ଠାରୁ ରିୱାୟତ୍ କରୁଛନ୍ତି କି ରସୁଲୁଲ୍ଲାଃ ସ:ଆ:ସ ମଦିନାର ବାହାରେ ଥିବା ସୁକ୍‌ୟା ନାମକ ସ୍ଥାନ ନିକଟରେ ନମାଜ ପାଠ କଲେ, ଯେଉଁଠାରେ ଗୋଟିଏ କୂଅ ମଧ୍ୟ ଥିଲା ଏବଂ ମଦିନା ବାସୀଙ୍କ ନିମନ୍ତେ ପ୍ରାର୍ଥନା କଲେ । ହଜ୍‌ରତ୍ ଅଦି ବିନ୍ ଅବି ଅଜ୍‌ଜଗ୍‌ବାଆ ଏବଂ ବସ୍‌ବସ୍ ବିନ୍ ଉମ୍‌ରୋ ସେଠାରେ ନବୀ କରିମ୍ ସ:ଆ:ସଙ୍କର ଗୋଚରେ ହାଜିର୍ ହେଲେ ଏବଂ କିଛି ରିୱାୟତ୍ ମୁତାବକ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ବିନ୍ ହାରାମ୍ ମଧ୍ୟ ରସୁଲୁଲ୍ଲାଃ ସ:ଆ:ସଙ୍କ ସେବାରେ ହାଜିର୍ ହେଲେ ଏବଂ କହିଲେ କି ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଏହି ସ୍ଥାନରେ ଆପଣଙ୍କର ରହିବା ଏବଂ ସାହାବାମାନଙ୍କର ନିରୀକ୍ଷଣ କରିବା ବହୁତ ଉତମ ଅଟେ ଏବଂ ଆମେ ଏହାକୁ ପୁଣ୍ୟ ଭାଗ୍ୟ ବିବେଚନା କରୁଛୁ କାରଣ ଯେତେବେଳେ ଆମ ସହିତ ଅର୍ଥାତ୍ ବନୁ ସଲ୍‌ମା ଏବଂ ହୁସୈକା ମଧ୍ୟରେ ଯୁଦ୍ଧ ହୋଇଥିଲା ସେତେବେଳେ ଆମେ ଏଠାରେ ଛାଉଣୀ ପକାଇଥିଲୁ । ଇସ୍‌ଲାମ୍ ପୂର୍ବରେ ପୁରୁଣା କଥାକୁ ବର୍ଣ୍ଣନା କରୁଛନ୍ତି । ମଦିନାର ବାହାରପଟେ ଜୁବାବ୍ ନାମକ ଗୋଟିଏ ପାହାଡ ଅଛି । ହୁସୈକା ସେହି ପାହାଡ ନିକଟରେ ଥିଲା ଯେଉଁଠାରେ ବହୁ ସଂଖ୍ୟକ ୟୁହୁଦୀ ବସବାସ କରୁଥିଲେ । ପୁଣି ସେ କହୁଛନ୍ତି କି ସେହି ସ୍ଥାନରେ ଆମେ ମଧ୍ୟ ନିଜ ସାହାବା ମାନଙ୍କର ଉପସ୍ଥିତି ଓ ସେମାନଙ୍କର ସମ୍ବନ୍ଧରେ ଅନଧ୍ୟାନ କରିଥିଲୁ ଏବଂ ଯେଉଁ ଲୋକମାନେ ଯୁଦ୍ଧ କରିବା ପାଇଁ ଶକ୍ତି ରଖୁଥିଲେ ସେମାନଙ୍କୁ ଅନୁମତି ଦେଇଥିଲୁ ଏବଂ ଯେଉଁମାନେ ଅସ୍ତ୍ରଶସ୍ତ୍ର ଉଠାଇବାର ଯୋଗ୍ୟ ନଥିଲେ ସେମାନଙ୍କୁ ଫେରାଇ ଦେଇଥିଲୁ । ତାପରେ ଆମେ ହୁସୈକାର ୟୁହୁଦୀମାନଙ୍କ ଆଡକୁ ପଦଚ୍ଚରଣ କରିଥିଲୁ । ସେ ସମୟରେ ହୁସୈକାର ୟୁହୁଦୀମାନେ ବାକି ଅନ୍ୟାନ୍ୟ ୟୁହୁଦୀମାନଙ୍କ ଉପରେ ପ୍ରଭାବଶାଳୀ ଥିଲେ । ତେଣୁ ଆମେ ସେମାନଙ୍କୁ ହତ୍ୟା କଲୁ । ଆପୋଷରେ ସେମାନଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ହୋଇଥିଲା । ସେଇଥିପାଇଁ ସେମାନେ କହିଲେ କି ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୋର ଏ ଆଶା କି ଯେତେବେଳେ ଆମେ କୁରୈଶ୍‌ର ମୁକାବିଲାରେ ରହିବୁ ସେତେବେଳେ ଅଲ୍ଲାଃତାଲା ଆପଣଙ୍କ ଆଖିକୁ ସେମାନଙ୍କ ଦ୍ୱାରା ଶୀତଳତା ପ୍ରଦାନ କରିବେ ଅର୍ଥାତ୍ ଆପଣ ସ:ଆ:ସଙ୍କୁ ମଧ୍ୟ ବିଜୟ ଲାଭ ହେବ ଯେଉଁଭଳି ପୂର୍ବବର୍ତୀ ସମୟରେ ଆମେ ଲାଭ କରିଥିଲୁ ।

ହଜ୍‌ରତ୍ ଖଲ୍ଲାଜ୍ ବିନ୍ ଉମ୍‌ରୋ କହୁଛନ୍ତି କି ଯେତେବେଳେ ଦିନ ଆରମ୍ଭ ହେଲା ସେତେବେଳେ ମୁଁ ଖୁର୍‌ବାଠାରେ ନିଜ ଘର ଲୋକଙ୍କ ନିକଟକୁ ଗଲି । ଖୁର୍‌ବା ହେଉଛି ସେହି ମହଲ୍ଲାର ନାମ ଯେଉଁଠି ବନୁ ସଲ୍‌ମାନଙ୍କ ଘର ଥିଲା । ସେ କହୁଛନ୍ତି ମୋ ବାପା ହଜ୍‌ରତ୍ ଉମ୍‌ରୋ ବିନ୍ ଜମୁହ୍ କହିଲେ କି ମୁଁ ଭାବୁଥିଲି ଯେ ତୁମେମାନେ ଯାଇସାରିଛି ବୋଲି । ପ୍ରଥମରେ ଯେଉଁ ରିୱାୟତ୍‌ଟି ବର୍ଣ୍ଣନା କରାଯାଇଥିଲା ସେଥିରେ ଏ ଲେଖା ଥିଲା ଯେ ତାଙ୍କ ବାପା ଉମ୍‌ରୋ ବିନ୍ ଜମୁହ୍‌ଙ୍କ ସହିତ ବଦର୍ ଯୁଦ୍ଧରେ ସେ ସାମିଲ୍ ହୋଇଥିଲେ କିନ୍ତୁ ଏହି ରିୱାୟତ୍‌ରୁ ଓ ପରବର୍ତୀ ରିୱାୟତ୍‌ରୁ ମଧ୍ୟ ଏକଥା ଜଣାପଡୁଛି ଯେ ତାଙ୍କ ବାପା ସାମିଲ୍ ନଥିଲେ । ସେ କହୁଛନ୍ତି କି ମୁଁ ତାଙ୍କୁ ବତାଇଲି ଯେ ରସୁଲୁଲ୍ଲାଃ ସ:ଆ:ସ ସୁକ୍‌ୟା ନାମକ କ୍ଷେତ୍ରଠାରେ ଲୋକମାନଙ୍କ ଅନୁଧ୍ୟାନ ଓ ଗଣନା କରାଉଛନ୍ତି । ଏଥିରେ ହଜ୍‌ରତ୍ ଉମ୍‌ରୋ ର:ଅ କହିଲେ କି କେଡେ ହିଁ ଉତମ ଶୁଭ କାର୍ଯ୍ୟ । ଇଶ୍ୱରଙ୍କ ରାଣ ! ମୁଁ ଏ ଆଶା ରଖୁଛି କି ତୁମେମାନେ ଗନିମତ୍ (ଯୁଦ୍ଧ ଜିତିବା ପରେ ହାରିଯାଇଥିବା ପକ୍ଷଙ୍କ ଧନସମ୍ପତି) ହାସଲ କରିବ ଏବଂ କୁରୈଶ୍‌ର ମୁସ୍‌ରିକ୍ ମାନଙ୍କ ଉପରେ ସଫଳତା ଲାଭ କରିବ । ଯେଉଁଦିନ ଆମେ ହୁସୈକା ଆଡକୁ ଗସ୍ତ କରିଥିଲୁ ଆମେ ମଧ୍ୟ ସେଠାରେ ଛାଉଣୀ ପକାଇଥିଲୁ । (ହଜୁର୍ ଅନୁୱର୍ କହୁଛନ୍ତି) ସେହି ପୁରୁଣା କଥାକୁ ଇଏ ମଧ୍ୟ ତସ୍‌ଦିକ୍ କରୁଛନ୍ତି, ଯାହା ପୂର୍ବରୁ ରିୱାୟତ୍‌ରେ ଆସିସାରିଛି ଯେ ୟୁହୁଦୀମାନଙ୍କ ମଧ୍ୟରେ ଆପୋଷରେ ଯୁଦ୍ଧ ହୋଇଥିଲା ।

ହଜ୍‌ରତ୍ ଖଲ୍ଲାଜ୍ ବର୍ଣ୍ଣନା କରୁଛନ୍ତି କି ଖୁଦାଙ୍କ ରସୁଲ୍ ସ:ଆ:ସ ହୁସୈକାର ନାମକୁ ପରିବର୍ତନ କରି ସୁକ୍‌ୟା ରଖିଦେଲେ । ମୋ ମନ ଭିତରେ ଏ ଇଛା ଥିଲା ଯେ ମୁଁ ସେହି ସୁକ୍‌ୟା ନାମକ ସ୍ଥାନକୁ କିଣିନେବି ବୋଲି କିନ୍ତୁ ମୋ ପୂର୍ବରୁ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ୍ ର:ଅ ତାକୁ ଦୁଇଟି ଓଟ ବଦଳରେ କିଣିନେଲେ ଓ କେତେକଙ୍କ ଅନୁସାରେ ସାତ ଉକିୟାଃ ଅର୍ଥାତ୍ ଦୁଇଶହ ଅଶୀ ଦିର୍‌ହମ୍ ବଦଳରେ (ଉକ୍ତ ସ୍ଥାନଟିକୁ) କିଣିନେଇଥିଲେ । ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ଏ ବିଷୟ କୁହାଗଲା ଏଥିରେ ଆପଣ ସ:ଆ:ସ କହିଲେ ରବିହିଲ୍ ବଇ ଅର୍ଥାତ୍ ଏହି ସଉଦା ବହୁତ ଲାଭପ୍ରଦ ସଉଦା । (କିତାବୁଲ୍ ମ୍ଗାଜି, ଖଣ୍ଡ-୧, ପୃଷ୍ଠା-୩୭-୩୮, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୧୩) (ମୋଅଜମୁଲ୍ ବୁଲଦାନ୍, ଖଣ୍ଡ-୩, ପୃଷ୍ଠା-୨୫୮ ''ସୁକ୍‌ୟା'', ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍) (ୱଫାଉଲ୍ ୱଫାଆ, ଖଣ୍ଡ-୩, ପୃଷ୍ଠା-୧୨୦୦ ''ଖୁର୍‌ବା'' ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୮୪) (ଲୁଗାତୁଲ୍ ହଦିସ୍, ପ୍ରଥମ ଖଣ୍ଡ, ପୃଷ୍ଠା-୮୨ ''ଉକିୟାଃ'' ମୁଦ୍ରଣ ଆଲା ଆସିଫ୍ ପ୍ରିଂଟର୍‌ସ୍, ଲାହୋର୍ ୨୦୦୫)

ହଜ୍‌ରତ୍ ଖଲ୍ଲାଜ୍‌ଙ୍କ ବାପା ହଜ୍‌ରତ୍ ଉମ୍‌ରୋ ବିନ୍ ଜମୁହ ବଦର୍ ଯୁଦ୍ଧରେ ସାମିଲ୍ ହୋଇନଥିଲେ । ଖଲ୍ଲାଜ୍ ଏବଂ ତାଙ୍କ ବାପା ହଜ୍‌ରତ୍ ଉମ୍‌ରୋ ବିନ୍ ଜମୁହ୍ ଏବଂ ହଜ୍‌ରତ୍ ଅବୁ ଅଇମନ୍ ତିନିଜଣଯାକ ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ ଏବଂ ଏହି ତିନିଜଣ ଯାକ ମଧ୍ୟ ଶହୀଦ୍ ହୋଇଥିଲେ । (ମୁସ୍‌ତଦରକ୍ ଅଲସ୍, ସହିହୀନ୍, ଖଣ୍ଡ-୩, ପୃଷ୍ଠା-୨୨୬, ପୁସ୍ତକ ମାରେଫତୁ ସାହାବା.... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୨) ଅର୍ଥାତ୍ ନିଜେ ମଧ୍ୟ ଓ ତାଙ୍କ ଭାଇ ମଧ୍ୟ ଓ ବାପା ମଧ୍ୟ ତିନିଜଣଯାକ ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ତାଙ୍କ ବାପା ବଦର୍ ଯୁଦ୍ଧରେ ସାମିଲ୍ ହୋଇନଥିଲେ । ସାମିଲ୍ ହେବାପାଇଁ ତାଙ୍କର ଇଛା ଥିଲା । କିନ୍ତୁ ତାଙ୍କ ଗୋଡର ଅସୁବିଧା ଯୋଗୁଁ, ତାଙ୍କର ଗୋଟିଏ ଗୋଡ ଛୋଟା ଥିଲା । ଠିକ୍ ନଥିଲା । ଭିନ୍ନକ୍ଷମ ଥିଲେ । ସେଇଥିପାଇଁ ତାଙ୍କୁ ବଦର୍ ଯୁଦ୍ଧରେ ସାମିଲ୍ ହେବା ପାଇଁ ତାଙ୍କ ପିଲାମାନେ ରୋକି ଦେଇଥିଲେ ।

ହଜ୍‌ରତ୍ ଖଲ୍ଲାଜ୍ ର:ଅଙ୍କ ବାପା ହଜ୍‌ରତ୍ ଉମ୍‌ରେ ବିନ୍ ଜମୁହ୍ ର:ଅଙ୍କ ସମ୍ବନ୍ଧରେ ମଧ୍ୟ ଆସୁଛି କି ବଦର୍ ଅବସରରେ ହଜୁର୍ ସ:ଆ:ସ ଜିହାଦ୍ କରିବା ପାଇଁ ତେହ୍‌ରିକ୍ କଲେ । ଉମ୍‌ରୋ ର:ଅଙ୍କ ଗୋଡରେ କଷ୍ଟ ଥିବା ଯୋଗୁ ତାଙ୍କ ପିଲାମାନେ ତାଙ୍କୁ ଯୁଦ୍ଧରେ ସାମିଲ୍ ହେବାକୁ ଦେଲେ ନାହିଁ । ଅଲ୍ଲାଃତାଲା ମଧ୍ୟ ଭିନ୍ନକ୍ଷମଙ୍କୁ ଯୁଦ୍ଧରୁ ବିରତି ପ୍ରଦାନ କରିଛନ୍ତି । ସେଥିଯୋଗୁ ତାଙ୍କ ପିଲାମାନେ ମଧ୍ୟ ତାଙ୍କୁ ରୋକି ଦେଇଥିଲେ । ଆମେ ତ ଚାରିଜଣ ପୁଅପିଲା ଯାଉଅଛୁ ତେବେ ପୁଣି ଆପଣଙ୍କୁ କଣ ଆବଶ୍ୟକ ଅଛି । ଯେବେ କି ଅଲ୍ଲାଃତାଲାଙ୍କ ତରଫରୁ ଆପଣଙ୍କୁ ଛୁଟି ମିଳିଛି ଏବଂ ସେ ପୁଣି ତାଙ୍କର ଇଛା ଥିବା ସତ୍ୱେ ମଧ୍ୟ ତାଙ୍କ ପିଲାମାନଙ୍କ କହିବାରେ ସେ ବଦର୍ ଯୁଦ୍ଧରେ ସାମିଲ୍ ହୋଇନଥିଲେ କିନ୍ତୁ ଯେତେବେଳେ ୱହଦ୍‌ର ସମୟ ଆସିଲା ସେତେବେଳେ ଉମ୍‌ରୋ ନିଜ ପିଲାମାନଙ୍କୁ କହିଲେ କି ତୁମେମାନେ ମୋତେ ବଦର୍ ଯୁଦ୍ଧରେ ସାମିଲ୍ ହେବାପାଇଁ ଦେଇନଥିଲି । ବର୍ତମାନ ୱହଦ୍‌ର ଅବସର ଆସିଛି ତେଣୁ ମୋତେ ରୋକି ପାରିବ ନାହିଁ । ମୁଁ ନିଶ୍ଚିତ ରୂପେ ଯିବି ଏବଂ ୱହଦ୍‌ରେ ଯୋଗ ଦେବି । ସେ ଯାହା ହେଉ ସେ କହିଲେ ବର୍ତମାନ ତୁମେ ମୋତେ ରୋକି ପାରିବ ନାହିଁ ଓ ମୁଁ ନିଶ୍ଚିତ ରୂପେ ସେଥିରେ ସାମିଲ୍ ହେବି । ଏଥିରେ ତାଙ୍କ ପିଲାମାନେ ତାଙ୍କୁ ଭିନ୍ନକ୍ଷମ ହୋଇଥିବା ଯୋଗୁ ରୋକିବାକୁ ଚାହିଁଥିଲେ । କିନ୍ତୁ ସେ ନିଜେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ହାଜିର୍ ହେଲେ କି ମୁଁ ନିଜେ ହିଁ ହଜୁର୍‌ଙ୍କ ଠାରୁ ଅନୁମତି ନେଇନେବି । ସୁତରାଂ ସେ ହଜୁର୍‌ଙ୍କ ଗୋଚରେ ଉପସ୍ଥିତ ହୋଇ କହିଲେ କି ଏଥରକ ମଧ୍ୟ ମୋ ପୁଅମାନେ ମୋତେ ଜିହାଦ୍ କରିବାରୁ ରୋକିବାକୁ ଚାହୁଁଛନ୍ତି । ପ୍ରଥମେ ବଦର୍‌ରେ ରୋକିଥିଲେ । ଏବେ ୱହଦ୍‌କୁ ମଧ୍ୟ ଯିବାକୁ ଦେଉନାହାଁନ୍ତି କିନ୍ତୁ ମୁଁ ଆପଣ ସ:ଆ:ସଙ୍କ ସହିତ ଏହି ଯୁଦ୍ଧରେ ସାମିଲ୍ ହେବାକୁ ଚାହୁଁଛି । ପୁଣି ସେ କହିଲେ କି ଖୁଦାଙ୍କ ରାଣ ! ମୁଁ ଆଶା ରଖୁଛି ଯେ ଅଲ୍ଲାଃତାଲା ମୋ ମନୋବାଞ୍ଛାକୁ ଗ୍ରହଣ କରିବ ଏବଂ

ମୋତେ ଶାହାଦତ୍ ପ୍ରଦାନ କରିବ ଓ ମୁଁ ନିଜର ଏହି ଛୋଟା ଗୋଡ ସହିତ ଜନ୍ନତ୍ (ସ୍ୱର୍ଗ)ରେ ଦାଖିଲ୍ ହୋଇଯିବି ।

ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ହେ ଉମ୍‌ରୋ! ନିଶ୍ଚିତ ରୂପେ ଅଲ୍ଲାଃତାଲାଙ୍କୁ ତୁମର ଭିନ୍ନକ୍ଷମ ଗ୍ରହଣୀୟ ଏବଂ ଆପଣଙ୍କ ପାଇଁ ଜିହାଦ୍ କରିବା ଫର୍ଜ୍ (ଧାର୍ଯ୍ୟ) ନାହିଁ । କିନ୍ତୁ ତାଙ୍କ ପିଲାମାନଙ୍କୁ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ତୁମେମାନେ ତାଙ୍କୁ ପୁଣ୍ୟକାର୍ଯ୍ୟ କରିବାରୁ ରୋକନାହିଁ । ତାଙ୍କର ଯଦି ଏପରି ସଦିଚ୍ଛା ଓ ଆନ୍ତରିକ ଇଚ୍ଛା ଅଛି ତେବେ ତାଙ୍କୁ ଏହା ପୂରଣ କରିବାକୁ ଦିଅ । କାଳେ ଅଲ୍ଲାଃତାଲା ତାଙ୍କୁ ଶାହାଦତ୍ ପ୍ରଦାନ କରିବେ । ସୁତରାଂ ହଜ୍‌ରତ୍ ଉମ୍‌ରୋ ନିଜର ଅସ୍ତ୍ରଶସ୍ତ୍ର ନେଇ ଏ ପ୍ରାର୍ଥନା କରି କରି ଓ୍ୱହଦ୍‌ର ଯୁଦ୍ଧଭୂମି ଆଡକୁ ଅଗ୍ରସର ହେଲେ । *ଅଲ୍ଲାହୁମ୍ମର୍ ଜୁକ୍‌ନି ଶାହାଦତା ଓ୍ୱଲା ତରୁଦ୍ଦନି ଇଲା ଅହ୍‌ଲି ଖାଇବନ୍* ଅର୍ଥାତ୍ ହେ ଅଲ୍ଲାଃ ! ମୋତେ ଶାହାଦତ୍ ପ୍ରଦାନ କରିବ ଓ ମୋତେ ନିଜ ଘରକୁ ଅସଫଳ କରାଇ ଫେରାଇ ନେବନାହିଁ । ଅଲ୍ଲାଃତାଲା ମଧ୍ୟ ତାଙ୍କର ଏହି ପ୍ରାର୍ଥନାକୁ ଗ୍ରହଣ କଲେ । ଫଳତଃ ସେ ସେଠାରେ ଶହୀଦ୍ ହେଲେ । (ଉସଦୁଲ୍ ଗାବା, ଖଣ୍ଡ-୪, ପୃଷ୍ଠା-୧୯୫-୧୯୬, ''ଖୁଲ୍ଲାଜ୍ ବିନ୍ ଉମ୍‌ରୋ'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)

ହଜ୍‌ରତ୍ ଖଲ୍ଲାଜ୍‌ଙ୍କ ମା ହଜ୍‌ରତ୍ ହିନ୍ଦ୍ ବିନ୍‌ତେ ଉମ୍‌ରୋ (ତାଙ୍କ ବାପାଙ୍କ ନାମ ମଧ୍ୟ ଉମ୍‌ରୋ ଥିଲା ଓ ସ୍ୱାମୀଙ୍କ ନାମ ମଧ୍ୟ । ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃଙ୍କର ସେ ଫୁପି (ପିଉସୀ) ଥିଲେ । ଓ୍ୱହଦ୍ ଯୁଦ୍ଧରେ ହଜ୍‌ରତ୍ ହିନ୍ଦ୍ ନିଜର ସ୍ୱାମୀ, ନିଜ ପୁତ୍ର ଏବଂ ନିଜ ଭାଇଙ୍କୁ ଶହୀଦ୍ ହେବାପରେ ଓଟ ଉପରେ ଲଦିଲେ । ପୁଣି ଯେତେବେଳେ ସେମାନଙ୍କ ସମ୍ବନ୍ଧରେ ନିର୍ଦ୍ଦେଶ ମିଳିଲା ସେତେବେଳେ ସେମାନଙ୍କୁ ଓ୍ୱହଦ୍‌କୁ ଫେରାଇ ଦିଆଗଲା ଏବଂ ସେମାନେ ସେଠି ଓ୍ୱହଦ୍‌ଠାରେ ହିଁ ଦଫନ୍ ହେଲେ । (ଅସାବା, ଖଣ୍ଡ-୨, ପୃଷ୍ଠା-୨୮୭, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୫)

ଯେତେବେଳେ ଜାଣିଲେ ଯେ ସେମାନେ ଶହୀଦ୍ ହୋଇଯାଇଛନ୍ତି ବୋଲି ସେତେବେଳେ ସେ ଉକ୍ତ ତିନିଜଣଙ୍କୁ ମଦିନା ନେଇ ଆସିଥିଲେ । କିନ୍ତୁ ପୁଣି ଫେରାଇ ନେଇଗଲେ ।ଏହାର ବ୍ୟାଖ୍ୟା ଆଗକୁ ବର୍ଣ୍ଣନା କରାଯାଇଛି । ଏହା ଇଶ୍ୱରଙ୍କର ଇଚ୍ଛା ଥିଲା ଯେ ଏହି ଶହୀଦ୍ ହୋଇଥିବା ବ୍ୟକ୍ତିମାନେ  ଓ୍ୱହଦ୍‌ଠାରେ ହିଁ ଦଫନ୍ ହୁଅନ୍ତୁ । ଏହି ଘଟଣାଟିର ବ୍ୟାଖ୍ୟା ଏପରି ମିଳୁଛି କି ହଜ୍‌ରତ୍ ଆଇଶା ର:ଅ ଓ୍ୱହଦ୍ ଯୁଦ୍ଧ ସମ୍ବନ୍ଧରେ ଖବର ନେବାପାଇଁ ମଦିନାର ମହିଳାମାନଙ୍କ ସହିତ ବାହାରକୁ ବାହାରିଲେ । ସେପର୍ଯ୍ୟନ୍ତ ପର୍ଦ୍ଦାର ନିର୍ଦ୍ଦେଶ ଅବତୀର୍ଣ୍ଣ ହୋଇନଥିଲା । ଯେତେବେଳେ ସେ (ହଜ୍‌ରତ୍ ଆଇସା) ହୁର୍‌ରାଃ ନାମକ ସ୍ଥାନଠାରେ ପହଂଚିଲେ ସେଠାରେ ତାଙ୍କ ସହିତ ହିନ୍ଦ୍ ବିନ୍‌ତ୍ ଉମ୍‌ରୋଙ୍କ ସଙ୍ଗେ ସାକ୍ଷାତ୍ ହେଲା ଯିଏ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋଙ୍କ ଭଉଣୀ ଥିଲେ । ହଜ୍‌ରତ୍ ହିନ୍ଦ୍ ନିଜର ଓଟଟିକୁ ଘଉଡାଇ ଆଣୁଥିଲେ । ସେହି ଓଟ ଉପରେ ତାଙ୍କ ସ୍ୱାମୀ- ହଜ୍‌ରତ୍ ଉମ୍‌ରୋ ବିନ୍ ଜମୁହ୍, ପୁତ୍ର- ହଜ୍‌ରତ୍ ଖଲ୍ଲାଜ୍ ବିନ୍ ଉମ୍‌ରୋ ଏବଂ ଭାଇ-ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋଙ୍କ ଲାସ୍ ଥିଲା । ଯେତେବେଳେ ହଜ୍‌ରତ୍ ଆଇଶା ର:ଅ ଯୁଦ୍ଧକ୍ଷେତ୍ରର ଖବର ଜାଣିବାକୁ ଚେଷ୍ଟା କଲେ ସେତେବେଳେ ହଜ୍‌ରତ୍ ଆଇଶା ତାଙ୍କୁ ପଚାରିଲେ ଯେ  କଣ ତୁମେ କିଛି ଜାଣିଛି କି ତୁମେ ତୁମ ପଛରେ ଲୋକମାନଙ୍କୁ କେଉଁ ଅବସ୍ଥାରେ ଛାଡି ଆସିଛ ? ଏହାର ଉତରରେ ହଜ୍‌ରତ୍ ହିନ୍ଦ୍ କହିଲେ କି ରସୁଲୁଲ୍ଲାଃ ସ:ଆ:ସ କୁଶଳ ଓ ମଙ୍ଗଳ ଅଛନ୍ତି ଏବଂ ଆପଣ ସ:ଆ:ସଙ୍କ ପରେ ସମସ୍ତ ବିପତି ସହଜ ହୋଇଯାଇଛି । ଯେତେବେଳେ ଆପଣ ସ:ଆ:ସ ଠିକ ଅଛନ୍ତି ତେବେ କୌଣସି କଥା ନାହିଁ । ଏହାପରେ ହଜ୍‌ରତ୍ ହିନ୍ଦ୍ ନିମ୍ନଲିଖିତ ଆୟତଟିକୁ ପାଠ କଲେ । *ଓ୍ୱରଦ୍ଦଲ୍ଲାହୁଲ ଲଜିନା କଫରୁ ବିଗୈଜିହିମ୍ ଲମ୍ ୟନାଲୁ ଖୈରନ୍ ଓ୍ୱ କଫଲ୍ଲାହୁଲ୍ ମୁମିନୀନଲ୍ କିତାଲ୍ ଓ୍ୱକାନଲ୍ଲାହୁ କଓ୍ୱିୟନ୍ ଅଜିଜା* (ଅହ୍‌ଜାବ୍:୨୬) ଅର୍ଥାତ୍- ଏବଂ (ବାସ୍ତବରେ) ଅଲ୍ଲାଃ ଅବିଶ୍ୱାସକାରୀମାନଙ୍କୁ ସେମାନଙ୍କ କ୍ରୋଧ ସମେତ (ମଦିନାରୁ) ଫେରାଇ ଦେଇଥିଲେ; ଏବଂ ସେମାନଙ୍କୁ କୌଣସି ପ୍ରକାର ଲାଭ ମିଳିନଥିଲା; ଏବଂ ଅଲ୍ଲାଃ ବିଶ୍ୱାସକାରୀମାନଙ୍କ ପକ୍ଷରୁ ନିଜେ ଯୁଦ୍ଧ କରିଥିଲେ; ଏବଂ ଅଲ୍ଲା ହିଁ ଶକ୍ତିଶାଳୀ (ଓ) ପରାକ୍ରମୀ

ହଜ୍‌ରତ୍ ଆଇଶା ର:ଅ ପଚାରିଲେ କି ଏହି ଓଟ ଉପରେ କେଉଁମାନେ ଅଛନ୍ତି ? ସେତେବେଳେ ହଜ୍‌ରତ୍ ହିନ୍ଦ୍ ବତାଇଲେ ଯେ ମୋ ଭାଇ, ମୋ ପୁତ୍ର ଖଲ୍ଲାଜ୍ ଏବଂ ମୋ ସ୍ୱାମୀ ଉମ୍‌ରୋ ବିନ୍ ଜମୁହ୍ । ହଜ୍‌ରତ୍ ଆଇଶା ପଋରିଲେ କି ତୁମେ ଏମାନଙ୍କୁ କେଉଁଆଡେ ନେଇଯାଉଅଛ ? ଏଥିରେ ସେ କହିଲେ ଯେ ଏମାନଙ୍କୁ ଦଫନ୍ କରିବା ପାଇଁ ମଦିନା ନେଇ ଯାଉଅଛି । ପୁଣି ସେ ନିଜର ଓଟଟିକୁ ଯେତେବେଳେ ଘଉଡାଇବାକୁ ଲାଗିଲେ ସେତେବେଳେ ଓଟଟି ସେଠାରେ ଭୂମି ଉପରେ ବସିଗଲା ।  ହଜ୍‌ରତ୍ ଆଇଶା ର:ଅ କହିଲେ ଯେ ତା ଉପରେ ଅଧିକ ଓଜନ ପଡିଛି । ଏଥିରେ ହଜ୍‌ରତ୍ ହିନ୍ଦ୍ କହିଲେ- ଇଏ ତ ଦୁଇଟି ଓଟର ଓଜନ ଉଠାଇନିଏ କିନ୍ତୁ ବର୍ତମାନ ସେ ସମ୍ପୂର୍ଣ୍ଣ ରୂପେ ଏହାର ଓଲଟା କରୁଅଛି । ପୁଣି ସେ ଓଟଟିକୁ ପାଟି କଲାଠୁ ଓଟଟି ଉଠି ଛିଡା ହୋଇଗଲା । ଯେବେ ସେ ଓଟଟିର ମୁହଁ ମଦିନା ଆଡକୁ କଲେ ଏଥିରେ ପୁଣି ସେ ବସିପଡିଲା । ପୁଣି ଯେତେବେଳେ ସେ ତାର ମୁହଁଟିକୁ ଓ୍ୱହଦ୍ ଆଡକୁ କଲେ ଓଟଟି ଶିଘ୍ରଶିଘ୍ର ଚାଲିବାକୁ ଲାଗିଲା । ପୁଣି ହଜ୍‌ରତ୍ ହିନ୍ଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଆସି ଏହି ସମସ୍ତ ଘଟଣା ଜଣାଇଲେ । ଏଥିରେ ଆପଣ ସ:ଆ:ସ କହିଲେ କି ଏହି ଓଟଟିକୁ ମାମୁର୍ (ନିୟୋଜିତ) କରାଯାଇଛି ଅର୍ଥାତ୍ ତାକୁ ଅଲ୍ଲାଃତାଲାଙ୍କ ତରଫରୁ ଏହି କାର୍ଯ୍ୟରେ ଲଗାଯାଇଥିଲା କି ସେ ମଦିନା ଆଡକୁ ନଯାଉ ବରଂ ଓ୍ୱହଦ୍ ଆଡକୁ ଯାଉ । କହିଲେ କି କଣ ତୁମ ସ୍ୱାମୀ ଯୁଦ୍ଧକୁ ଯିବା ପୂର୍ବରୁ ତୁମକୁ କିଛି କହିଥିଲେ ? ଏଥିରେ ସେ କହିଲେ ଯେତେବେଳେ ଉମ୍‌ରୋ ଓ୍ୱହଦ୍ ଆଡକୁ ଯିବାକୁ ବାହାରିଥିଲେ ସେତେବେଳେ ସେ କିବ୍‌ଲା ମୁହାଁ ହୋଇ ଏହା କହିଥିଲେ କି ହେ ଅଲ୍ଲାଃ ! ମୋତେ ମୋ ଘରଲୋକଙ୍କ ସମ୍ମୁଖରେ ଲଜ୍ଜିତ କରି ଫେରାଇବ ନାହିଁ ଓ ମୋ ଭାଗ୍ୟରେ ଶାହାଦତ୍ ପ୍ରଦାନ କର । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ କି ସେଇଥିପାଇଁ ଓଟଟି ଚାଲୁନଥିଲା ଏବଂ କହିଲେ ହେ ଅନ୍‌ସାର୍‌ମାନଙ୍କ ଗୋଷ୍ଠୀ! ତୁମମାନଙ୍କ ମଧ୍ୟରୁ କିଛି ଏପରି ପୁଣ୍ୟବନ୍ତ ଲୋକ ଅଛନ୍ତି ଯଦି ସେମାନେ ଇଶ୍ୱରଙ୍କର ରାଣ ଖାଇ କୌଣସି କଥା କହିଦେବେ ତେବେ ଇଶ୍ୱର ସେମାନଙ୍କର ସେହି କଥାକୁ ନିଶ୍ଚିତ ରୂପେ ପୂରଣ କରିଥାଏ ଏବଂ ଉମ୍‌ରୋ ବିନ୍ ଜମୁହ୍ ମଧ୍ୟ ସେମାନଙ୍କ ମଧ୍ୟରୁ ଜଣେ ଥିଲେ । ପୁଣି ଆପଣ ସ:ଆ:ସ ଉମ୍‌ରୋ ବିନ୍ ଜମୁହ୍‌ଙ୍କ ସ୍ତ୍ରୀଙ୍କୁ ପଚାରିଲେ ଯେ ହେ ହିନ୍ଦ୍ ! ଯେବେଠାରୁ ତୁମ ଭାଇ ଶହୀଦ୍ ହେଲେଣି ସେବେଠାରୁ ଫରିସ୍ତା ତାଙ୍କ ଉପରେ ଛାଇକରି ରହିଛନ୍ତି ଓ ଏ ଅପେକ୍ଷାରେ ରହିଛନ୍ତି କି ତାଙ୍କୁ କେଉଁଠି ଦଫନ କରାଯିବ । ରସୁଲୁଲ୍ଲାଃ ସ:ଆ:ସ ଉକ୍ତ ଶହୀଦ୍ ହୋଇଥିବା ଲୋକମାନଙ୍କର ତଦ୍‌ଫିନ୍ ପର୍ଯ୍ୟନ୍ତ ସେଠାରେ ହିଁ ରହିଲେ । ପୁଣି କହିଲେ- ହେ ହିନ୍ଦ୍ ! ଉମ୍‌ରୋ ବିନ୍ ଜମୁହ୍, ତୁମ ପୁତ୍ର ଖଲ୍ଲାଜ୍ ଏବଂ ତୁମ ଭାଇ ଅବ୍‌ଦୁଲ୍ଲାଃ ସ୍ୱର୍ଗରେ ଏକାଠି ବନ୍ଧୁଙ୍କ ପରି ଅଛନ୍ତି । ଏଥିରେ ହିନ୍ଦ୍ କହିଲେ କି ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୋ ପାଇଁ ମଧ୍ୟ ଦୁଆ କରନ୍ତୁ ଯେ ଅଲ୍ଲାଃତାଲା ମୋତେ ମଧ୍ୟ ସେମାନଙ୍କର ସହଋରୀ କରି ସେମାନଙ୍କ ନିକଟରେ ପହଂଚାଇଦେଉ । (କିତାବୁଲ୍ ମଗାଜି, ପ୍ରଥମ ଖଣ୍ଡ, ପୃଷ୍ଠା-୨୩୨-୨୩୩, ଗଜ୍‌ଓ୍ୱାଏ ଓ୍ୱହଦ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୧୩) ।

ଅନ୍ୟ ଯେଉଁ ସାହାବୀଙ୍କର ଏଠାରେ ଚର୍ଚ୍ଚା କରାଯିବ ସେ ହେଉଛନ୍ତି ହଜ୍‌ରତ୍ ଉକ୍‌ବା ମିନ୍ ଆମିର୍, ତାଙ୍କ ମାଆଙ୍କ ନାମ ଫକିହା ବିନ୍‌ତ୍ ସକନ୍ ଥିଲା ଏବଂ ବାପା ଆମିର୍ ବିନ୍ ନାବି ଥିଲେ । ତାଙ୍କ ମାଆ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିଥିଲେ ଓ ଆପଣ ସ:ଆ:ସଙ୍କ ବୟତ୍ କରିଥିଲେ । ହଜ୍‌ରତ୍ ଉକ୍‌ବା ବିନ୍ ଆମିର୍ ସେହି ଛଅଜଣ ଅନ୍‌ସାରମାନଙ୍କ ମଧ୍ୟରେ ଥିଲେ ଯେଉଁମାନେ ସର୍ବପ୍ରଥମେ ମକାରେ ଇମାନ୍ ଆଣିଥିଲେ ଏବଂ ପରେ ସେ ବୟତ୍ ଉକ୍‌ବାରେ ସାମିଲ୍ ମଧ୍ୟ ହୋଇଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୮, ଉକ୍‌ବା ବିନ୍ ଆମିର୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୦) (ତବକାତୁଲ୍ କୁବ୍‌ରା, ଖଣ୍ଡ-୮, ପୃଷ୍ଠା-୩୦୧, ଫକିହା ବିନ୍‌ତ୍ ସକନ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୦)

ଏହାର କିଛି ବ୍ୟାଖ୍ୟା ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ସିରତ୍ ଖାତମୁନ୍ ନବିଇନ୍‌ରେ ଲେଖିଛନ୍ତି ଯେ କିଭଳି ଆଁ ହଜ୍‌ରତ୍ ସ:ଆ:ସଙ୍କ ଚେଷ୍ଟାରେ ମଦିନାରେ ଇସ୍‌ଲାମ୍‌ର ବାର୍ତା ପହଂଚିଥିଲା । ସେ କହୁଛନ୍ତି:- ଏହାପରେ ଆଁ ହଜ୍‌ରତ୍ ସ:ଆ:ସ ପୂର୍ବପରି ମକାରେ ଅଶ୍‌ହୁର୍ ହୁରମ୍ ଭିତରେ କବିଲା ଗୁଡିକ ନିକଟକୁ ଯାଉଥିଲେ । ଯେତେବେଳେ ଆପଣ ଏକଥା ଜାଣିପାରିଲେ ଯେ ୟସ୍‌ରବ୍‌ର ଜଣେ ପ୍ରସିଦ୍ଧ ବ୍ୟକ୍ତି ସୁଓ୍ୱେଦ୍ ବିନ୍ ସାମତ୍ ମକା ଆସିଛନ୍ତି । ସୁଓ୍ୱେଦ୍ ମଦିନାର ଜଣେ ପ୍ରସିଦ୍ଧ ବ୍ୟକ୍ତି ଥିଲେ । ନିଜର ବାହାଦୁରି ଓ ଅନ୍ୟାନ୍ୟ ବିଶେଷ ଗୁଣ ଯୋଗୁ ''କାମିଲ'' ଅର୍ଥାତ୍ ସ୍ୱୟଂସମ୍ପୂର୍ଣ୍ଣ ବୋଲାଉଥିଲା ଓ ସେ ଜଣେ କବି ମଧ୍ୟ ଥିଲା । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କର ଠିକଣା ଖୋଜି ତାଙ୍କ ରହିବା ସ୍ଥାନରେ ପହଂଚିଲେ ଏବଂ ତାଙ୍କୁ ଇସ୍‌ଲାମ୍‌ର ନିମନ୍ତ୍ରଣ କଲେ । ଏଥିରେ ସେ କହିଲା କି ମୋ ନିକଟରେ ମଧ୍ୟ ଏକ ବିଶେଷ ବାଣୀ ରହିଛି ଯାହାର ନାମ ହେଉଛି ମଜଲ୍ଲାଃ ଲୁକ୍‌ମାନ୍ । ଆପଣ ସ:ଆ:ସ କହିଲେ ଯେଉଁବାଣୀ ତୁମ ନିକଟରେ ଅଛି ସେଥିରୁ କିଛି ମୋତେ ଶୁଣାଓ । ଏଥିରେ ସୁଓ୍ୱେଦ୍ ଉକ୍ତ ପୁସ୍ତକର କିଛି ଭାଗ ଶୁଣାଇଲା । ଆପଣ ସ:ଆ:ସ ତାଙ୍କର ପ୍ରଶଂସା କଲେ ଅର୍ଥାତ୍ ଯାହାକିଛି ଶୁଣାଯାଇଥିଲା ସେଥିରେ ଭଲ କଥା ଥିଲା । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ମୋ ନିକଟରେ ଯେଉଁ ବାଣୀ ରହିଛି ତାହା ବହୁତ ଉତମ ଏବଂ ଉଚ୍ଚତମ ଅଟେ । ସୁତରାଂ ପୁଣି ଆପଣ ସ:ଆ:ସ ପବିତ୍ର କୋରାନ୍‌ର ଗୋଟିଏ ଅଂଶ ତାଙ୍କୁ ପଢ଼ି ଶୁଣାଇଲେ । ଯେତେବେଳେ ଆପଣ ପଢ଼ିସାରିଲେ ଏହା ଶୁଣି ସେ କହିଲା ହଁ ବାସ୍ତବରେ ଏହା ବହୁତ ଭଲ ବାଣୀ ଅଟେ ଏବଂ ଯଦିଚ ସେ ମୁସଲ୍‌ମାନ୍ ହେଲାନାହିଁ କିନ୍ତୁ ମୋଟାମୋଟି ରୂପେ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ତସ୍‌ଦିକ୍(ସମର୍ଥନ) କଲା ଏବଂ ଆପଣ ସ:ଆ:ସଙ୍କୁ ମିଥ୍ୟାବାଦୀ ଅଭିହିତ କଲାନାହିଁ । କିନ୍ତୁ ଦୁଃଖର କଥା ଏହା କି ସେ ମଦିନା ଫେରିଯିବା ପରେ ତାକୁ ଅଧିକା ସମୟ ମିଳିଲା ନାହିଁ ଏବଂ ସେ ଖୁବ୍ ଶିଘ୍ର କୌଣସି ଏକ ଗଣ୍ଡଗୋଳରେ ହତ୍ୟା ହୋଇ ମରିଗଲା । ଏହା ବୁଆସ ଯୁଦ୍ଧ ପୂର୍ବର କଥା ।

ଏହାପରେ ସେହି ସମୟ ନିକଟରେ ଅର୍ଥାତ୍ ବୁଆସ୍ ଯୁଦ୍ଧ ପୂର୍ବରୁ ଆପଣ ସ:ଆ:ସ ପୁଣି ଥରେ ହଜ୍ ଅବସରରେ କବିଲା ଗୁଡିକ ନିକଟକୁ ଗସ୍ତ କରୁଥିଲେ ଯେ  ଅଚାନକ ଆପଣଙ୍କ ଦୃଷ୍ଟି କିଛି ଅପରିଚିତ ଲୋକମାନଙ୍କ ଉପରେ ପଡ଼ିଲା । ସେମାନେ କବିଲା ଅଓସ୍‌ରେ ଥିଲେ ଏବଂ ନିଜର ପିତୁଳା ପୂଜକ ଶତ୍ରୁ ଅର୍ଥାତ୍ ଖଜ୍‌ରଜ୍‌ର ବିରୋଧରେ କୁରୈଶ୍‌ଙ୍କ ନିକଟରୁ ସାହାଯ୍ୟ ମାଗିବା ପାଇଁ ଆସିଥିଲେ । ଏହା ମଧ୍ୟ ବୁଆସ୍ ଯୁଦ୍ଧ ପୂର୍ବର ଘଟଣା ଅଟେ । ଅର୍ଥାତ୍ ଏହି ସାହାଯ୍ୟ ସହଯୋଗ ମାଗିବା ଉକ୍ତ ଯୁଦ୍ଧ ପ୍ରସ୍ତୁତିର ଏକ ଅଂଶବିଶେଷ ଥିଲା । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ନିକଟକୁ ଗଲେ ଏବଂ ଇସ୍‌ଲାମ୍ ପ୍ରତି ନିମନ୍ତ୍ରଣ ଦେଲେ । ଆପଣ ସ:ଆ:ସଙ୍କ ଭାଷଣ ଶୁଣି ଇୟାସ୍ ନାମକ ଜଣେ ଯୁବକ ଅଚାନକ କହି ଉଠିଲା ଯେ ଇଶ୍ୱରଙ୍କ  ରାଣ ! ଯେଉଁଆଡକୁ ଏହି ବ୍ୟକ୍ତିଜଣକ ଅର୍ଥାତ୍ ମୁହମ୍ମଦ୍ ସ:ଆ:ସ ଆମକୁ ଡାକୁଛନ୍ତି ତାହା ସେହି କାର୍ଯ୍ୟଠାରୁ ଉତମ ଅଟେ ଯେଉଁଥିପାଇଁ ଆମେ ଏଠାକୁ ଆସିଛେ । ଅର୍ଥାତ୍ ଯୁଦ୍ଧ ନିମନ୍ତେ ସାହାଯ୍ୟ ମାଗିବା ପରିବର୍ତେ ଏହା ଆମପାଇଁ ଉତମ ହେବ କି ଆମେ ଅଲ୍ଲାଃତାଲାଙ୍କ ଆଡକୁ ଫେରିଯିବା କିନ୍ତୁ ସେହି ଗୋଷ୍ଠୀର ସର୍ଦ୍ଦାର ମୁଠାଏ ଗୋଡି ଉଠାଇ ତା ମୁହଁକୁ ଫୋପାଡି କହିଲା ଚୁପ୍ ରୁହ । ଆମେ ଏ କାର୍ଯ୍ୟ ପାଇଁ ଏଠକୁ ଆସିନାହୁଁ । ସୁତରାଂ ଏହିପରି ସେହ ମାମଲାଟି ସେହିଠାରେ ହିଁ ଦବିଗଲା । କିନ୍ତୁ ଲେଖା ଅଛି କି ଇୟାସ୍ ଯେତେବେଳେ ନିଜ ମାତୃଭୂମିକୁ ଫେରିଗଲା ଓ ଯେତେବେଳେ ମୃତ୍ୟୁର ନିକଟତର ହେଲା ସେତେବେଳେ ତାଙ୍କ ମୁହଁରେ କଲ୍‌ମା ତୌହିଦ୍ (ଏକଶ୍ୱରବାଦର ସ୍ୱୀକାରୋକ୍ତି ବାଣୀ) ଜାରି ରହିଥିଲା ।

ଏହାର କିଛି ଦିନ ପରେ ଯେତେବେଳେ ବୁଆସ୍ ଯୁଦ୍ଧର ପରିସମାପ୍ତି ହେଲା ଏଗାର ନବୱି ରଜବ ମାସରେ ଆଁ ହଜ୍‌ରତ୍ ସ:ଆ:ସଙ୍କର ଭେଟ ୟସ୍‌ରବ୍‌ର କିଛି ଲୋକମାନଙ୍କ ସହିତ ହେଲା । ଏହା ନବୁଓ୍ୱତ୍‌ର ଏଗାରତମ ବର୍ଷର କଥା । ଆପଣ ସ:ଆ:ସ ତାଙ୍କ ସମ୍ବନ୍ଧରେ ଯେତେବେଳେ ପଚାରି ବୁଝିଲେ ଜାଣିପାରିଲେ ଯେ ସେମାନେ ହେଉଛନ୍ତି ଖଜ୍‌ରଜ୍‌ର ଲୋକେ ଓ ୟସ୍‌ରବ୍‌ରୁ ଆସିଛନ୍ତି । ଆଁ ହଜ୍‌ରତ୍ ସ:ଆ:ସ ଅତ୍ୟନ୍ତ ସ୍ନେହର ସହିତ କହିଲେ ''କଣ ଆପଣମାନେ ମୋର କିଛି କଥା ଶୁଣିପାରିବେ ? ଏଥିରେ ସେ କହିଲେ''ହଁ ! ଆପଣ କଣ କହିବେ ?'' ଏଥିରେ ଆପଣ ସ:ଆ:ସ ବସିପଡିଲେ ଏବଂ ସେମାନଙ୍କୁ ଇସ୍‌ଲାମ୍‌ର ନିମନ୍ତ୍ରଣ ଦେଲେ ଓ ପବିତ୍ର କୋରାନ୍‌ର କିଛି ଆୟତ୍ ଶୁଣାଇ ନିଜ ମିଶନ୍‌କୁ ଆରମ୍ଭ କଲେ । ସେ

ଲୋକମାନେ ଜଣେ ଅନ୍ୟଜଣକ ମୁହଁକୁ ଦେଖି କହିଲେ- ଏହା ତ ଏକ ମୌକା ଅଟେ । ଏପରି ନହେଉ କି ୟହୁଦୀମାନେ ଆମଠାରୁ ବଳିଯାଇ ଆଗକୁ ଚାଲିଯିବେ । ଏହା କହି ସମସ୍ତେ ମୁସଲ୍‌ମାନ୍ ହୋଇଗଲେ । ଯେଉଁ ଛଅଜଣ ବ୍ୟକ୍ତି ଥିଲେ ସେମାନଙ୍କର ନାମ ନିମ୍ନରେ ଦିଆଯାଉଛି । ୧-ଅବୁ ଉମାମା ଉସ୍‌ଅଦ୍ ବିନ୍ ଜୁରାରାଃ, ଯିଏ ବନୁ ନଜ୍ଜାରର ଥିଲେ ଏବଂ ତସ୍‌ଦିକ୍ କରିବାରେ ସର୍ବପ୍ରଥମ ଥିଲେ । ୨-ଅଓଫ୍ ବିନ୍ ହାରିସ୍, ସେ ମଧ୍ୟ ବନୁ ନଜ୍ଜାରର ଥିଲେ, ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାଦା (ଜେଜେ) ଅବ୍‌ଦୁଲ୍ ମୋତଲିବ୍‌ଙ୍କ ଅଜାଘରର କବିଲାର ଥିଲେ । ୩-ରାଫେ ବିନ୍ ମାଲିକ୍, ଯିଏ ବନୁ ଜୁରୈକ୍‌ର ଥିଲେ । ସେପର୍ଯ୍ୟନ୍ତ ପବିତ୍ର କୋରାନ୍ ଯେତେମାତ୍ରାରେ ଅବତୀର୍ଣ୍ଣ ହୋଇସାରିଥିଲା ସେ ସବୁକୁ ଏହି ଅବସରରେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ପ୍ରଦାନ କଲେ । ୪-କୁତ୍‌ବା ବିନ୍ ଆମିର୍ ଯିଏ ବନି ସଲ୍‌ମାର ଥିଲେ । ୫-ଉକ୍‌ବା ବିନ୍ ଆମିର୍ । ସେ ବଦ୍‌ରି ସାହାବୀ ଥିଲେ ଏବଂ ୬-ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ରିୟାବ୍ ଯିଏ ବନି ଉବୈଦ୍‌ର ଥିଲେ ।

ଏହାପରେ ସେହି ଲୋକମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ବିଦାୟ ନେଇ ଯିବା ସମୟରେ ଏକଥା କହିଲେ କି ଆମକୁ ଗୃହଯୁଦ୍ଧ ବହୁତ ଦୁର୍ବଳ କରିରଖିଛି, ଆପୋଷରେ ଆମ ଭିତରେ ବହୁତ ଅବୁଝାମଣା ରହିଛି । ଆମେ ୟସ୍‌ରବ୍ ଯାଇ ନିଜ ଭାଇମାନଙ୍କ ମଧ୍ୟରେ ଇସ୍‌ଲାମ୍‌ର ତବ୍‌ଲିଗ୍ କରିବୁ । ଏ ଆଶ୍ଚର୍ଯ୍ୟ ହୋଇପାରେ କି ଅଲ୍ଲାଃତାଲା ଆପଣଙ୍କ ଜରିଆରେ ଆମକୁ ପୁଣି ଏକାଠି କରିଦେବେ । ପୁଣି ଆମେ ଆପଣଙ୍କର ସବୁ ପ୍ରକାର ସାହାଯ୍ୟ ପାଇଁ ପ୍ରସ୍ତୁତ ରହିବୁ । ସୁତରାଂ ସେହି ଲୋକମାନେ ଗଲେ ଏବଂ ସେମାନଙ୍କ ଯୋଗୁ ୟସ୍‌ରବ୍‌ରେ ଇସ୍‌ଲାମ୍‌ର ଚର୍ଚ୍ଚା ହେବାକୁ ଲାଗିଲା ।

ସେହି ବର୍ଷଟି ଆଁ ହଜ୍‌ରତ୍ ସ:ଆ:ସ ମକାଠାରେ ୟସ୍‌ରବ୍ ନିବାସୀଙ୍କ ତରଫରୁ ପ୍ରକାଶ୍ୟ ସାଧନ ଦୃଷ୍ଟିକୋଣରୁ ଏକ ପ୍ରକାରର ଚିନ୍ତା ଓ ଆଶାର ଅବସ୍ଥାରେ ବିତିଲା । ଆପଣ ସ:ଆ:ସ ଅଧିକାଂଶ ସମୟ ଏ ଚିନ୍ତାରେ ରହୁଥିଲେ କି ଦେଖିବା ଏହାର ଫଳ କଣ ବାହାରୁଛି । ୟସ୍‌ରବ୍‌ଠାରେ ସଫଳତାର କୌଣସି ଆଶାର କିରଣ ଦେଖାଯାଉଛି ବା ନାହିଁ । ମୁସଲ୍‌ମାନ୍ ମାନଙ୍କ ପାଇଁ ମଧ୍ୟ ଏହି ସମୟଟି ଏକ ଚିନ୍ତା ଓ ଆଶାର ସମୟ ଥିଲା । କେବେ ଆଶାର କିରଣ ଓ କେବେ ନିରାଶା ଥିଲା । ସେମାନେ ଏହା ଦେଖୁଥିଲେ କି ମକାର ସର୍ଦ୍ଦାରମାନେ ଓ ତାଇଫର ରଇସ୍‌ମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ମିଶନ୍‌କୁ କଠୋରତାର ସହିତ ରଦ୍ଦ କରିସାରିଛନ୍ତି ଓ ବିଭିନ୍ନ କବିଲାମାନେ ମଧ୍ୟ ଜଣଜଣ କରି ଅସ୍ୱୀକାର କରିସାରିଛନ୍ତି । ମଦିନାରେ ଆଶାର ଏକ କିରଣ ସୃଷ୍ଟି ହୋଇଥିଲା । କିନ୍ତୁ କିଏ କହିପାରେ କି ଏହି କିରଣ ଏପରି ଝଡଝଞ୍ଜା ଓ ବିପଦ ଆପଦର ତୋଫାନ୍‌ରେ ତିଷ୍ଠି ରହିପାରିବ ।

ଅନ୍ୟପଟେ ମକାବାଲାଙ୍କ ଅତ୍ୟାଚାର ଦିନକୁ ଦିନ ବଢ଼ିଚାଲିଥିଲା ଓ ସେମାନେ ଏକଥାକୁ ଭଲ ରୂପେ ବୁଝିସାରିଥିଲେ ଯେ ଇସ୍‌ଲାମ୍‌ର ମୂଳୋତ୍ପାଟନ କରିବା ହେଉଛି ବର୍ତମାନ ଉପଯୁକ୍ତ ସମୟ କିନ୍ତୁ ଏପରି ଜଟିଳ ସମୟରେ ମଧ୍ୟ, ଏହାଠାରୁ ଅଧିକା ଜଟିଳ ସମୟ ଇସ୍‌ଲାମ୍‌ରେ କେବେ ଆସିନାହିଁ, ଆଁ ହଜ୍‌ରତ୍ ସ:ଆ:ସ ଏବଂ ତାଙ୍କର ନିଷ୍ଠାବାନ୍ ସାହାବୀମାନେ ଗୋଟିଏ ମଜ୍‌ବୁତ୍ ଚଟାଣ ସଦୃଶ ନିଜ ସ୍ଥାନରେ କାଏମ୍ ଥିଲେ ଓ ଆପଣ ସ:ଆ:ସଙ୍କର ଏହି ଧୈର୍ଯ୍ୟ ଓ ଦୃଢ଼ ମନୋଭାବ ଦେଖି ବେଳେବେଳେ ଆପଣ ସ:ଆ:ସଙ୍କ ବିରୋଧି ମାନଙ୍କୁ ଏହା ଆଶ୍ଚର୍ଯ୍ୟରେ ପକାଇ ଦେଉଥିଲା ଯେ ଏହି ବ୍ୟକ୍ତି ଜଣକ କି ପ୍ରକାରର ମନୋବଳର ମାଲିକ ଅଟନ୍ତି ଯେ କୌଣସି ବସ୍ତୁ ତାଙ୍କୁ ନିଜ ସ୍ଥାନରୁ ଦୋହଲାଇ ପାରୁନାହିଁ ବରଂ ସେ ସମୟରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶବ୍ଦଗୁଡ଼ିକରେ ବିଶେଷ ରୂପେ ଏକ ପ୍ରକାର ଦମ୍ଭ ଓ ପ୍ରଭାବଶାଳୀ ଅବସ୍ଥା ମିଳୁଥିଲା । ଆଁ ହଜ୍‌ରତ୍ ସ:ଆ:ସ ଯେତେବେଳେ ମଧ୍ୟ କଥା ହେଉଥିଲେ ସେତେବେଳେ ଆପଣ ବହୁତ ପ୍ରଭାବଶାଳୀ ଓ ଦୃଢ଼ୋକ୍ତିର ସହିତ କଥା ହେଉଥିଲେ । ଦୁଃଖ ଓ ବିପତିର ସେହି ସମୟରେ ଆପଣଙ୍କ ମୁଣ୍ଡ ଆହୁରି ମଧ୍ୟ ଉପରକୁ ହୋଇଚାଲୁଥିଲା । ଏହି ଦୃଶ୍ୟପଟ ଯଦିଚ ଗୋଟିଏପଟେ ମକାର କୁରୈଶ୍‌ମାନଙ୍କୁ ଆଶ୍ଚର୍ଯ୍ୟ କରୁଥିଲା ତେବେ ଅନ୍ୟପଟେ ତାଙ୍କ ହୃଦୟ ଉପରେ ଏକପ୍ରକାର କମ୍ପନ ସୃଷ୍ଟି ହେଉଥିଲା । ସେହିଦିନ ଗୁଡ଼ିକ ସମ୍ବନ୍ଧରେ ସାର୍ ଉଇଲିୟମ୍ ମିଓ୍ୱର୍ ମଧ୍ୟ ଲେଖୁଛନ୍ତି କି:-

ସେହିଦିନ ଗୁଡ଼ିକରେ ମୁହମ୍ମଦ୍ ସ:ଆ:ସ ନିଜ କୌମ୍ ସମ୍ମୁଖରେ ଏପରି ଦମ୍ଭର ସହିତ ଦଣ୍ଡାୟମାନ ଥିଲେ କି ସେମାନଙ୍କୁ ବେଳେବେଳେ ଏପ୍ରକାର ଆଚରଣ ସହ୍ୟ ହେଉନଥିଲା । ପରିଶେଷରେ ସେ ବିଜୟ ଲାଭ କରିବାର ବିଶ୍ୱାସରେ ଭରି ରହିଥିଲେ । କିନ୍ତୁ ଏତେ ଅସହାୟ ଛୋଟ ଗୋଷ୍ଠୀ ତାଙ୍କ ପାଖରେ ଥିଲା ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସ ଓ ମୁସଲ୍‌ମାନ୍‌ମାନଙ୍କ ଗୋଟିଏ ଛୋଟିଆ ଗୋଷ୍ଠୀ ସେ ସମୟରେ ଯେପରି ଗୋଟିଏ ବାଘ ମୁହଁ ଭିତରେ ଥିଲେ । କିନ୍ତୁ ସେ ସେହି ଇଶ୍ୱରଙ୍କ ସାହାଯ୍ୟ ଓ ପ୍ରତିଶୃତି ଉପରେ ସମ୍ପୂର୍ଣ୍ଣ ରୂପେ ଭରଷା ରଖିଥିଲେ ଯିଏ ତାଙ୍କୁ ରସୁଲ୍ ରୂପେ ବନାଇ ପ୍ରେରଣ କରିଥିଲା । ମୁହମ୍ମଦ୍ ସ:ଆ:ସ ଏକ ପ୍ରକାର ଦୃଢ଼ ସଂକଳ୍ପର ସହିତ ନିଜ ସ୍ଥାନରେ ହିଁ ଦଣ୍ଡାୟମାନ ଥିଲେ । ୱିଲିୟମ୍ ମିଓ୍ୱର୍ ଲେଖୁଛନ୍ତି କି ଯାହାକୁ କୌଣସି ବସ୍ତୁ ନିଜ ସ୍ଥାନରୁ ଦୋହଲାଇ ପାରୁନଥିଲା । ଏ ଦୃଶ୍ୟପଟ ଏପରି ସୁନ୍ଦର ଦୃଶ୍ୟକୁ ଉପସ୍ଥାପନ କରୁଥିଲା ଯାହାର ଦୃଷ୍ଟାନ୍ତ କେବଳ ଇସ୍‌ରାଇଲ୍‌ର ଏପରି ଅବସ୍ଥା ବ୍ୟତୀତ ଆଉ କେଉଁଠାରେ ଦୃଷ୍ଟିଗୋଚର ହେଉନାହିଁ । ଯେତେବେଳେ ସେ ଦୁଃଖ ଓ ବିପତିରେ ପଡି ଇଶ୍ୱରଙ୍କ ସମ୍ମୁଖରେ ଏ ବାକ୍ୟ କହିଥିଲେ କି ହେ ମୋର ମୁନୀବ ! ଏବେ ତ ମୁଁ ହଁ କେବଳ ମୁଁ ହିଁ ଏକାକୀ ରହିଯାଇଛି । ପୁଣି ଲେଖୁଛନ୍ତି କି ନୁହେଁ ବରଂ ମୁହମ୍ମଦ୍ ସ:ଆ:ସଙ୍କର ଏହି ଦୃଶ୍ୟ ଇସ୍‌ରାଇଲି ନବୀମାନଙ୍କଠାରୁ ମଧ୍ୟ ଗୋଟିଏ ଦୃଷ୍ଟିକୋଣରୁ ଅଧିକା ଥିଲା.... ମୁହମ୍ମଦ୍ ସ:ଆ:ସଙ୍କ ଏହି ବାକ୍ୟ ସେହି ଅବସରରେ କୁହାଯାଇଥିଲା କି ହେ ମୋର ଜିଦିଆ ଜାତି କୌମ୍ ! ତୁମକୁ ଯାହାକିଛି କରିବାର ଅଛି, ମୁଁ ମଧ୍ୟ କୌଣସି ଏକ ଆଶା ନେଇ ଛିଡାହୋଇଅଛି ।

ସେ ଯାହାହେଉ ଇସ୍‌ଲାମ୍ ନିମନ୍ତେ ତାହା ଏକ ବହୁତ ଜଟିଳ ଅବସ୍ଥା ଥିଲା । ମକ୍କାବାଲାଙ୍କ ତରଫରୁ ସମ୍ପୂର୍ଣ୍ଣ ରୂପେ ଏକପ୍ରକାରର ନିରାଶା ଥିଲା କିନ୍ତୁ ଯେଉଁମାନେ ବୟତ୍ କରି ମଦିନା ଯାଇଥିଲେ ସେମାନଙ୍କ ଯୋଗୁ ମଧ୍ୟ ଆଶାର କିରଣ ସୃଷ୍ଟି ହେଉଥିଲା । ଏବଂ ଆଁ ହଜ୍‌ରତ୍ ସ:ଆ:ସ ବହୁତ ଧ୍ୟାନର ସହିତ ତାହା ପ୍ରତି ଆଖି ଖୋଲି ବସିଥିଲେ ଯେ କଣ ମଦିନା ମଧ୍ୟ ମକା ଓ ତାଇଫ୍ ସଦୃଶ ତାଙ୍କୁ ରଦ୍ଦ କରିଦେବ ବା ତାର ଭାଗ୍ୟରେ ଆଉକିଛି ଲେଖାଅଛି । ସୁତରାଂ ଯେତେବେଳେ ହଜ୍ କରିବାର ସମୟ ଆସିଲା ସେତେବେଳେ ଆପଣ ସ:ଆ:ସ ବହୁତ ସଉକ୍‌ର ସହିତ ନିଜ ଘରୁ ବାହାରିଲେ ଏବଂ ମିନା ନିକଟରେ ଥିବା ଉକ୍‌ବାଠାରେ ପହଂଚି ଏପଟସେପଟ କରି ଦେଖିବାକୁ ଲାଗିଲେ ତ ଆପଣଙ୍କ ଦୃଷ୍ଟି ଅଚାନକ ୟସ୍‌ରବ୍‌ରୁ ଆସିଥିବା ଗୋଟିଏ ଛୋଟିଆ ଦଳ ଉପରେ ପଡିଲା ଯେଉଁମାନେ ଆପଣଙ୍କୁ ଦେଖି ତତ୍‌କ୍ଷଣାତ୍ ଚିହ୍ନିନେଲେ ଓ ଅତ୍ୟନ୍ତ ପ୍ରେମଭାବ ଓ ନିଷ୍ଠାର ସହିତ ଆଗକୁ ବଢ଼ି ଆପଣଙ୍କ ସହିତ ମିଶିଲେ । ଏଥରକ ସେମାନେ ୧୨ଜଣ ଥିଲେ ଓ ସେମାନଙ୍କ ମଧ୍ୟରୁ ପାଂଚଜଣ ତ ହେଉଛନ୍ତି ସେହି ବିଗତ ବର୍ଷ ତସ୍‌ଦିକ୍ କରିଥିବା ଲୋକେ ଆଉ ବାକି ସାତଜଣ ନୂଆ ଲୋକ ଥିଲେ ଏବଂ ଏମାନେ ଅଓସ୍ ଏବଂ ଖଜ୍‌ରଜ୍ ଦୁଇଟିଯାକ କବିଲାରୁ ମିଶି ଆସିଥିଲେ । ସେମାନଙ୍କର ନାମ ହେଉଛି ଏପରି -

୧-ଅବୁ ଉମାମା ଉସ୍‌ଅଦ୍ ବିନ୍ ଜୁରାରାଃ, ୨-ଅଓଫ୍ ବିନ୍ ହାରିସ୍, ୩-ରାଫେ ବିନ୍ ମାଲିକ୍, ୪-କୁତ୍‌ବା ବିନ୍ ଆମିର୍, ୫-ଉକ୍‌ବା ବିନ୍ ଆମିର୍ । ଉକ୍‌ବା ବିନ୍ ଆମିର୍ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କର ଜୀବନ ଚରିତ ବର୍ଣ୍ଣନା କରାଯାଉଛି । ସେ ଥରକ ମଧ୍ୟ ପୁନର୍ବାର ହଜ୍ କରିବା ପାଇଁ ଆସିଥିଲେ । ୬-ମୁଆଜ୍ ବିନ୍ ହାରିସ୍ ଯିଏ କବିଲା ବନି ନଜ୍ଜାର୍‌ଙ୍କ ମଧ୍ୟରୁ ଥିଲେ, ୭-ଜକ୍‌ୱାନ୍‌ବିନ୍ ଅବ୍‌ଦେ କଏସ୍ ଯିଏ କବିଲା ବନୁ ଜୁରୈକ୍‌ର ଥିଲେ, ୮-ଅବୁ ଅବ୍‌ଦୁର୍ ରହ୍‌ମାନ୍ ୟଜିଦ୍ ବିନ୍ ସାଲ୍‌ବା । ସେ ବନି ବଲୈର ଥିଲା, ୯-ଉବାଦା ବିନ୍ ସାମିତ୍ ବନି ଅଓଫ୍ । ସେ ଖଜରଜ୍ କବିଲାର ବନି ବଲୈର ଥିଲେ ଏବଂ ସେ ବନି ଅଓଫ୍‌ର ଥିଲେ, ୧୦-ଅବାସ୍ ବିନ୍ ଉବୈଦା ବିନ୍ ନଜ୍‌ଲା । ସେ ବନି ସାଲିମ୍‌ର ଥିଲେ, ୧୧-ଅବୁଲ୍ ହୈଶମ୍ ବିନ୍ ତୈହାନ୍ । ସେ ବନି ଅବ୍‌ଦୁଲ୍ ଅଶହଲ୍‌ର ଥିଲେ, ୧୨-ଉଓ୍ୱେନ୍ ବିନ୍ ସାଇଦାଃ । ସେ ଅଓସ୍ କବିଲାର ବନି ଉମ୍‌ରୋ ବିନ୍ ଅଓଫର ଥିଲେ ।

ଆଁ ହଜ୍‌ରତ୍ ସ:ଆ:ସ ଲୋକମାନଙ୍କଠାରୁ ଅଲଗା ହୋଇ ଗୋଟିଏ ଘାଟିରେ ସେହି ବାରଜଣ ସଦସ୍ୟଙ୍କ ସହିତ ସାକ୍ଷାତ୍ କରିଥିଲେ । ସେମାନେ ୟସ୍‌ରବ୍‌ର ଅବସ୍ଥା ଓ ପରିସ୍ଥିତି ବିଷୟରେ ଏତେଲା ଦେଲେ ଓ ଏଥରକ ସମସ୍ତେ ମିଶି ନିୟମିତ ରୂପେ ଆପଣ ସ:ଆ:ସଙ୍କ ହାତରେ ବୟତ କଲେ । ଏହି ବୟତ ମଦିନାରେ ଇସ୍‌ଲାମ୍ ସ୍ଥାପନ ହେବାର ମୂଳଦୁଆ ହେଲା ଅର୍ଥାତ୍ ମୂଳପଥର । ଯେହେତୁ ଏପର୍ଯ୍ୟନ୍ତ ତରବାରି ସହିତ ଯୁଦ୍ଧ କରିବା ଫର୍ଜ୍ (ବୈଧ) ହୋଇନଥିଲା ତେଣୁ ଆଁ ହଜ୍‌ରତ୍ ସ:ଆ:ସ ସେମାନଙ୍କଠାରୁ କେବଳ ଏହି ଶବ୍ଦଦ୍ୱାରା ବୟତ ନେଇଥିଲେ ଯେଉଁଥିରେ ଆପଣ ସ:ଆ:ସ ଜିହାଦ୍ ଫର୍ଜ୍ ହେବା ପରେ ମହିଳାମାନଙ୍କଠାରୁ ବୟତ ନେଉଥିଲେ ଅର୍ଥାତ୍ ଏହା କି ଆମେ ଇଶ୍ୱରଙ୍କୁ ଏକ ଜାଣିବୁ, ଶିର୍କ୍ (ଇଶ୍ୱରଙ୍କ ସମକକ୍ଷ କାହାରିକୁ) କରିବୁ ନାହିଁ, ବ୍ୟଭିଚାର କରିବୁ ନାହିଁ, ହତ୍ୟାକାଣ୍ଡରୁ ନିବୃତ ରହିବୁ, କାହା ଉପରେ ମିଥ୍ୟାରୋପ ଲଗାଇବୁ ନାହିଁ ଏବଂ ପ୍ରତ୍ୟେକ ପ୍ରକାର ପୁଣ୍ୟକାର୍ଯ୍ୟ କରିବାରେ ଆପଣ ସ:ଆ:ସଙ୍କ ଆଜ୍ଞାବହତା ସ୍ୱୀକାର କରିବୁ । ବୟତ୍ ପରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ଯଦି ତୁମେମାନେ ସତ୍ୟତାର ସହିତ ଓ ଦୃଢ଼ତାର ସହିତ ଏହି ପ୍ରତିଶୃତି ଉପରେ କାଏମ୍ ରହିବ ତେବେ ତୁମକୁ ବୈକୁଣ୍ଠ ପ୍ରାପ୍ତ ହେବ ଏବଂ ଯଦି ଦୁର୍ବଳତା ଦେଖାଅ ତେବେ ପୁଣି ତୁମର ମାମଲା ଇଶ୍ୱରଙ୍କ ହାତରେ ସେ ଯେଉଁଭଳି ଚାହିଁବେ ସେହିଭଳି (ତୁମସହିତ) ବ୍ୟବହାର କରିବେ । ଏହି ବୟତକୁ ଇତିହାସରେ ବୟତେ ଉକ୍‌ବା ଉଲା ନାମରେ ନାମିତ ଅଛି, କାରଣ ଯେଉଁ ସ୍ଥାନରେ ବୟତ ନିଆଯାଇଥିଲା ସେହି ସ୍ଥାନର ନାମ ହେଉଛି ଉକ୍‌ବା ଯାହା ମକ୍କା ଏବଂ ମୀନାର ମଧ୍ୟସ୍ଥ ଏକ ସ୍ଥାନ ଅଟେ । ଉକ୍‌ବାର ଶବ୍ଦାର୍ଥ ହେଉଛି ଉଚ୍ଚ ପାହାଡିଆ ରାସ୍ତା ।

ମକ୍କାରୁ ବିଦାୟ ନେବାବେଳେ ଉକ୍ତ ୧୨ଜଣ ନୂତନ ମୁସଲ୍‌ମାନ୍ ନିବେଦନ କଲେ କି କେହିଜଣେ ଇସ୍‌ଲାମୀ ମୁଅଲିମ୍ (ଶିକ୍ଷକ) ଆମ ସହିତ ପଠାଯାଉ ଯିଏ ଆମକୁ ଇସ୍‌ଲାମ୍‌ର ଶିକ୍ଷାଦେବେ ଓ ଆମ ମୁସ୍‌ରିକ୍ ଭାଇମାନଙ୍କୁ ଇସ୍‌ଲାମ୍‌ର ତବ୍‌ଲିଗ୍ କରିବେ । ଏଥିରେ ଆପଣ ସ:ଆ:ସ ମୁସ୍‌ଅବ୍ ବିନ୍ ଉମୈର୍, ଯିଏ କବିଲା ଅବ୍‌ଦେ ଦାର୍‌ର ଅତ୍ୟନ୍ତ ନିଷ୍ଠାବାନ୍ ଯୁବକ ଥିଲେ, ତାଙ୍କୁ ସେମାନଙ୍କ ସହିତ ପଠାଇଦେଲେ । ଇସ୍‌ଲାମୀ ମୁବଲିଗ୍‌କୁ ସେ ସମୟରେ କାରୀ ବା ମୁକ୍‌ରି କୁହାଯାଉଥିଲା କାରଣ ସେମାନଙ୍କର କାମ ଥିଲା ପବିତ୍ର କୋରାନ୍‌କୁ ପଢ଼ି ଶୁଣାଇବା । କାରଣ ତବ୍‌ଲିଗ୍‌ର ଏହା ଏକ ଉତମ ଜରିଆ ଥିଲା । ସୁତରାଂ ମୁସ୍‌ଅବ୍ ଯେତେବେଳେ ୟସ୍‌ରବ୍ ଗଲେ ସେତେବେଳେ ସେ ସେଠାରେ ମୁକ୍‌ରୀ ନାମରେ ପ୍ରସିଦ୍ଧ ହୋଇଗଲେ । ବୟତେ ଉକ୍‌ବା ସାନିଆ ୧୩ ନବଓ୍ୱିରେ ଅନୁଷ୍ଠିତ ହୋଇଥିଲା ଓ ସେଥିରେ ସତୁରୀ ଜଣ ଅନ୍‌ସାର୍ ବୟତ କରିଥିଲେ । (ସିରତ୍ ଖାତମୁନ୍ ନବିଇନ, ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୨୨୧-୨୨୫,୨୨୭)

ହଜ୍‌ରତ୍ ଉକ୍‌ବା ବିନ୍ ଆମିର୍ ବଦର୍, ଓ୍ୱହଦ୍ ଏବଂ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ଅଁଶ ହଜ୍‌ରତ୍ ସ:ଆ;ସଙ୍କ ସହିତ ଯୋଗ ଦେଇଛନ୍ତି । ସେ ଓ୍ୱହଦ୍ ଯୁଦ୍ଧ ଦିନ ଖୁଦ୍ (ଯୁଦ୍ଧ ସମୟରେର ବ୍ୟବହାର ହେଉଥିବା ହେଲ୍‌ମେଟ୍) ରେ ନୀଳ ରଙ୍ଗର କପଡା ଲାଗିଥିବା ଯୋଗୁ ଚିହ୍ନା ପଡୁଥିଲେ । ସେ ହଜ୍‌ରତ୍ ଅବୁ ବକର୍‌ଙ୍କ ଖିଲାଫତ୍ ସମୟରେ ବାର ହିଜ୍‌ରିରେ ୟମାମା ଯୁଦ୍ଧରେ ଶହୀଦ୍ ହେଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୨୮, ଉକ୍‌ବା ବିନ୍ ଆମିର୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୫)

ହଜ୍‌ରତ୍ ଉକ୍‌ବା ବିନ୍ ଆମିର୍ ବର୍ଣ୍ଣନା କରୁଛନ୍ତି କି ମୁଁ ମୋ ପୁଅକୁ ସାଥିରେ ନେଇ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରରେ ଉପସ୍ଥିତି ହେଲି । ସେତେବେଳେ ମୋ ପୁଅ ଅଳ୍ପ ବୟସର ଯୁବକ ଥିଲା । ମୁଁ କହିଲି କି ମୋ ମାଆବାପା ଆପଣ ସ:ଆ:ସଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ । ମୋ ପୁଅକୁ ଏପରି ଦୁଆ ଶିଖାଇଦିଅନ୍ତୁ ଯାହା ମାଧ୍ୟମରେ ସେ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରିବ ଏବଂ ସେ ତା ଉପରେ ଦୟା କରିବେ । ଆଁ ହଜ୍‌ରତ୍ ସ:ଆ:ସ କହିଲେ- ହେ ପିଲା ! କୁହ *ଅଲ୍ଲାହୁମା ଇନ୍ନି ଅସ୍‌ଅଲୁକା ସିହତନ୍ ଫିଇମାନିନ୍ ୱ ଇମାନନ୍ ଫି ହୁସ୍‌ନେ ଖୁଲ୍‌କିନ୍ ୱ ସଲାହନ୍ ୟତ୍‌ବଉହୁ ନଜାହ୍* (ଉସଦୁଲ୍ ଗାବା, ଖଣ୍ଡ-୪, ପୃଷ୍ଠା-୫୨, ''ଉକ୍‌ବା ବିନ୍ ଆମିର୍'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩) ଅର୍ଥାତ୍ ହେ ଅଲ୍ଲାଃ ମୁଁ ତୁମ ନିକଟରୁ ଇମାନ୍‌ର ଉତମ ଅବସ୍ଥାକୁ ମାଗୁଅଛି ଓ ଇମାନ୍ ସହିତ ଉତମ ଚରିତ୍ର ନିମନ୍ତେ ପ୍ରାର୍ଥନା କରୁଅଛି ଏବଂ ଇସ୍‌ଲାହ୍

ପରେ ସଫଳତା ଚାହୁଁଅଛି । ଅଲ୍ଲାଃତାଲା ଉକ୍ତ ସାହାବାମାନଙ୍କ ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରିଚାଲନ୍ତୁ ।

ଏବେ ଏହାପରେ ମୁଁ ଆମେରିକାର ଜଣେ ବହୁତ ପୁରୁଣା ବୟୋଜ୍ୟେଷ୍ଠ ଅହେମଦୀଙ୍କ ବିଷୟରେ ଚର୍ଚ୍ଚା କରିବି ଓ ପୁଣି ନମାଜ ଜୁମା ପରେ ତାଙ୍କର ଯନାଜାଃ ମଧ ପଢ଼ାଇବି । ତାଙ୍କର ନାମ ଥିଲା ସିଷ୍ଟର୍ ଆଲିଆ ଶହୀଦ୍ ସାହିବା । ଏବଂ ସେ ଅହେମଦ୍ ଶହୀଦ୍ ସାହେବ୍ ମର୍‌ହୁମ୍‌ଙ୍କ ସହଧର୍ମିଣୀ ଥିଲେ । ୨୬ଡିସେମ୍ବର୍ ଦିନ ତାଙ୍କ ଦେହାନ୍ତ ହେଲା । ଅଲ୍ଲାଃତାଲା ତାଙ୍କୁ ବହୁତ ଲମ୍ବା ବୟସ ପ୍ରଦାନ କରିଥିଲେ ଏବଂ ତାଙ୍କୁ କାମ କରିବା ପାଇଁ ଶକ୍ତି ପ୍ରଦାନ କରିଛନ୍ତି । ତାଙ୍କର ବୟସ ୧୦୫ବର୍ଷ ହୋଇଥିଲା । ଅଲ୍ଲାଃତାଲା ତାଙ୍କର ପଦମର୍ଯ୍ୟାଦାରେ ଉନ୍ନତି କରନ୍ତୁ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ଆମେରିକାର ଅମୀର୍ ସାହେବ୍ ତାଙ୍କ ସମ୍ବନ୍ଧରେ ଲେଖୁଛନ୍ତି କି ତାଙ୍କୁ ୧୯୩୬ ମସିହାରେ ବୟତ କରିବାର ସୌଭାଗ୍ୟ ପ୍ରଦାନ ହୋଇଛି ଓ ସେ ୧୯୬୩ ମସିହାରୁ ୧୯୬୬ ମସିହା ପର୍ଯ୍ୟନ୍ତ ଆମେରିକାର ସଦର୍ ଲଜ୍‌ନା ରୂପେ ସେବା କରିବାର ସୌଭାଗ୍ୟ ପାଇଛନ୍ତି । ସେହିପରି ମର୍‌ହୁମାଙ୍କୁ ଲଜ୍‌ନା ଇମାଇଲା ଆମେରିକାରେ ପଚାଶ ବର୍ଷର ଏକ ଲମ୍ବା ଅବଧି ଜେନେରାଲ୍ ସେକ୍ରେଟାରୀ, ସେକ୍ରେଟାରୀ ମାଲ୍, ସେକ୍ରେଟାରୀ ତାଲିମ୍, ସେକ୍ରେଟାରୀ ଖିଦ୍‌ମତେ ଖଲ୍‌କ୍ ଏବଂ ସ୍ଥାନୀୟ ସଦର୍ ଲଜ୍‌ନା ରୂପେ ସେବା କରିବାର ସୌଭାଗ୍ୟ ମିଳିଛି । ସର୍ବଦା ଜମାତ୍ ଏବଂ ଖିଲାଫତ୍ ସହିତ ନିବିଡ ସମ୍ପର୍କ ରଖିଥିଲେ ଏବଂ ପ୍ରତ୍ୟେକ ପ୍ରକାରର ବଳିଦାନ ନିମନ୍ତେ ସର୍ବଦା ପ୍ରସ୍ତୁତ ରହୁଥିଲେ । ଅତ୍ୟନ୍ତ ଦୟାଳୁ ଏବଂ ଭଲପାଇବା ମହିଳାଥିଲେ । ତାଙ୍କୁ ଜମାତ୍ ଅହେମଦୀୟା ଆମେରିକାର ପ୍ରାରମ୍ଭିକ ସମୟର ଘଟଣାବଳୀ ଗୁଡିକ ମୁହଁରେ ମନେଥିଲା, ଯାହାକୁ ସେ ଅଧିକାଂଶ ସମୟ ଚର୍ଚ୍ଚା କରିଥାନ୍ତି । ହଜ୍‌ରତ୍ ଚୌଧୁରୀ ଜଫ୍‌ରୁଲ୍ଲାଃ ଖାନ୍ ସାହେବ୍‌ଙ୍କୁ ନିଜ ଘରେ ଖୁଆଇବା ପାଇଁ ମଧ ତାଙ୍କୁ ଅବସର ମିଳିଛି । ତାଙ୍କ ସ୍ୱାମୀ ମୋକରମ୍ ଅହେମଦ୍ ଶହୀଦ୍ ସାହେବ୍ ମର୍‌ହୁମ୍‌କୁ ଆମେରିକାର ନ୍ୟାସ୍‌ନାଲ୍ ଆମେଲା ଏବଂ ପିଟସ୍‌ବର୍ଗ୍‌ର ସଦର୍ ରୂପେ ଖିଦ୍‌ମତ୍ କରିବା ପାଇଁ ସୌଭାଗ୍ୟ ମିଳିଛି । ମର୍‌ହୁମାଙ୍କ ନିକଟ ସମ୍ପର୍କୀୟଙ୍କ ମଧ୍ୟରେ ତାଙ୍କର ଏକମାତ୍ର ପୁତ୍ର ଉମର ଶହୀଦ୍ ସାହେବ୍ ସାମିଲ୍ ଅଛନ୍ତି ଯାହାଙ୍କୁ ବିଗତ ୧୮ବର୍ଷ ହେବ ପିଟସ୍‌ବର୍ଗ ଜମାତ୍‌ର ସଦର୍ ରୂପେ ସେବା କରିବା ପାଇଁ ସୌଭାଗ୍ୟ ମିଳୁଅଛି । ସେ ଆଫ୍ରିକୀୟ ଆମେରିକାନ୍ ମହିଳା ଥିଲେ ।

ଆମେରିକାର ସଦର୍ ଲଜ୍‌ନା ଇମାଇଲା ସିଷ୍ଟର୍ ଆଲିଆଙ୍କ ସମ୍ବନ୍ଧରେ ଲେଖୁଛନ୍ତି କି ତାଙ୍କର ଜୀବନଶୈଳୀ, ତାଙ୍କ କଥା, ତାଙ୍କର ସମସ୍ତ ଆଚାର ବ୍ୟବହାର ଏକଥାର ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରୁଥିଲା ଯେ ସେ ନିଜର ବୟତ କରିବା ପ୍ରତିଶୃତିରେ ଦୃଢ଼ତାର ସହିତ ଅମଳ କରୁଥିଲେ ଯାହାକୁ ସେ ୭୬ବର୍ଷ ପୂର୍ବେ ପ୍ରତିଜ୍ଞା କରିଥିଲେ । ତାଙ୍କର ସେବା କେବଳ ଆମେରିକା ଭିତରେ ସିମୀତ ରହିନଥିଲା ବରଂ ତାଙ୍କୁ ଜାଣିବାବାଲା ଲୋକେ ସାରା ପୃଥିବୀରେ ଥିଲେ ଏବଂ ଯେତେବେଳେ ଏହି ସମସ୍ତ ଲଜ୍‌ନା ବେରୁନି (ବାହ୍ୟ ଦେଶର) ଲଜ୍‌ନା ମଧ ପାକିସ୍ତାନ୍‌ର ସଦର୍ ଲଜ୍‌ନାଙ୍କ ଅନ୍ତର୍ଗତ ଥିଲେ । ତେବେ ସେ ସମୟରେ ହଜ୍‌ରତ୍ ମରିୟମ୍ ସିଦ୍ଦିକା ସାହିବା ଯିଏ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନିଙ୍କ ସହଧର୍ମିଣୀ ଥିଲେ, ସେ ସାରା ପୃଥିବୀର ଲଜ୍‌ନାମାନଙ୍କର ସଦର୍ ଥିଲେ । ତାଙ୍କ ତରଫରୁ ତାଙ୍କ (ସିଷ୍ଟର୍ ଆଲିଆ)ଙ୍କ ଖିଦ୍‌ମତ୍‌କୁ ବହୁତ ପ୍ରଶଂସା କରାଯାଇଥିଲା । ସେ ଲେଖୁଛନ୍ତି କି ସିଷ୍ଟର୍ ଆଲିଆଙ୍କ ନାମ Ella Louiso ଥିଲା ଓ ତାଙ୍କର ଯାହାଙ୍କ ସହିତ ନିର୍ବନ୍ଧ ହୋଇଥିଲା ତାଙ୍କ ନାମ ଥିଲା William Frank Browning ଯିଏ ଆଫ୍ରିକୀୟ Methodist Church ର ବହୁତ ଉତ୍ସାହୀ କର୍ମୀ ଥିଲେ । ତାଙ୍କ ବିବାହ ହେବାର ଥିଲା ଓ ସେ ନିଜ ବିବାହ ପ୍ରସ୍ତୁତିରେ ନିୟୋଜିତ ଥିଲେ । ଯେତେବେଳେ ତାଙ୍କ ସ୍ୱାମୀକୁ ଅହେମଦୀୟତ୍‌ର ବାର୍ତ୍ତା ପହଂଚିଲ ସେତେବେଳେ ଇଲିୟମ୍ ସାହେବ୍ ନିଜ ମାଆ ବାପାଙ୍କ ସହିତ ଅହେମଦୀ ହୋଇଗଲେ ଏବଂ ସେ ନିଜର ନାମ ଅହେମଦ୍ ଶହୀଦ୍ ରଖିଲେ । ଆଲିଆ ବିବାହ ତ କରିନେଲେ କିନ୍ତୁ ବୟତ କଲେନାହିଁ । କିଛି ବର୍ଷ ପରେ ଅହେମଦ୍ ଶହୀଦ୍ ସାହେବ୍ ପିଟ୍‌ସ୍ ବର୍ଗ୍ ଜମାତ୍‌ର ସଦର୍ ରୂପେ ନିର୍ବାଚିତ ହେଲେ ଏବଂ ନା କେବଳ ଜମାତ୍ ସ୍ତରରେ ପ୍ରସିଦ୍ଧି ଲାଭ କଲେ ବରଂ ସାରା ଦେଶରେ ନିଜର ତବ୍‌ଲିଗ୍ ଚେଷ୍ଟା ଯୋଗୁଁ ପ୍ରସିଦ୍ଧ ହୋଇଗଲେ । ସେହି ସମୟରେ ତାଙ୍କ ଘରେ ଗୋଟିଏ ପୁତ୍ର ଜନ୍ମ ହେଲା ଯାହାର ନାମ ସେମାନେ ଉମ୍ମର୍ ରଖିଦେଲେ ।

ଆଲିଆ ସାହିବା ନିଜ ଅହେମଦୀ ସ୍ୱସୁର ଘରେ ରହୁଥିଲେ ଯେଉଁଠି ସେ ନିଜ ସ୍ୱସୁର୍ ଘର ଓ ସ୍ୱାମୀଙ୍କଠାରୁ ଲୁଚି ଜମାତି ପୁସ୍ତକ ଗୁଡିକ ଅଧ୍ୟୟନ କରିବା ଆରମ୍ଭ କିରିଦେଲେ । ଏତିକିବେଳେ ତାଙ୍କ ନିକଟରେ ହଜ୍‌ରତ୍ ମୁସ୍‌ଲେଢ୍ ମଉଦ୍ ର:ଅଙ୍କ ପୁସ୍ତକ 'ଅହେମଦୀୟତ୍ ଅର୍ଥାତ୍ ପ୍ରକୃତ ଇସ୍‌ଲାମ୍' ପହଂଚିଲା ଯାହାକୁ ପଢ଼ି ବହୁତ ପ୍ରଭାବିତ ହେଲେ । ଏହାପରେ ନିଜ ଘରେ ଅନୁଷ୍ଠିତ ହେଉଥିବା ତର୍‌ବିୟତି କ୍ଲାସ୍‌ରେ ସାମିଲ୍ ହେଲେ । ପୁଣି ଦିନେ ମୋକରମ୍ ଅବ୍‌ଦୁର୍ ରହ୍‌ମାନ୍ ବଙ୍ଗାଳୀ ସାହେବ୍ ଯିଏ ସେଠିକାର ମୁବଲିଗ୍ ଥିଲେ, ତାଙ୍କର ଲେକ୍‌ଚର୍ ଶୁଣିଲେ ଯେଉଁଥିରେ ସେ ମସିହ୍‌ଙ୍କ କୃଶରୁ ରକ୍ଷା ପାଇଶ ଏବଂ କାଶ୍ମୀର ଆଡକୁ ହିଜ୍‌ରତ୍ କରିବା ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିଶ୍ୱାସକୁ ବର୍ଣ୍ଣନା କଲେ । ଏହି ସଦର୍ ଲଜ୍‌ନା ଲେଖୁଛନ୍ତି କି ସେ (ଆଲିଆ ସାହିବ) କହୁଥିଲେ ଯେ ଏହାପରେ ମୁଁ ଚର୍ଚ୍ଚ୍‌କୁ ଯିବା ପରିତ୍ୟାଗ କରିଦେଲି । ଏବେ ମସ୍‌ଜିଦ୍‌କୁ ଯିବାକୁ ଲାଗିଲି ଏବଂ ପରିଶେଷରେ ୧୯୩୬ ମସିହାରେ ଅହେମଦୀୟତ୍ ଗ୍ରହଣ କଲି । ନିଜ ନାମକୁ ଆଲିଆ କିପରି ରଖିଲେ ? ସେ କହୁଛନ୍ତି ଗୋଟିଏ ପୁସ୍ତକରେ ମୁଁ ଆଲିଆ ନାମଟି ପଢ଼ିଥିଲି, ଯାହା ମୋତେ ଭଲ ଲାଗିଲା । ତେଣୁ ସେହି ନାମଟିକୁ ମୁଁ ଅହେମଦୀୟତ୍ ଗ୍ରହଣ କରିବାପରେ ଆପଣେଇନେଲି ।

ସିଷ୍ଟର୍ ଆଲିଆ ସର୍ବଦା ଜ୍ଞାନ ଅନ୍ୱେଷଣରେ ରହୁଥିଲେ । ମସ୍‌ଜିଦ୍ ସଫାକରନ୍ତି, ଖାଦ୍ୟ ପ୍ରସ୍ତୁତ କରନ୍ତି, ନମାଜ ପଢ଼ନ୍ତି । କେବଳ ଏତିକି ନୁହେଁ କି ଜ୍ଞାନ ହାସଲ କରୁଥିଲେ ବରଂ ସର୍ବଦା ବିନମ୍ରତାର ସହିତ ଓ୍ୱକାରେ ଅମଲ୍ ମଧ କରନ୍ତି, ଜମାତ୍ କାର୍ଯ୍ୟ ମଧ କରନ୍ତି, ନିଜ ହାତରେ ମସ୍‌ଜିଦ୍‌କୁ ସଫା କରନ୍ତି, ଖାଦ୍ୟ ପ୍ରସ୍ତୁତ କରନ୍ତି । ପୁଣି କହୁଛନ୍ତି କି ଆମେ ତାଙ୍କୁ ସର୍ବଦା ନମାଜ ପଢୁଥିବାର ଦେଖିଛୁ । ଏହା ଉତମ ଚରିତ୍ର ସମ୍ପନ୍ନ କଥା । ରୋଗୀମାନଙ୍କୁ ଆଶ୍ୱାସନା ଦେବାପାଇଁ ଯାଆନ୍ତି, ଚାନ୍ଦା ପ୍ରଦାନ କରିବାରେ ଆମେ ତାକୁ ଦେଖିଛୁ । ସବୁବେଳେ ପୁଣ୍ୟ କରିବା ପାଇଁ କୌଣସି ନା କୌଣସି ତେହ୍‌ରିକ୍ ସେ ଲଜ୍‌ନାମାନଙ୍କୁ କରିଥାନ୍ତି । ଲେଖୁଛନ୍ତି କି ମର୍‌ହୁମାଙ୍କ ସମସ୍ତ ଧ୍ୟାନ ଲଜ୍‌ନାଙ୍କ ମଧ୍ୟରେ ଆପୋଷି ଭାଇଚାରା ସୃଷ୍ଟି କରିବାରେ ନିୟୋଜିତ ହେଉଥିଲା, ଯେଉଁଥିପାଇଁ ସେ ନିଜର ଶେଷ ବୟସରେ ଲଜ୍‌ନାଙ୍କୁ ସମ୍ବୋଧନ କରି ଅନେକ ଚିଠି ଲେଖିଛନ୍ତି । ସଦର୍ ଲଜ୍‌ନା ଲେଖୁଛନ୍ତି କି ସେ ଗୋଟିଏ ଆୟତକୁ ଅଧିକାଂଶ ସମୟ ପଢୁଥିଲେ ଯାହାକୁ ମୁଁ ତାଙ୍କଠାରୁ ଶୁଣିଛି ତାହା ହେଉଛି *ଇନ୍ନଲାହା ୟୁହିବ୍‌ବୁଲ୍ ଲଜିନା ୟୁକାତିଲୁନା ଫି ସବିଲିହି ସଫ୍‌ଫନ୍ କଅନ୍ନହୁମ୍ ବୁନିୟାନୁମ୍ ମର୍‌ସୁସ୍* (ସଫ୍:୫) କହୁଛନ୍ତି ଏହି ଆୟତକୁ ସର୍ବଦା ସେ ପାଠ କରୁଥିଲେ ଅର୍ଥାତ୍ ଅଲ୍ଲାଃତାଲା ନିଶ୍ଚିତ ରୂପେ ସେହି ଲୋକମାନଙ୍କ ସହିତ ପ୍ରେମ କରିଥାଏ ଯେଉଁମାନେ ତା ମାର୍ଗରେ ଧାଡି ହୋଇ ଯୁଦ୍ଧ କରୁଛନ୍ତି । ଯେପରିକି ସେମାନେ ଗୋଟିଏ ସିସାର କାନ୍ଥ ଅଟନ୍ତି ।

ସଦର୍ ଲଜ୍‌ନା ଲେଖୁଛନ୍ତି କି ସେ ସର୍ବପ୍ରଥମେ ଆମେରିକାରେ ମସ୍‌ଜିଦ୍ ଫଣ୍ଡ୍‌ର ମୂଳଦୁଆ ରଖିଥିଲେ । ସେହିପରି ମୁସ୍‌ଲିମ୍ ଷ୍ଟୁଡେଂଟ୍‌ସ୍ ସ୍କଲାର୍‌ସିପ୍ ଫଣ୍ଡ୍‌ର ଶୁଭାରମ୍ଭ କରିଥିଲେ । ତାଙ୍କ ସଦାରତି (ସଭାପତିତ୍ୱ)ରେ ସର୍ବପ୍ରଥମ ସାଲାନା (ବାର୍ଷିକ) ଇଜ୍‌ତେମା ଅନୁଷ୍ଠିତ ହେଲା । ସେହିପରି ନ୍ୟାସ୍‌ନାଲ୍ ତବ୍‌ଲିଗ୍ ଡେ ର ଶୁଭାରମ୍ଭ ମଧ ସେ କରିଛନ୍ତି ଯେଉଁଥିରେ ଲଜ୍‌ନାମାନେ ପବିତ୍ର କୋରାନ୍‌ର ହଜାର ହଜାର ଖଣ୍ଡ, ତବ୍‌ଲିଗ୍ ଲିଫ୍‌ଲେଟ୍‌ସ୍, ପରିଚୟ ପ୍ରଦାନ ମୂଳକ ପାମ୍ପ୍‌ଲେଟ୍‌ସ୍ ସମଗ୍ର ଦେଶରେ ଥିବା ଲାଇବ୍ରେରି ଗୁଡିକୁ ପଠାଉଥିଲେ । ସେ ଲଜ୍‌ନାମାନଙ୍କର ଗୋଟିଏ ପତ୍ରିକା ମଧ ଆରମ୍ଭ କଲେ । ତାହାର ନାମକରଣ ସେ ସମୟର ସାରା ପୃଥିବୀର ସଦର୍ ଲଜ୍‌ନା ହଜ୍‌ରତ୍ ଛୋଟିଆପା ମରିୟମ୍ ସିଦ୍ଦିକା ସାହିବା ''ଆଇଶା (Ayesha)'' କରିଥିଲେ । ସେ ତାର ନାମ ରଖିଥିଲେ । ସେ The Path of Faith and Our Duties ରେ ନାମିତ ଲଜ୍‌ନାର ଲାହେ ଅମଲ୍ ମଧ ପ୍ରକାଶ କରିଛନ୍ତି । ତାଙ୍କ ତେହ୍‌ରିକ୍‌ରେ ଆମେରିକାର ଲଜ୍‌ନା ସଭ୍ୟାମାନେ ଡେନ୍‌ମାର୍କ୍‌ରେ ନିର୍ମାଣ ହୋଇଥିବା ମସ୍‌ଜିଦ୍ ନିମନ୍ତେ ବହୁତ ବଳୀଦାନ ଦେଇଛନ୍ତି । ସେହିପରି ବାଲ୍‌ଟିମୁର୍, ପିଟସ୍‌ବର୍ଗ୍ ଇତ୍ୟାଦିର ମିଶନ୍ ହାଉସ୍‌କୁ ସାଜସଜ୍ଜା କରିବା ନିମନ୍ତେ ମଧ ଫଣ୍ଡ୍ ଯୋଗାଇ ଦେଇଛନ୍ତି । ସେ କହୁଛନ୍ତି କି ସିଷ୍ଟର୍ ଆଲିଆ ଏ କଥା ବତାଉଥିଲେ କି ଯେହେତୁ ସେହି ଯୁଗରେ ୯୮ ପ୍ରତିଶତ ଲଜ୍‌ନା ନୂଆ ବୟତ କରି ଜମାତ୍‌ରେ ସାମିଲ୍ ହୋଇଥିଲେ । ସେଥିପାଇଁ ଆମେ ଆରମ୍ଭରେ ଲଜ୍‌ନାମାନଙ୍କୁ କେବଳ ନମାଜ ପାଠ କରିବା ଓ ରମ୍‌ଜାନ୍ ମାସରେ ରୋଜା ରଖିବା ପାଇଁ ପ୍ରୋତ୍ସାହିତ କରୁଥିଲୁ । ସେହିପରି ତତ୍‌କ୍ଷଣାତ୍ ହିଜାବ୍ ପିନ୍ଧିବା ପରିବର୍ତେ ପ୍ରଥମେ କିଛି ବର୍ଷ ପର୍ଯ୍ୟନ୍ତ କେବଳ ଉଚିତ୍ ଲୁଗା ପିନ୍ଧିବା ପାଇଁ ଧ୍ୟାନ ଆକର୍ଷଣ କରାଉଥିଲି କି ନିଜର ବସ୍ତ୍ରକୁ ପ୍ରଥମେ ଠିକ୍ ଠାକ୍ ଶରୀରକୁ ଢ଼ାଙ୍କିକରି ପିନ୍ଧ, ପୁଣି ତାପର ଷ୍ଟେପ୍‌ରେ ହିଜାବ୍ ପିନ୍ଧ ଅର୍ଥାତ୍ ପର୍ଦ୍ଦା କର । ଏପରି ନହେଉ କି ଆଜିକାଲିକା ପରି ଯାହା ଲଜ୍‌ନାରେ ଆରମ୍ଭ ହୋଇଗଲାଣି ଯେ ଯେଉଁମାନେ ପର୍ଦ୍ଦା କରୁଥିଲେ ସେମାନେ ମଧ ନିଜ ପର୍ଦ୍ଦାକୁ ବାହାର କରିଦେଲେଣି । ସେ ଧିରେଧିରେ (Stepwise) ଲଜ୍‌ନାଙ୍କୁ ଗୋଟିଏ ଷ୍ଟେଜ୍‌ରୁ ଆଉ ଗୋଟିଏ ଷ୍ଟେଜ୍‌କୁ ନେବା ପାଇଁ ଚେଷ୍ଟା କଲେ ଏବଂ ସେମାନଙ୍କର ତର୍‌ବିୟତ୍ କଲେ ।

ପୁଣି ସିଷ୍ଟର୍ ଆଲିୟା ସମସ୍ତ ଲଜ୍‌ନାର ସଭ୍ୟମାନଙ୍କୁ ପବିତ୍ର କୋରାନ୍ ନାଜେରା ଶିଖାଇବା ପାଇଁ ବହୁତ ଚେଷ୍ଟା କରିଛନ୍ତି । ପ୍ରତିଦିନ ପବିତ୍ର କୋରାନ୍ ପଢ଼ାଇବା ପାଇଁ ପ୍ରୋଗ୍ରାମ ତିଆରି କରିଥିଲେ । ସେହିପରି ଯେଉଁ ଲଜ୍‌ନାମାନେ ନାଜରା ପଢ଼ିବା ସମ୍ପୂର୍ଣ୍ଣ କରିଦେଉଥିଲେ ସେମାନଙ୍କୁ ପ୍ରତ୍ୟେକ ଦିନ ତଫସିର୍‌ର କିଛି ଅଂଶ ପଢ଼ିବା ପ୍ରତି ଧ୍ୟାନ ଆକର୍ଷଣ କରାଯାଉଥିଲା । ଆଲିୟା ସାହିବାଙ୍କ ଚେଷ୍ଟାରେ ନାସ୍‌ରାତ୍‌ଙ୍କ ସିଲାବସ୍ ମଧ ପ୍ରସ୍ତୁତ କରାଗଲା । ନାସ୍‌ରାତ୍‌ଙ୍କ ମଧ୍ୟରେ ଦୀନି ଉଲୁମ୍ (ଧର୍ମଶିକ୍ଷା) ଶିଖିବାର ସଉକ୍ ସୃଷ୍ଟି ହେଲା । ମର୍‌ହୁମା ସଦସ୍ୟମାନଙ୍କ ମଧ୍ୟରେ କୁର୍ବାନୀ କରିବାର ଆତ୍ମାକୁ ଓ ଆଗ୍ରହକୁ ସୃଷ୍ଟି କରିବା ପାଇଁ ଭରପୁର ଚେଷ୍ଟା କରିଛନ୍ତି । ସେହିପରି ଚାନ୍ଦାଗୁଡିକର ହିସାବ ମଧ ବହୁତ ପ୍ରବୀଣାତ୍ମକ ଶୈଳୀରେ ବ୍ୟବସ୍ଥା କରି ରଖୁଥିଲେ ।

ଯେତେବେଳେ ତାଙ୍କୁ ଏକଦା ଜମାତ୍‌ରେ ଦାଖିଲ୍ ହେବା ସମ୍ବନ୍ଧରେ ଯେଉଁ ସବୁ ଅସୁବିଧା ସମ୍ମୁଖୀନ ହେବାକୁ ପଡ଼ିଥିଲା ସେ ବିଷୟରେ ପଚାରାଗଲା ତେବେ ସେ କହୁଛନ୍ତି କି ମୁଁ ଜମାତ୍‌ରେ ସାମିଲ୍ ହେବା ପରେ ବହୁତ ଅସୁବିଧାର ଓ ବିପତିର ସମ୍ମୁଖୀନ ହୋଇଛି କିନ୍ତୁ ମୁଁ ଦୁର୍ବଳତା ଦେଖାଇବା ପରିବର୍ତେ ସର୍ବଦା ଦୃଢ଼ତା ଦେଖାଇଛି ଓ ଅଲ୍ଲାଃତାଲାଙ୍କ ଇଚ୍ଛାରେ ପ୍ରସନ୍ନ ରହିବା ପାଇଁ ଚେଷ୍ଟା କରିଛି ଓ ଏହି ଶିକ୍ଷାକୁ ମୁଁ ବିଗତ ୫୦ବର୍ଷରୁ ଅଧିକା ସମୟ ହେବ ଲଜ୍‌ନାଙ୍କୁ ଦେଇଚାଲିଛି । ସେ ଲେଖୁଛନ୍ତି କି ତାଙ୍କ ବ୍ୟକ୍ତିତ୍ୱ ଏକ ଦୃଢ଼ ମୀନାର୍ ସଦୃଶ ଥିଲା ଯେଉଁଠାରେ ଆମେ ସମସ୍ତେ ମାର୍ଗଦର୍ଶନ ଲାଭ କରୁଛୁ । ପୁଣି ଲେଖୁଛନ୍ତି କି ଇସ୍‌ଲାମ୍ ଧର୍ମ ସାରା ସଂସାର ଉପରେ ବିଜୟ ଲାଭ କରିବା ସମ୍ବନ୍ଧରେ ତାଙ୍କର ପୁର୍ଣ୍ଣ ବିଶ୍ୱାସ ଥିଲା ଓ ସେ ଏକଥା କହୁଥିଲେ କି ଯେତେବେଳେ ଇସ୍‌ଲାମ୍‌ର ବିଜୟ ହେବ ସେତେବେଳେ ଜମାତ୍ ଅହେମଦୀୟାର ମୋଟୋ ଅର୍ଥାତ୍ ସ୍ଲୋଗାନ୍ ''ମହବତ୍ ସବ୍ କେଲିଏ ନଫ୍‌ରତ୍ କିସି ସେ ନେହିଁ'' ଏହା ସାରା ପୃଥିବୀରେ ଚହଳ ସୃଷ୍ଟି କରିବ । ସେହିପରି ନିଜାମେ ଖିଲାଫତ୍ ଉପରେ ମଧ ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଓ ସେ ତାକୁ ଇସ୍‌ଲାମ୍‌ର ବିଜୟ ନିମନ୍ତେ ଋବି ରୂପେ ଅଭିହିତ କରୁଥିଲେ । ସେ ସର୍ବଦା ଏକଥା କହୁଥିଲେ କି ନିଜାମେ ଖିଲାଫତ୍ କାଏମ୍ ରହିବ ଏବଂ ଇନ୍‌ଶାଅଲ୍ଲାଃ ଏହାଦ୍ୱାରା ହିଁ ବିଜୟ ଲାଭ ହେବ । ପୁଣି ଲେଖୁଛନ୍ତି କି ଶହ ଶହ ଫୋନ୍ କଲ୍ ଏବଂ ଶହଶହ ଚିଠି ଜରିଆରେ ସେ ମେମ୍ବର୍ ମାନଙ୍କ ନିକଟରେ ଏହି ବାର୍ତାକୁ ପହଂଚାଇବା ଓ ବୁଝାଇବା ପାଇଁ ଚେଷ୍ଟା କରୁଥିଲେ ।

୨୩ ମାର୍ଚ୍ଚ୍ ୨୦୦୮ ୟୋମେ ମସିହ୍ ମଉଦ୍ (ମସିହ୍ ମଉଦ୍ ଦିବସ) ଦିନ ସେ ଲଜ୍‌ନାଙ୍କୁ ଯେଉଁ ବାର୍ତା ଦେଇଥିଲେ ତାହା ଏପରି ଥିଲା ଯେ ଏବର୍ଷ ୧ ଜାନୁଆରୀ ୨୦୦୮କୁ ସାରା ସଂସାରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନୁଥିବା ଲୋକେ ନିଜ ନିଜର ମସ୍‌ଜିଦ୍ ଏବଂ ମିଶନ୍ ହାଉସ୍‌ରେ ଏକତ୍ରିତ ହୋଇ ଧନ୍ୟବାଦ ଅର୍ପଣ ସ୍ୱରୂପ ତହଜୁଦ୍ ନମାଜ ପାଠ କଲେ । ଆମେ ଏପରି କାହିଁକି ନ କରିବା ଯେ ଏହା ତ ହେଉଛି ସେହି ବର୍ଷ ଯେଉଁଥିରେ ଆମ ପ୍ରିୟ ମସିହ୍ ମଉଦ୍‌ଙ୍କ ପ୍ରିୟ ଖିଲାଫତ୍ କାଏମ୍ ହେଲା । ଏହାକୁ ଶହେବର୍ଷ ହୋଇଗଲାଣି ଯେଉଁଥିରେ ଆମ ପ୍ରିୟ ମସିହ୍ ମଉଦ୍‌ଙ୍କ ପ୍ରିୟ ଖିଲାଫତ୍‌କୁ ପ୍ରତିଷ୍ଠା ହେବାରେ ମଧ ଶହେବର୍ଷ ବିତିଗଲାଣି । ପୁଣି ଆଗକୁ ଲେଖୁଛନ୍ତି କି ହେ ମୋର ଅଲ୍ଲାଃ ! ଅହେମଦୀୟତ୍‌ର ମାର୍ଗରେ ବାଧକ ସାଜୁଥିବା

ସମସ୍ତ ପ୍ରତିବନ୍ଧକକୁ ଦୂର କରିଦିଅ ଓ ଆମକୁ ଏପରି ବିଜୟ ଦେଖାଅ ଯାହାର ତୁମେ ପ୍ରତିଶ୍ରୁତି ଦେଇଅଛ । ଆମ ମସିହ୍ ମଉଦ୍ ଆ:ସ ଏହି ଜମାତ୍‌ରତ ମୂଳଦୁଆ ରଖିଛନ୍ତି ଏବଂ ଆମ ସମସ୍ତଙ୍କୁ ଯୋଡି ଗୋଟିଏ ଶରୀର ବନାଇ ଦେଇଛନ୍ତି । ସେହିପରି ଆମେ ଅହେମଦୀମାନେ ଜଣେ ଅନ୍ୟଜଣଙ୍କର ଦରଦ ଅନୁଭବ କରୁଅଛେ । ବିପଦ ଆପଦ ସମୟରେ ଜଣେ ଅନ୍ୟଜଣଙ୍କୁ ସାହାଯ୍ୟ କରୁଅଛେ । ଜଣେ ଅନ୍ୟଜଣକ ପାଇଁ ପ୍ରାର୍ଥନା କରୁଅଛେ । ଜଣକର ଖୁସିରେ ଆଉଜଣେ ଖୁସି ହୋଇଥାଏ ଏବଂ ଜଣକର ଅସୁବିଧାରେ ଆଉଜରେ ଦୁଃଖ ଅନୁଭବ କରିଥାଏ । ଆମେ ସମସ୍ତେ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଏକ ଅଛନ୍ତି । ପୁଣି ସେ ନିଜ ବାର୍ତାରେ ନୌମୁବାଇନ୍ ମାନଙ୍କୁ ଏବଂ ସମସ୍ତ ଅହେମଦୀ ଲଜ୍‌ନା ମାନଙ୍କୁ ଲେଖୁଛନ୍ତି କି ଅଲ୍ଲାଃତାଲା ଅଲ୍ଲାଃତାଲାଙ୍କର ମୋ ଉପରେ ବିଶେଷ କୃପା ଯେ ମୁଁ ବହୁତ ସୌଭାଗ୍ୟବତୀ କାରଣ ମୁଁ ଜମାତ୍‌କୁ ଉନ୍ନତି କରିବାର ନିଜ ଜୀବଦଶାରେ ଦେଖିଅଛି । ଆମ ଉପରେ ଅଲ୍ଲାଃତାଲାଙ୍କର କୃପା ରହିଛି ଯେ ସେ ଆମ ଜମାତକୁ ଇସ୍‌ଲାମ୍‌ର ପ୍ରଚାର ପ୍ରସାର ନିମନ୍ତେ ଓ ସେବା କରିବା ନିମନ୍ତେ ଚୟନ କରିଛି । ଆମେ ପ୍ରତ୍ୟେକ ସପ୍ତାହ ଖଲିଫାଙ୍କ ବାଣୀକୁ ଶୁଣିପାରୁଛେ ଏବଂ ତାଙ୍କର ନିର୍ଦ୍ଦେଶାବଳୀ ଗୁଡିକ ଉପରେ ଅମଳ କରି ଦୀନ୍ ଓ୍ୱ ଦୁନିୟା (ଧର୍ମ ଓ ସଂସାର)ରେ ଉନ୍ନତି ଆଣିପାରିବା । ପୁଣି ଶେଷରେ ସେ ଲେଖୁଛନ୍ତି କି ମୁଁ ଦୁଆ କରୁଛି ଯେ ହେ ମୋର ମୌଲା ! ଇସ୍‌ଲାମ୍‌ର ବିଜୟ ନିମନ୍ତେ ବାଧକ ସାଜୁଥିବା ସମସ୍ତ ପ୍ରତିବନ୍ଧକକୁ ଦୂର କରିଦିଅ । ଆମର ଅସ୍ତିତ୍ୱକୁ ନିଜ ଧର୍ମର ସଠିକ୍ ପ୍ରତିଫଳନ କରିବାବାଲା ବନାଇଦିଅ ଏବଂ ଆମକୁ ଅଗଣତି ଦୀନ୍‌ର ସାହାଯ୍ୟକାରୀ ପ୍ରଦାନ କର । ତେବେ ଏହିପରି ଲଜ୍‌ନାମାନଙ୍କୁ ବିଶେଷ ରୂପେ ସେଠି ଆମେରିକାରେ ଯେଉଁ ପରିସ୍ଥିତି ରହିଛି, ସେଥିରେ ଯେଉଁ ନୌମୁବାୟାତ୍ (ନୂତନ ଅହେମଦୀ ମହିଳା) ମାନେ ଅଛନ୍ତି, ଆଫ୍ରିକୀୟ ଆମେରିକୀୟ ଅଛନ୍ତି ସେମାନଙ୍କୁ ଏକାଠି କରି ରଖିବାରେ ତାଙ୍କର ବଡ ଅନୁଦାନ ରହିଛି ।

ତାଙ୍କ ପୁତ୍ର ଉମର୍ ଶହୀଦ୍ ସାହେବ୍ ଯିଏ ପିଟସ୍‌ବର୍ଗ୍‌ଠାରେ ସଦର୍ ଜମାତ୍ ଅଛନ୍ତି ସେ ଲେଖୁଛନ୍ତି କି ମୋ ମାଆ ବାପା ଅହେମଦୀୟତ୍ ଏବଂ ଖିଲାଫତ୍ ଜରିଆରେ ଇସ୍‌ଲାମ୍‌ର ପ୍ରତିରକ୍ଷା କରିବା ନିମନ୍ତେ ସିପାହୀ ଥିଲେ । ମୋ ମାଆ ନୀରବଚ୍ଛିନ୍ନ ଆପଣଙ୍କୁ ଚିଠି ଲେଖୁଥିଲେ । (ହଜୁର୍ କହୁଛନ୍ତି କି) ସେ ମୋତେ ଲେଖୁଥିଲେ । ସେ ମୋତେ ମଧ୍ୟ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଉଥିଲେ ଖଲିଫାଙ୍କ ନିକଟକୁ ଚିଠି ଲେଖ ଏବଂ ପୁଣି ସେ ଲେଖୁଛନ୍ତି କି ଦୁଆ କର ଯେ ମୁଁ ଏବଂ ମୋ ସନ୍ତାନମାନେ ମରହୁମାଙ୍କ ପଦାଙ୍କ ଅନୁସରଣକାରୀ ହୁଅନ୍ତୁ । ପୁଣି ଲେଖୁଛନ୍ତି କି ଜମାତ୍‌ର ଲୋକମାନେ ବହୁଳଭାବରେ ଯେପରି ମୋ ମାଆଙ୍କ ସମ୍ବନ୍ଧରେ ନିଜର ମନୋଭାବକୁ ପ୍ରକାଶ କରିଛନ୍ତି ଏ ସମ୍ବନ୍ଧରେ ପୂର୍ବରୁ ମୋର କୌଣସି ଆଶା ନଥିଲା କି ଏତେ ବ୍ୟାପକ ମାତ୍ରାରେ ଜମାତ୍ ମଧ୍ୟରେ ତାଙ୍କ ସହିତ ପ୍ରେମଭାବ ଓ ସ୍ନେହ ଭଲପାଇବାର ଭାବକୁ ରଖିଥିବାର ଲୋକେ ମହଜୁଦ୍ ଅଛନ୍ତି ।

ସେଠିକାର ଆଉଜଣେ ସ୍ଥାନୀୟ ଅହେମଦୀ ଆମେରିକୀୟ ସିଷ୍ଟର୍ ଆଲିୟା ଅଜିଜ୍ ଲର୍ଡ୍ କହୁଛନ୍ତି କି ଇସ୍‌ଲାମେ ଅହେମଦୀୟତ୍ ଗ୍ରହଣ କରିବା ପରେ ସେ ଅର୍ଥାତ୍ ଆଲିୟା ଶହୀଦ୍ ଜଣେ ଅହେମଦୀ ରୂପେ ଏକ ଉଦାହରଣୀୟ ଜୀବନ ବିତାଇଛନ୍ତି । ଯେତେବେଳେ ସେ ସେକ୍ରେଟାରୀ ତାଲିମ୍ ଥିଲେ ସେତେବେଳେ ତାଙ୍କ ଯୋଗୁ କାହାର ମନ ଏହା ଚାହୁଁନଥିଲା ଯେ ତାଙ୍କଦ୍ୱାରା ପ୍ରସ୍ତୁତ ହୋଇଥିବା ତାଲିମ୍ ଟେଷ୍ଟ୍‌ରେ କିଏ ଫେଲ୍ ହୁଅନ୍ତୁ । ତେଣୁ ଆମେ ସମସ୍ତେ ଏକାଠି ମିଶି ଟେଷ୍ଟ୍ ନିମନ୍ତେ ପ୍ରସ୍ତୁତି କରୁଥିଲୁ । ପୁଣି କହୁଛନ୍ତି- ବୟସରେ ସେ ମୋଠାରୁ ବହୁତ ବଡ ଥିଲେ କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ମୋ ସହିତ ବନ୍ଧୁତ୍ୱର ସମ୍ପର୍କ ଥିଲା । ମୁଁ ତାଙ୍କଠାରେ ଏହା ଦେଖିଛି ଯେ ଯଦି କେବେ କୌଣସି ଜ୍ଞାନମୂଳକ ପ୍ରଶ୍ନ ତାଙ୍କୁ କରାଯାଉଥିଲା ସେ ନିଜର ରାୟ ପରିପ୍ରକାଶ କରିବା ପରିବର୍ତେ, ଏଣୁତେଣୁ ଘୁରି ବୁଲିବା ଏବଂ ଏଣୁତେଣୁ କଥା କହିବା ପରିବର୍ତେ ଇସ୍‌ଲାମୀୟ ଶିକ୍ଷା ସମ୍ବନ୍ଧରେ ବତାଉଥିଲେ । ଖୁଦାତାଲାଙ୍କ ସହିତ ତାଙ୍କର ଦୃଢ଼ ସମ୍ପର୍କ ଥିଲା ଯେଉଁଥିପାଇଁ ଲୋକମାନେ ତାଙ୍କ ଆଡକୁ ଟାଣି ହୋଇ ଚାଲିଆସୁଥିଲେ ।

ପୁଣି ସିଷ୍ଟର୍ ଜମିଲା ହାମିଦ୍ ସ୍ତ୍ରୀ ହାମିଦ୍ ମୁନିର୍ ସାହେବ୍, ଇଏ ମଧ୍ୟ ସ୍ଥାନୀୟ ଆମେରିକୀୟ ଅହେମଦୀ ଅଟନ୍ତି, ସେ ଲେଖୁଛନ୍ତି ଯେ ସେ (ସିଷ୍ଟର୍ ଆଲିୟା) ମୋତେ ବହୁତ ପସନ୍ଦ କରିଥିଲେ ଏବଂ ସର୍ବଦା ମୋତେ ବତାଉଥିଲେ ଯେ ତୁମେ ମୋତେ ବହୁତ ଭଲ ଲାଗୁଛ । ସେ କହୁଛନ୍ତି ମୋ ମାଆଙ୍କ ମୃତ୍ୟୁ ସମୟରେ ସେ ମୋତେ ପ୍ରେମରେ ପରିପୂର୍ଣ୍ଣ ଚିଠି ଲେଖିଲେ ଯେଉଁଥିପାଇଁ ମୋତେ ମୃତ୍ୟୁର ଫିଲୋସଫି ବୁଝିବାକୁ ସାହାଯ୍ୟ ମିଳିଲା । ସେ ଫରିସ୍ତା ଚରିତ୍ର ସମ୍ପନ୍ନ ଥିଲେ । ଯେବେ ମଧ୍ୟ ସାହାଯ୍ୟ ସହଯୋଗ ଓ ପରାମର୍ଶର ଆବଶ୍ୟକ ପଡିଥାଏ ସେତେବେଳେ ତାଙ୍କୁ ଗୋଟିଏ ଫୋନ୍ କଲ୍‌ର ଦୂରତାରେ ହିଁ ପାଇଛି । ସେ ସର୍ବଦା ମୋତେ ଏକଥା ବତାଉଥିଲେ କି ଜୀବନର ଉଦ୍ଦେଶ୍ୟ ହେଉଛି ଜମାତ୍‌ର ସେବା କରିବା ଓ ଖଲିଫାଙ୍କ ସହିତ ପ୍ରେମ କରିବା । କାରଣ ଏହା ହେଉଛି ଏ ଯୁଗର ହବ୍‌ଲୁଲ୍ଲାଃ (ଅଲ୍ଲାଃଙ୍କ ଡୋରି) ତାଙ୍କର ଏ ପୂର୍ଣ୍ଣ ବିଶ୍ୱାସ ଏବଂ ଖୁଦାତାଲାଙ୍କ ସହିତ ଗଭୀର ପ୍ରେମକୁ ମୁଁ ସର୍ବଦା ଉତ୍କଣ୍ଠାର ଚକ୍ଷୁରେ ଦେଖୁଥିଲି । ଏକଦା ମୁଁ ତାଙ୍କୁ ପଚାରିଲି ଯେ କଣ ତାଙ୍କୁ ମୃତ୍ୟୁରୁ ଭୟ ଲାଗୁଛି ? ଏଥିରେ ସେ କୁହନ୍ତି କି ନିଜ ପ୍ରିୟତମଙ୍କ ନିକଟକୁ ତ ଯିବାର ଅଛି, ତେବେ ଡର କାହାର । ତାଙ୍କୁ ଇସ୍‌ଲାମ୍ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବାର୍ତାର ଗଭୀର ଜ୍ଞାନ ଥିଲା ଯାହାକୁ ସେ ସାରା ଜୀବନ ଲୋକମାନଙ୍କ ନିକଟରେ ପହଂଚାଇଛନ୍ତି ।

ପୁଣି ଆଉଜଣେ ସ୍ଥାନୀୟ ଆମେରିକୀୟ ଅହେମଦୀ ଡାକ୍ତର ରଶିଦା ଅହେମଦ୍ କହୁଛନ୍ତି କି ସେ ନିଜେ ଇସ୍‌ଲାମୀୟ ଶିକ୍ଷା ଉପରେ ବହୁତ ଦୃଢ଼ତାର ସହିତ ଅମଳ କରିଥିଲେ । କିନ୍ତୁ ଅନ୍ୟମାନଙ୍କୁ ବହୁତ ସ୍ନେହରେ ଉପଦେଶ ଦେଉଥିଲେ । ତାଙ୍କର ପ୍ରତ୍ୟେକ କାର୍ଯ୍ୟକଳାପରେ ଇଶ୍ୱରପ୍ରେମ ଝଲକୁ ଥିଲା । କହୁଛନ୍ତି ମୋତେ ଏକାଧିକଥର ତାଙ୍କ ଘରେ ରହିବା ପାଇଁ ଅବସର ମିଳିଛି ଏବଂ ଆମେ ସାଙ୍ଗ ହୋଇ ନମାଜ ପଢୁଥିଲୁ ଓ ପବିତ୍ର କୋରାନ୍‌ର ତିଲାଓ୍ୱତ୍ ମଧ୍ୟ କରୁଥିଲୁ । ତା'ପରେ ସେ ମୋତେ ଖଲିଫାମାନଙ୍କ ନିକଟରୁ ମିଳିଥିବା ଚିଠିଗୁଡିକୁ ବହୁତ ଆନନ୍ଦର ସହିତ ଓ ପ୍ରେମର ସହିତ ଦେଖାଉଥିଲେ । ଖିଲାଫତ୍ ସହିତ ଥିବା ତାଙ୍କର ପ୍ରେମଭାବର ଶୈଳୀକୁ ତାଙ୍କଦ୍ୱାରା ଲିଖିତ ନଜମ୍ ଏବଂ ଭାଷଣ ଗୁଡିକୁ ଶୁଣି ଠିକ୍ ରୂପେ ବୁଝାଯାଇପାରେ । ସେ କହୁଛନ୍ତି ସେ ନଜମ୍ ମଧ୍ୟ ଲେଖୁଥିଲେ ଓ ଅତ୍ୟନ୍ତ ଧୈର୍ଯ୍ୟବାନ୍ ଥିଲେ । ପ୍ରତ୍ୟେକ ମାସ ମୁଁ ତାଙ୍କ ନିକଟକୁ ଫୋନ୍ କରି ତାଙ୍କର ଅବସ୍ଥା ପଚାରି ବୁଝୁଥିଲି । ଯେତେବେଳେ ତାଙ୍କର ସ୍ୱାସ୍ଥ୍ୟର ଅବନତି ସମ୍ବନ୍ଧରେ ମୁଁ ପଚାରି ବୁଝୁଥିଲି ସେଥିରେ ସେ କଦାପି ଅଭିଯୋଗ କରିନାହାଁନ୍ତି ବରଂ ସର୍ବଦା ଅଲ୍ଲାଃତାଲାଙ୍କର ଅନୁଗ୍ରହ ସମ୍ବନ୍ଧରେ ଚର୍ଚ୍ଚା କରି ଧନ୍ୟବାଦ ଅର୍ପଣ କରୁଥିଲେ ।

ପୁଣି ସେହିପରି ଆଉଜଣେ ସ୍ଥାନୀୟ ଆମେରିକୀୟ ଅହେମଦୀ ସିଷ୍ଟର୍ ଅଜିଜା ଯିଏ ଅଲ୍‌ହାଜ୍ ରଶିଦ୍‌ଙ୍କ ସ୍ତ୍ରୀ ଅଟନ୍ତି, ସେ କହୁଛନ୍ତି ଯେ ସିଷ୍ଟର୍ ଆଲିୟା ଶହୀଦ୍ ସାହିବା ''ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ'' ର ସମ୍ପୂର୍ଣ୍ଣ ପ୍ରତିଛବି ଥିଲେ । ଯଦିଚ ସେ ଅନ୍ୟ ସହରରେ ରହୁଥିଲେ କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ମୋ ମାଆଙ୍କ ସହିତ ତାଙ୍କର ବହୁତ ଘନିଷ୍ଟ ବନ୍ଧୁତ୍ୱ ଥିଲା । ମୋ ମାଆଙ୍କ ଦେହାନ୍ତ ପରେ ମଧ୍ୟ ସେ ଏହି ସମ୍ପର୍କକୁ ଛିନ୍ନ କରିନାହାଁନ୍ତି । ମୋତେ ସର୍ବଦା ଏପରି ଲାଗୁଥିଲା ଯେ ବୋଧହୁଏ ଆଲିୟା ସାହାବାଙ୍କୁ ଜଣାଅଛି ଯେ କେତେବେଳେ ମୁଁ ଅବହେଳା କରୁଛି । ତେଣୁ ତତ୍‌କ୍ଷଣାତ୍ ସେ ମୋ ନିକଟକୁ ବିଶ୍ୱାସବର୍ଦ୍ଧକ ଚିଠି ଲେଖି ପଠାଉଥିଲେ ।

ପୁଣି ଆଉଜଣେ ଲଜ୍‌ନା ମେମ୍ବର୍ ଖିଲ୍ଲତ୍ ସାହିବା ଲେଖୁଛନ୍ତି- ୧୯୪୯ ମସିହାରେ ଯେତେବେଳେ ମୁଁ ପ୍ରଥମ ଥର ପାଇଁ ଆମେରିକା ଆସିଲି ସେତେବେଳେ ଆଲିୟା ସାହିବାଙ୍କ ସହିତ ପରିଚୟ ହେଲା । ଯେତେବେଳେ ମୁଁ ତାଙ୍କ ସହିତ ସାକ୍ଷାତ୍ କରିଥିଲି ସେତେବେଳେ ମୁଁ ଆଠବର୍ଷର ଥିଲି । ସେ ଅତ୍ୟନ୍ତ ଭଲପାଉଥିବା, ମେଳାପି ଓ ସୁପ୍ରଭାବ ପକାଉଥିବା ବ୍ୟକ୍ତିବିଶେଷ ଥିଲେ । ଖିଲାଫତ୍ ସହିତ ବହୁତ ପୁରାତନ ଓ ଘନିଷ୍ଠ ସମ୍ପର୍କ ଥିଲା । ଅଧିକାଂଶ ସମୟ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ସହିତ ତାଙ୍କର ଚିଠିପତ୍ର ଦିଆନିଆ ସମ୍ବନ୍ଧରେ ଚର୍ଚ୍ଚା କରୁଥିଲେ । ଲଜ୍‌ନା ଇମାଇଲା ଆମେରିକା ପାଇଁ ତାଙ୍କର ଖିଦ୍‌ମାତ୍ (ସେବା) ଅବିସ୍ମରଣୀୟ । ଅଜବ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ତାଙ୍କର ଥିଲା ଏବଂ ଶହେବର୍ଷ ବୟସ ହେବା ସତ୍ତ୍ୱେ ମଧ୍ୟ ଜଲ୍‌ସାରେ ସାମିଲ୍ ହେଉଥିଲେ ଯାହା ଆମ ସମସ୍ତଙ୍କ ପାଇଁ ଏକ ନମୁନା ଅଟେ ।

ଅଲ୍ଲାଃତାଲା ତାଙ୍କର ପଦମର୍ଯ୍ୟାଦାରେ ଉନ୍ନତି କରନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କ ମଧ୍ୟରେ ମଧ୍ୟ ସେହି ଆତ୍ମା ଓ ଧର୍ମସେବା ମନୋଭାବ ସୃଷ୍ଟି କରାନ୍ତୁ ଯାହା ତାଙ୍କ ନିକଟରେ ଥିଲା । ଯେପରିକି ତାଙ୍କ ପୁତ୍ର ମଧ୍ୟ ତାହା ପ୍ରକାଶ କରିଛନ୍ତି ।

---

*ପୃଷ୍ଠା- ୨ ର ଅବଶିଷ୍ଟାଂଶ ...*

ରହୁଥିଲେ, ସେ କହୁଛନ୍ତି:-

''ଆମେ କେବେ ହଜ୍‌ରତ୍ ଉମ୍ମୁଲ୍ ମୁମିନୀନ୍‌କୁ ଏପରି ଅବସ୍ଥାରେ ଦେଖିନାହୁଁ ଯେ କୌଣସି କଥାରେ ମଧ୍ୟ ହଜ୍‌ରତ୍ ସାହେବ୍ ତାଙ୍କଠାରୁ ନାରାଜ ହୋଇଥିବେ । (ଆପଣ ସର୍ବଦା) ହଜ୍‌ରତ୍ ସାହେବ୍ ଆ:ସଙ୍କ ସମ୍ମାନ କରୁଥିଲେ ଏବଂ ଆପଣ ଆ:ସଙ୍କୁ ଆନନ୍ଦରେ ରଖୁଥିଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ବ୍ୟବହାର ହଜ୍‌ରତ୍ ଅମ୍ମାଜାନ୍ ର:ଅଙ୍କ ସହିତ ସେ ଯୁଗର ପ୍ରଥା ଓ ପରିବେଶ ମୁତାବକ ଏତେ ମାତ୍ରାରେ ଓଲଟା ଥିଲା ଯେ ହଜ୍‌ରତ୍ ମୌଲଓ୍ୱି ଅବ୍‌ଦୁଲ୍ କରିମ୍ ସାହେବ୍ ର:ଅ କହୁଛନ୍ତି- ଏହି କଥାକୁ ଘର ଭିତରେ ସେବା କରୁଥିବା ମହିଳାମାନେ (ଅର୍ଥାତ୍) ଯେଉଁମାନେ ସାଧାରଣ ଲୋକମାନଙ୍କ ମଧ୍ୟରୁ ଅଟନ୍ତି ଏବଂ ପ୍ରକୃତିଗତ ସାଧାପଣିଆ ବ୍ୟତୀତ କୌଣସି ଲୋକ ଦେଖାଣିଆ ମନୋଭାବ ରଖନ୍ତି ନାହିଁ ସେମାନେ ବହୁତ ଭଲରୂପେ ଏକଥାକୁ ଅନୁଭବ କରିଥାନ୍ତି ଓ ଆଶ୍ଚର୍ଯ୍ୟରେ ଦେଖିଥାନ୍ତି ଓ ସେ ସମୟର ବିଲ୍‌କୁଲ୍ ବିପରୀତ ବ୍ୟବହାରକୁ ଦେଖି ବହୁତ ଆଶ୍ଚର୍ଯ୍ୟ ପ୍ରକାଶ କରି କହିଥାନ୍ତି (ଯେପରି) ମୁଁ ବାରମ୍ବାର (ଉକ୍ତ ମହିଳା)ଙ୍କ ଠାରୁ ନିଜେ ଏହା କହିବାରେ ଶୁଣିଛି ଯେ ''*ମିର୍ଜା ବିଓ୍ୱି ଦି ଗଲ୍ ବଡି ମାନ୍ଦା ହୈ*'' ଅର୍ଥାତ୍ ମିର୍ଜା ସାହେବ୍ ନିଜ ସ୍ତ୍ରୀ ର କଥାକୁ ବହୁତ ମାନିଥାନ୍ତି ।

ସ୍ତ୍ରୀ ସହିତ ସୁସମ୍ପର୍କ ସମନ୍ଧରେ ଉପଦେଶ ଦେଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି- ''ଆମକୁ ତ ଏହା ଭୀଷଣ ନିର୍ଲଜତା ଲାଗୁଛି ଯେ ପୁରୁଷ ହୋଇ ମହିଳାଙ୍କ ସହିତ ଯୁଦ୍ଧ କରିବ । ଆମକୁ ଇଶ୍ୱର ପୁରୁଷ ବନାଇଛନ୍ତି ଓ ଏହା ବାସ୍ତବରେ ଆମ ଉପରେ ପୁରସ୍କାରକୁ ସମ୍ପୂର୍ଣ୍ଣ କରି ଦିଆଯାଇଛି । (ତେଣୁ) ତାଙ୍କୁ ଧନ୍ୟବାଦ ଦେବା ହେଉଛି ମହିଳାମାନଙ୍କ ସହିତ ନମ୍ର ବ୍ୟବହାର କରିବା'' । (ସିରତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ, ପୃଷ୍ଠା-୪୫, ଲେଖକ- ହଜ୍‌ରତ୍ ଶେଖ୍ ୟାକୁବ୍ ଅଲୀ ସାହେବ୍ ଇର୍‌ଫାନୀ ର:ଅ)

ହଜ୍‌ରତ୍ ଅମାଜାନ୍ ର:ଅ ଯଦିଚ ମସିହ୍ ମଉଦ୍ ଆ:ସଙ୍କର ବହୁତ ଧ୍ୟାନ ରଖୁଥିଲେ କିନ୍ତୁ ବହୁ ମାତ୍ରାରେ ଅତିଥି ଆସିବା ଯୋଗୁ ବେଳେବେଳେ ଅଜାଣତରେ କିଛି କମି ରହିଯାଉଥିଲା । ଏକଥାକୁ ହଜୁର୍ ଆ:ସଙ୍କ ସହିତ ପ୍ରେମଭାବ ରଖୁଥିବା ସାହାବାମାନେ ମଧ୍ୟ ଅନୁଭବ କରୁଥିଲେ ଯେ ହଜୁର୍ ଆ:ସଙ୍କୁ ବେମାର ସମୟରେ ଓ ଭୀଷଣ ପରିଶ୍ରମ ଯୋଗୁ ବିଶେଷ ଧ୍ୟାନ ଦେବାକଥା ଓ ଖାଦ୍ୟର ଆବଶ୍ୟକତା ରହିଛି । ଏହିପରି ଗୋଟିଏ ଘଟଣାର ଚର୍ଚ୍ଚା କରି ହଜ୍‌ରତ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ର:ଅ ଗୋଟିଏ ଘଟଣା ବିଷୟରେ ଲେଖିଛନ୍ତି ଯେ ମୁନ୍‌ଶୀ ଅବ୍‌ଦୁଲ୍ ହକ୍ ସାହେବ୍ ଅଫ୍ ଲାହୋର୍ ଯିଏ ପରେ ମୁର୍‌ତଦ୍ ହୋଇଯାଇଥିଲେ, ସେ ଏକଦା ହଜୁର୍ ଆ:ସଙ୍କୁ କହିଲେ:-

ଆପଣଙ୍କର କାମ ବହୁତ ସୂକ୍ଷ୍ମ ଏବଂ ଆପଣଙ୍କ ମୁଣ୍ଡ ଉପରେ ଗୁରୁ ଦାୟିତ୍ୱ ରହିଛି । ତେଣୁ ଆପଣଙ୍କୁ ଦରକାର ଯେ ଶରୀରର ଧ୍ୟାନ ରଖନ୍ତୁ ଏବଂ ଏକ ବିଶେଷ ଶକ୍ତିବର୍ଦ୍ଧକ ଖାଦ୍ୟ ନିଶ୍ଚିତ ରୂପେ ଆପଣଙ୍କ ନିମନ୍ତେ ପ୍ରତ୍ୟେକ ଦିନ ପ୍ରସ୍ତୁତ ହେବା ଉଚିତ୍ । ତାଙ୍କର ଏକଥାର ଉତରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ:- ''ଏହା ତ ଠିକ୍ କଥା । ଆମେ ଏ ବିଷୟରେ କେବେକେବେ ମଧ୍ୟ କହିଛୁ । କିନ୍ତୁ ମହିଳାମାନେ ନିଜର କାମଧନ୍ଦାରେ ଏପରି ବ୍ୟସ୍ତ ରହିଛନ୍ତି ଯେ ଅନ୍ୟକଥା ପ୍ରତି କୌଣସି ପ୍ରକାରର ଧ୍ୟାନ ଦେଇପାରୁନାହାଁନ୍ତି'' ।

ମୁନ୍‌ଶୀ ଅବ୍‌ଦୁଲ୍ ହକ୍ ସାହେବ୍ ଏକଥା ଶୁଣି କହିଲେ ଜି ହଜ୍‌ରତ୍ ଆପଣ ବିରକ୍ତିଭାବ ପ୍ରକାଶ କରି କିଛି କହୁନାହାଁନ୍ତି ଏବଂ ପ୍ରଭାବ ସୃଷ୍ଟି କରୁନାହାଁନ୍ତି । ମୋ ଅବସ୍ଥା ତ ଏପରି କି ମୁଁ ଖାଇବା ପାଇଁ ବିଶେଷ ରୂପେ ବ୍ୟବସ୍ଥା କରିଥାଏ ଏବଂ ସମ୍ଭବତଃ ମୋ ନିର୍ଦ୍ଦେଶକୁ ଟାଳି ଦିଆଯିବ ନଚେତ୍ ଆମେ ଅନ୍ୟ ପ୍ରକାରରେ ତାର ହିସାବ ନେବୁ । ହଜ୍‌ରତ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ର:ଅ ପ୍ରେମର ଜୋସ୍‌ରେ ଏହା ଭାବି ଏହି କଥାକୁ ହଜୁର୍ ଆ:ସଙ୍କ ସପକ୍ଷରେ ଭଲ ହେବ ବୋଲି, ବିନା କୌଣସି ବୁଝି ବିଚାରି ସମର୍ଥନ କରିଦେଲେ ଏବଂ କହିଲେ ଯେ ମୁନ୍‌ଶୀ ସାହେବ୍‌ଙ୍କ କଥା ଠିକ୍ ଅଛି । ହଜୁର୍ ଆ:ସଙ୍କୁ ବି ଉଚିତ୍ କି ସୁଧାରିବା ପାଇଁ ଏକଥାକୁ ମନାନ୍ତୁ । ଏଥିରେ ହଜୁର୍ ଆ:ସ ହସିଦେଇ କହିଲେ:- ''ଆମ ବନ୍ଧୁମାନଙ୍କୁ ଏପରି ଚରିତ୍ରରୁ ଦୂରେଇ ରହିବା ଉଚିତ୍'' ।

ହଜ୍‌ରତ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ର:ଅ କହୁଛନ୍ତି କି ଇଶ୍ୱର ଜାଣିଛନ୍ତି ଯେ ମୁଁ ସେ ସମୟରେ କେତେମାତ୍ରାରେ ଲଜ୍ଜିତ ହେଲି । (ସିରତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ, ଲେଖକ- ମୌଲାନା ଅବ୍‌ଦୁଲ୍ କରିମ୍ ସାହେବ୍ ସିଆଲ୍‌କୋଟି ର:ଅ, ପୃଷ୍ଠା- ୧୮-୧୯)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ପୁସ୍ତକ କଶ୍‌ତିନୁହ୍‌ରେ ଉପଦେଶ ଦେଇ କହୁଛନ୍ତି:-

''ଯେଉଁ ବ୍ୟକ୍ତି ନିଜ ସ୍ତ୍ରୀ ଏବଂ ତାଙ୍କ ନିକଟ ସମ୍ପର୍କୀୟଙ୍କ ସହିତ ଉତ୍ତମ ବ୍ୟବହାର କରୁନାହିଁ ସେ ମୋ ଜମାତ୍ ମଧ୍ୟରେ ନାହିଁ'' ।

ଏହି ଇଜ୍‌ଲାସ୍‌ର ଦ୍ୱିତୀୟ ତକ୍‌ରିର୍ ମୋକରମ୍ ମୌଲାନା ମୋଜଫର୍ ଅହେମଦ୍ ନାସିର୍ ସାହେବ୍ ନାଜର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା ଏବଂ ଅଫିସର୍ ଜଲ୍‌ସାଗାଃ ''ପଞ୍ଜୱକ୍ତା ନମାଜେଁ, ଦୁଆ, ଇସ୍‌ତେଗ୍‌ଫାର୍ ଅଓର୍ ଜିକ୍‌ରେ ଇଲାହି କି ଅହ୍‌ମିୟତ୍'' (ପାଂଚବେଳା ନମାଜ ପାଠ, ଦୁଆ କରିବା, ଇସ୍‌ତେଗ୍‌ଫାର୍ ଏବଂ ଅଲ୍ଲାଃତାଲାଙ୍କ ଗୁଣଗାନ କରିବାର ଗୁରୁତ୍ୱ) ବିଷୟ ଉପରେ ଉପସ୍ଥାପନ କଲେ । ସେ ବିଷୟ ସମ୍ବନ୍ଧିତ ସମସ୍ତ ଚାରିଗୋଟି ବିଷୟ ବସ୍ତୁ ସମ୍ବନ୍ଧରେ ପବିତ୍ର କୋରାନ୍‌ର ଆୟତ ଏବଂ ପବିତ୍ର ହଦିସ୍, ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅଙ୍କ ନିତୀବାଣୀ ଗୁଡିକ ଉପସ୍ଥାପନ କଲେ । ନମାଜ ସମ୍ବନ୍ଧରେ ସେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ନିମ୍ନଲିଖିତ ନିର୍ଦ୍ଦେଶକୁ ଉପସ୍ଥାପନ କଲେ । ହଜୁର୍ କହୁଛନ୍ତି- ''ପ୍ରଥମ (ଗୋଷ୍ଠୀ)ଙ୍କ ସହିତ ସାକ୍ଷାତ୍ କରିଥିବା ଶେଷଯୁଗର ଏହି ଜମାତ୍‌ର ଲୋକମାନଙ୍କ ପାଇଁ ମଧ୍ୟ ଏ କର୍ତ୍ତବ୍ୟ ରହିଛି ଯେ.... ଯେଉଁଭଳି ସାହାବାମାନେ ଉପାସନାର ସ୍ତରକୁ ଉର୍ଦ୍ଧଗାମୀ କରିଥିଲେ ଆମେ ମଧ୍ୟ ନିଜ ଉପାସନାର ସ୍ତରକୁ ଉଚ୍ଚା କରିବା ଏବଂ କେବଳ ସାଂସାରିକ ମାୟା ମୋହରେ ମାତି ରହିବା ନାହିଁ । ଜେଲି ତନ୍‌ଜିମ୍ ଏବଂ ଜମାତି ନିଜାମ୍ ଏ ରିପୋର୍ଟ୍ ଦେଉଛନ୍ତି କି ଆମର ଏତେ ପ୍ରତିଶତ ନମାଜ ପଢ଼ିବାବାଲା ହୋଇଗଲେଣି । ୪୦ପ୍ରତିଶତ, ୫୦ପ୍ରତିଶତ, ୬୦ପ୍ରତିଶତ । ଆମେ ତ ସେପର୍ଯ୍ୟନ୍ତ ଶାନ୍ତିରେ ବସିବା ଉଚିତ୍ ନୁହେଁ, ଯେପର୍ଯ୍ୟନ୍ତ ଶହେ ପ୍ରତିଶତ ଉପାସନାକାରୀ ସୃଷ୍ଟି ନହୋଇଯାଇଛନ୍ତି । ଏବଂ କେବଳ ନିଜାମ୍ ନୁହେଁ ବରଂ ପ୍ରତ୍ୟେକ ବ୍ୟକ୍ତିକୁ ନିଜେ ଏ ଅନୁଶୀଳନ କରିବା ଉଚିତ୍ କି ମୁଁ କେଉଁ ଅବସ୍ଥାରେ ରହିଛି'' । (ଖୁତ୍‌ବାଜୁମା ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ପ୍ରଦତ୍ତ ୦୧ ଡିସେମ୍ବର୍ ୨୦୧୭)

ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିର୍ଦ୍ଦେଶ ଦେଉଛନ୍ତି କି:- ''ଯେଉଁମାନେ ମସ୍‌ଜିଦ୍ ନିକଟରେ ରହୁଛନ୍ତି....ନିଜ ନିଜ ମସ୍‌ଜିଦ୍‌ରେ ବା ନିଜର ନମାଜ ସେଂଟର୍‌ରେ ନିୟମିତ ରୂପେ ନମାଜ ପଢ଼ିବା ନିମନ୍ତେ ଓ ବିଶେଷ ରୂପେ ଫଜର୍ ନମାଜ ପାଠ କରିବା ପାଇଁ ଯାଆନ୍ତୁ.... ପୃଥିବୀର ପ୍ରତ୍ୟେକ ଦେଶରେ ଏଥିପାଇଁ ଚେଷ୍ଟା କରାଯିବା ଉଚିତ୍ କି ମସ୍‌ଜିଦ୍ ଗୁଡିକୁ ଆବାଦ୍ କରାଯାଉ । ବିଶେଷ ରୂପେ ଯଦି ଓ୍ୱହ୍‌ଦାଦାର୍ ଏବଂ ଜମାତ୍‌ର କାର୍‌କୁନ୍‌ମାନେ ଓ ଓ୍ୱାକିଫିନେ ଜିନ୍ଦେଗୀ ଏଥିପ୍ରତି ଧ୍ୟାନ ଦିଅନ୍ତି ତେବେ ନମାଜରେ ଉପସ୍ଥାନ ବହୁତ ଉତ୍ତମ ହୋଇପାରିବ'' । (ଖୁତ୍‌ବାଜୁମା ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ପ୍ରଦତ୍ତ ୧୫ ଏପ୍ରିଲ୍ ୨୦୧୬)

ଦୁଆ ସମ୍ବନ୍ଧରେ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିମ୍ନଲିଖିତ ଉପଦେଶକୁ ଉପସ୍ଥାପନ କଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି- ''ଏପରି ଦୁଆ ଯାହା ଜ୍ଞାନ ଆହରଣ କରିବା ପରେ ଏବଂ (ଅଲ୍ଲାଃ)ଙ୍କ କରୁଣା ମାଧ୍ୟମରେ ସୃଷ୍ଟି ହୋଇଥାଏ ତାହାର ରୂପରେଖ ଅଲଗା ହୋଇଥାଏ । ତାହା ସମର୍ପିତ ହେବାର ବସ୍ତୁ ଅଟେ । ତାହା ମୃଦୁଳ କରିଦେଉଥିବା ବହ୍ନି ଅଟେ ତାହା କରୁଣାକୁ ଟାଣିଆଣୁଥିବା ଏକ ଚୁମ୍ବକୀୟ ଶକ୍ତି ଅଟେ ତାହା ହେଉଛି ମୃତ୍ୟୁ ଯାହା ପରିଶେଷରେ ଜୀବନ ପ୍ରଦାନ କରିଥାଏ ତାହା ଏକ ପ୍ରଖର ପ୍ରବାହ ଯାହା ପରିଶେଷରେ ଡଙ୍ଗା ହୋଇଯାଏ । ପ୍ରତ୍ୟେକ ପ୍ରକାରର ବିଗିଡି ଯାଇଥିବା କଥା ତାହାଦ୍ୱାରା ସଜାଡି ହୋଇଯାଏ । ଏବଂ ପ୍ରତ୍ୟେକ ପ୍ରକାରର ବିଷ ତା ଦ୍ୱାରା ଅମୃତ ହୋଇଯାଏ । ସେହି କଏଦୀକୁ ଶୁଭେଚ୍ଛା ଯିଏ ଦୁଆ କରୁଅଛି, ଥକୁନାହାଁନ୍ତି କାରଣ ଦିନେ ସେ ମୁକ୍ତି ପାଇବେ । ସେ ଅନ୍ଧବ୍ୟକ୍ତିକୁ ଅଭିନନ୍ଦନ ଯିଏ ଦୁଆ କରିବାରେ ଅବହେଳା କରୁନାହାଁନ୍ତି କାରଣ ଦିନେ ସେ ଦେଖିବାକୁ ଲାଗିଯିବେ । କବର୍ ଭିତରେ ପଡିଥିବା ସେହି ଲୋକମାନଙ୍କୁ ଅଭିନନ୍ଦନ ଯେଉଁମାନେ ଦୁଆ ସହିତ ଖୁଦାଙ୍କ ଠାରୁ ସାହାଯ୍ୟ ମାଗୁଛନ୍ତି । କାରଣ ଦିନେ ତାଙ୍କୁ କବରରୁ ବାହାର କରିଦିଆଯିବ । ତୁମମାନଙ୍କୁ ଅଭିନନ୍ଦନ କି ଦୁଆ କରିବାରେ କେବେ ଅବହେଳା କରୁନାହଁ ଏବଂ ତୁମର ଆତ୍ମା ଦୁଆ ନିମନ୍ତେ ତରଳୁଛି ଓ ତୁମର ଆଖି ଅଶ୍ରୁ ବୁହାଉଛି ଓ ତୁମର ଛାତିରେ ଗୋଟିଏ ବହ୍ନି ସୃଷ୍ଟି କରିଦେଉଛି ଏବଂ ତୁମକୁ ଏକାନ୍ତର ମଜା ଦେବାପାଇଁ ଅନ୍ଧାର କୋଠରୀ ଭିତରକୁ ଓ ସୁନ୍‌ସାନ୍ ଜଙ୍ଗଲ ଭିତରକୁ ନେଇଯାଉଛି ଏବଂ ତୁମକୁ ବ୍ୟାକୁଳ, ଦିଓ୍ୱାନା ଏବଂ ସ୍ୱତଃ ବେଗରେ ପରିଚାଳିତ କରାଉଛି କାରଣ ପରିଶେଷରେ ତୁମ ଉପରେ ଦୟା କରାଯିବ ଏବଂ ଇଶ୍ୱର ଯେଉଁଆଡକୁ ଆମକୁ ଡାକୁଛନ୍ତି ସେ ହେଉଛନ୍ତି ଅତ୍ୟନ୍ତ ଦୟାଳୁ, କୃପାଳୁ, ଲଜ୍ଜାଶୀଳ, ସତ୍ୟବାଦୀ, ଭକ୍ତିପୁର୍ଣ୍ଣ ଏବଂ ବିନମ୍ରଙ୍କ ଉପରେ କରୁଣା କରିବାବାଲା ଅଟେ । ସୁତରାଂ ତୁମେମଧ୍ୟ ନିଷ୍ଠାବାନ୍ ହୋଇଯାଅ ଏବଂ ସମ୍ପୂର୍ଣ୍ଣ ସତ୍ୟତା ଓ ଭକ୍ତିର ସହିତ ଦୁଆ କର ଫଳତଃ ସେ ତୁମଉପରେ ଦୟା କରିବେ.....ଦୁଆ କରିବାବାଲାଙ୍କୁ ଇଶ୍ୱର ଚମତ୍କାର ଦେଖାଇବେ ଏବଂ ମାଗିବାବାଲାକୁ ଏକ ପ୍ରକାର ଐଶ୍ୱରିକ ପୁରସ୍କାର ଦିଆଯିବ । ଦୁଆ ଖୁଦାଙ୍କ ନିକଟରୁ ଆସିଥାଏ ଏବଂ ଖୁଦାଙ୍କ ଆଡକୁ ହିଁ ଯାଇଥାଏ । ଦୁଆଦ୍ୱାରା ଖୁଦା ଏତେ ନିକଟତର ହୋଇଥାଆନ୍ତି ଯେମିତି ତୁମ ଜୀବନ ତୁମର ନିକଟରେ ରହିଛି । ଦୁଆର ପ୍ରଥମ ପୁରସ୍କାର ହେଉଛି ଏହା କି ତାହା ମନୁଷ୍ୟ ମଧ୍ୟରେ ପବିତ୍ର ପରିବର୍ତ୍ତନ ସୃଷ୍ଟି କରିଥାଏ । ପୁଣି ତାର ପରିବର୍ତ୍ତନ ହେବାଯୋଗୁ ଖୁଦା ମଧ୍ୟ ନିଜର ବିଶେଷ ଗୁଣକୁ ପରିବର୍ତ୍ତନ କରିଥାଏ ଏବଂ ତାର ବିଶେଷ ଗୁଣଗୁଡିକ ଅପରିବର୍ତ୍ତନୀୟ କିନ୍ତୁ ଯେଉଁମାନେ ପରିବର୍ତ୍ତିତ ହୋଇଥାନ୍ତି ସେମାନଙ୍କ ପାଇଁ ତାର ଆଉଗୋଟିଏ ଅଲଗା ପ୍ରକାଶ ରହିଛି ଯାହାକୁ ଏ ସଂସାର ଜାଣିନାହିଁ.... ସୁତରାଂ ଦୁଆ ହେଉଛି ସେହି ମହୋସଧି ଯିଏ ଗୋଟିଏ ମୁଠାଏ ମାଟିକୁ ରସାୟନ କରିଦିଏ ଏବଂ ତାହା ହେଉଛି ଏକ ପାଣି ଯାହା ଭିତରର ସମସ୍ତ ମଇଳାକୁ ଧୋଇଦିଏ । ଏହିପରି ଦୁଆ ଦ୍ୱାରା ଆତ୍ମା ତରଳିଯାଏ ଓ ପାଣିପରି ବହିଯାଇ ଇଶ୍ୱରଙ୍କ ଦ୍ୱାରଦେଶରେ ପଡ଼ିଥାଏ'' । (ଲେକ୍‌ଚର୍ ସିଆଲ୍‌କୋଟ୍, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୨୨୨)

ଇସ୍‌ତେଗ୍‌ଫାର୍ ସମ୍ବନ୍ଧରେ ତାଙ୍କ ତକ୍‌ରିର୍‌ରୁ ଦୁଇଟି ଇକ୍‌ତେବାସ୍ (ପାରା) ଉପସ୍ଥାପନ କରାଯାଉଛି । ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରହେମୁଲ୍ଲାଃ ତାଲା କହୁଛନ୍ତି:-

ଆମ ଜମାତ୍‌ର ଦାୟିତ୍ୱ ହେଉଛି ସମଗ୍ର ପୃଥିବୀରେ ଇସ୍‌ଲାମର ଧ୍ୱଜାକୁ ଉଚ୍ଚତର କରିବା ଏତେବଡ ଦାୟିତ୍ୱକୁ ନିର୍ବାହ କରିବା ପାଇଁ ଏହା ଆବଶ୍ୟକ ହେଉଛି ଯେ ଆମର ସମସ୍ତ ମନୁଷ୍ୟଗତ ଦୁର୍ବଳତା ଗୁଡିକ ଅଲ୍ଲାଃତାଲାଙ୍କ ମଗ୍‌ଫିରତ୍‌ର ଚାଦର ତଳେ ଢ଼ାଙ୍କି ହୋଇ ରହୁ ଏବଂ ସେଗୁଡିକ ପ୍ରକାଶ ନହେଉ । ଏହି ଦାୟିତ୍ୱ ପାଇଁ ଆବଶ୍ୟକ କି ଜମାତ୍‌ର ସମସ୍ତ ପୁରୁଷ ଓ ସମସ୍ତ ମହିଳା ଯେଉଁମାନଙ୍କର ବୟସ ୨୫ବର୍ଷରୁ ଅଧିକା ସେମାନେ ସମସ୍ତେ ଦିନରେ ଅତି କମ୍‌ରେ ୧୦୦ଥର, ଯେଉଁମାନଙ୍କ ବୟସ ୨୫ବର୍ଷ ଏବଂ ୧୫ ବର୍ଷ ମଧ୍ୟରେ ଅଛି ସେମାନେ ଦିନଯାକ ୩୩ଥର ଏବଂ ଯେଉଁମାନଙ୍କ ବୟସ ୧୫ ରୁ ୭ ବର୍ଷ ମଧ୍ୟରେ ରହିଛି ସେମାନେ ଦିନକରେ ୧୧ଥର ଏବଂ ଛୋଟପିଲାମାନେ ଯେଉଁମାନଙ୍କ ବୟସ ୭ବର୍ଷରୁ କମ୍ ସେମାନେ ପ୍ରତ୍ୟହ ଅତିକମ୍‌ରେ ତିନିଥର ଇସ୍‌ତେଗ୍‌ଫାର୍ କରନ୍ତୁ । (ଖୁତ୍‌ବାଜୁମା ୨୮ ଜୁନ୍ ୧୯୬୮, ଖୁତ୍‌ବାତେ ନାସିର୍, ଖଣ୍ଡ-୨, ପୃଷ୍ଠା-୨୦୨)

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହୁଛନ୍ତି-

ସଇତାନ୍ ଯେତେବେଳେ ଆକ୍ରମଣ କରିଥାଏ ଏବଂ ଯେତେବେଳେ ମନୁଷ୍ୟକୁ ବହକାଇଥାଏ..... ସେତେବେଳେ ସେ ଖୋଲାଖୋଲି ରୂପେ ଏହା କୁହେ ନାହିଁ କି.... ନାଫର୍‌ମାନି (ଅବମାନନା) କର.... ଅମୁକ ଅମୁକ ଖରାପ କାର୍ଯ୍ୟ କର ବରଂ ପୁଣ୍ୟର ଆଢୁଆଳରେ ରହି କୁକର୍ମ ଆଡକୁ ନେଇଯାଇଥାଏ... ସୁତରାଂ ସଇତାନ୍‌ର ପ୍ରେମକୁ (ପ୍ରକୃତ) ପ୍ରେମ ଜାଣି ତାକୁ ଜୀବନରେ ପ୍ରବେଶ କରାଓ ନାହିଁ ବରଂ ସର୍ବଦା ଇସ୍‌ତେଗ୍‌ଫାର୍ କରି ଅଲ୍ଲାଃତାଲାଙ୍କ ଶରଣରେ ଆସିବା ପାଇଁ ପ୍ରତ୍ୟେକ ଅହେମଦୀକୁ ଚେଷ୍ଟା କରିବା ଉଚିତ୍ । ସଇତାନ୍‌ଠାରୁ ବଂଚିବା ପାଇଁ ସବୁଠାରୁ ବଡ ଶରଣ ହେଉଛି ଅଲ୍ଲାଃତାଲାଙ୍କ (ଶରଣ) । ତେଣୁ ଏହି ବିଗିଡି ଯାଇଥିବା ଯୁଗରେ ଇସ୍‌ତେଗ୍‌ଫାର୍ କରି ଅଲ୍ଲାଃତାଲାଙ୍କ ଶରଣରେ ଆସିବା ପାଇଁ ଚେଷ୍ଟା କରିବା ଉଚିତ୍ କାରଣ ଇସ୍‌ତେଗ୍‌ଫାର୍ ହିଁ ସେହି ମାଧ୍ୟମ ଯାହାଦ୍ୱାରା ମନୁଷ୍ୟ ଅଲ୍ଲାଃତାଲାଙ୍କ ଶରଣରେ ଆସିପାରେ । (ଖୁତ୍‌ବାଜୁମା ପ୍ରଦତ୍ତ ୨୦ ମଇ ୨୦୧୬, ସ୍ଥାନ-ମସ୍‌ଜିଦ୍ ନାସିର୍, ଗୋଟନ୍‌ବର୍ଗ୍ ସ୍ୱିଡେନ୍)

ଏହି ଇଜ୍‌ଲାସ୍‌ର ତୃତୀୟ ଓ ଶେଷ ତକ୍‌ରୀର୍ ମୋହତ୍‌ରତ୍ ମୌଲାନା ସୁଲ୍‌ତାନ୍ ଅହେମଦ୍ ଜଫର୍ ସାହେବ୍ ନାଜିମ୍ ଇର୍‌ଶାଦ୍ ଓ୍ୱକ୍‌ଫେ ଯଦିଦ୍ କାଦିଆନ୍ ''ଖିଲାଫତେ ଆଲା ମିନ୍‌ହାଜେ ନବୁଓ୍ୱତ୍ ହକିକି ଆସ୍‌ମାନି ନିଜାମ୍ ଅଓର୍ ଉସ୍‌କି ବର୍‌କାତ୍'' (ଅର୍ଥାତ୍ ନବୁଓ୍ୱତ୍‌ର ଶୈଳୀରେ ଖିଲାଫତ୍ ହେଉଛି ପ୍ରକୃତ ସ୍ୱର୍ଗୀୟ ବ୍ୟବସ୍ଥା ଏବଂ ତା'ର ବୈଭବ) ବିଷୟ ଉପରେ କଲେ । ସେ ଖିଲାଫତ୍‌ର ବର୍‌କତ୍ ସମ୍ବନ୍ଧରେ ଚର୍ଚ୍ଚା କରି କହିଲେ ଯେ ଅଲ୍ଲାଃତାଲା କହୁଛନ୍ତି *ଓ୍ୱଲ୍ ୟୁମକ୍‌କିନନ୍ନା ଲହୁମ୍ ଦୀନହୁମୁଲ ଲଜିର୍ ତଜା ଲହୁମ୍* ଅର୍ଥାତ୍ ଖିଲାଫତ୍ ଜରିଆରେ ସେହି ଦୀନ୍‌କୁ ଯାହାକୁ ଅଲ୍ଲାଃତାଲା ସେମାନଙ୍କ ପାଇଁ ପସନ୍ଦ କରିଛନ୍ତି ସ୍ଥିରତା ଓ ଦୃଢ଼ତା ପ୍ରଦାନ କରିବେ । ଏହି ଦୃଷ୍ଟିକୋଣରୁ ସେ ଜୁଲାଇ ୨୦୧୭ରୁ ଜୁନ୍ ୨୦୧୮ ମଧ୍ୟରେ ବିଶ୍ୱବ୍ୟାପୀ ଜମାତ୍ ଅହେମଦୀୟା ଉପରେ ଅବତୀର୍ଣ୍ଣ ହୋଇଥିବା ଐଶ୍ୱର୍ଗିକ କରୁଣା ଓ ପୁରସ୍କାର ଗୁଡିକର ନିମ୍ନଲିଖିତ ସଂକ୍ଷିପ୍ତ ଗ୍ରାଫ୍ ଉପସ୍ଥାପନ କଲେ ।

*ବିଗତ ଏକବର୍ଷ ମଧ୍ୟରେ ଦୁଇଟି ଦେଶର ବୃଦ୍ଧି ସହିତ ପୃଥିବୀର ୨୧୨ଟି ଦେଶରେ ଅହେମଦୀୟତ୍‌ର ଝରା ଲାଗିସାରିଛି ।

*ଏପର୍ଯ୍ୟନ୍ତ ୭୫ଟି ଭାଷାରେ ପବିତ୍ର କୋରାନ୍‌ର ସମ୍ପୂର୍ଣ୍ଣ ଅନୁବାଦ କରାଯାଇ ଛପାସରିଛି ।

*ଶହେ ଅଶିଟି ମିଶନ୍ ହାଉସ୍; ବୃଦ୍ଧି ହେବା ସହିତ ସାରା ପୃଥିବୀରେ ମିଶନ୍ ହାଉସ୍‌ର ମୋଟ ସଂଖ୍ୟା- ୨୮୨୬ ହୋଇସାରିଛି ।

*୪୧୧ଟି ମସ୍‌ଜିଦ୍‌ର ବୃଦ୍ଧି ହେବା ସହିତ ବର୍ତ୍ତମାନ ସାରା ପୃଥିବୀରେ ଜମାତ୍‌ର ମସ୍‌ଜିଦ୍ ଗୁଡିକର ସଂଖ୍ୟା ପାଖାପାଖି ୧୭୪୧୧ ହୋଇସାରିଛି ।

*ବର୍ତ୍ତମାନ ପୃଥିବୀରେ ୧୨ଟି ସାଟେଲାଇଟସ୍ ମାଧ୍ୟମରେ ମୁସ୍‌ଲିମ୍ ଟେଲିଭିଜନ୍ ଅହେମଦୀୟାର ପାଂଚୋଟି ପ୍ରସାରଣ ଚବିଶି ଘଂଟା ଦେଖା ଓ ଶୁଣାଯାଇପାରୁଛି । ୨୧ଟି ରେଡିଓ ଷ୍ଟେସନ୍ ଦିନ ରାତି ତବ୍‌ଲିଗ୍‌ରେ ଲିପ୍ତ ରହିଛନ୍ତି ।

*ସାରା ପୃଥିବୀରେ ୭୧୪ଟି ସ୍କୁଲ୍, ୩୭ଟି ହସ୍‌ପିଟାଲ୍ ମାଧ୍ୟମରେ ଜମାତ୍ ଅହେମଦୟା ଦିନ ରାତି ମାନବ ଜାତିର ସେବାରେ ନିୟୋଜିତ ରହିଛି । ୪୯ଟି ଦେଶରେ ହ୍ୟୁମାନିଟି ଫାଷ୍ଟ୍ ଜରିଆରେ ବ୍ୟାପକ ରୂପେ ମାନବ ସମାଜର ସେବା କରାଯାଉଛି ।

*ପ୍ରଦର୍ଶନୀ ଓ ବୁକ୍‌ଫେୟାର୍ ମାଧ୍ୟମରେ ଲକ୍ଷଲକ୍ଷ ଲୋକଙ୍କ ନିକଟରେ ଇସ୍‌ଲାମ୍‌ର ବାର୍ତ୍ତା ପହଂଚାଇ ଦିଆଯାଇଛି ।

ଆଜି ଜମାତ୍ ଅହେମଦୀୟା ହିଁ ଇସ୍‌ଲାମ୍‌ର ସମ୍ମାନକୁ ସୁରକ୍ଷା ଦେବା ନିମନ୍ତେ ସାରା ପୃଥିବୀରେ ଦୁଃଖ ଓ କଷ୍ଟର ସମ୍ମୁଖୀନ ହେଉଅଛି । କିଛି ଦେଶଗୁଡିକରେ ତ ଏତେମାତ୍ରାରେ ମୁଖାଲିଫତ୍ କରାଯାଉଛି ଯେ ତାର ଦୃଷ୍ଟାନ୍ତ କେବଳ ପ୍ରଥମ ଯୁଗର ମୁସଲ୍‌ମାନ୍‌କୁ ଛାଡିଦେଲେ ଆଉକେଉଁଠାରେ ମିଳୁନାହିଁ ।

ଆଜି ସାରା ପୃଥିବୀରେ ଇସ୍‌ଲାମ୍‌କୁ ପ୍ରତିଷ୍ଠିତ କରାଇବା ପାଇଁ ଖିଲାଫତ୍‌ର ଛତ୍ରଛାୟା ତଳେ ଜମାତ୍ ଅହେମଦୀୟାର ସଦସ୍ୟମାନେ ନିଜ ସନ୍ତାନମାନଙ୍କୁ ଦୀନ୍‌ର ସେବା କରିବା ପାଇଁ ଓ୍ୱକ୍‌ଫ୍ (ଉତ୍ସର୍ଗ) କରୁଛନ୍ତି । ଇସ୍‌ଲାମ୍‌ର ତବ୍‌ଲିଗ୍ ଖାତିର୍ ନିଜ ଦେଶକୁ ପରିତ୍ୟାଗ କରୁଛନ୍ତି । କଲ୍‌ମା (ବାଣୀ)ର ମହାନତା ପାଇଁ ମାଡ ଖାଉଛନ୍ତି । ଇସ୍‌ଲାମ୍‌ର ପ୍ରେମରେ ଅଲ୍ଲାଃତାଲାଙ୍କ ମାର୍ଗରେ ବନ୍ଦି ହୋଇ ବର୍ଷ ବର୍ଷ ଅନ୍ଧାର କୋଠରୀ ଭିତରେ ପଡ଼ିଛନ୍ତି ଓ ନିଜ ଜୀବନର ବଳିଦାନ ଦେଉଛନ୍ତି କିନ୍ତୁ ଏହା ସବୁ ସତ୍ୱେ ମଧ୍ୟ ଏମାନଙ୍କର ଦୃଢ଼ପଦରେ ଅଣୁମାତ୍ରାରେ ମଧ୍ୟ ଫରକ ଆସିନାହିଁ ।

କାଦିଆନ୍‌ର ଅଜ୍ଞାତ ବସ୍ତିରୁ ଉଠିଥିବା ଧ୍ୱନୀର ଗୁଞ୍ଜରଣ ଆଜି ପୃଥିବୀର କୋଣେକୋଣେ ଶୁଣାଯାଉଅଛି । ଅଲ୍ଲାଃତାଲା ସେହି ଧ୍ୱନୀକୁ ଏତେ ବୈଭବ ଓ ପ୍ରସିଦ୍ଧି ପ୍ରଦାନ କରିଛି ଯେ ସାରା ପୃଥିବୀର ବୁଦ୍ଧିଜିବୀ ତାର ଗୁରୁତ୍ୱ ଓ ଲାଭକୁ ଦୃଷ୍ଟି ଆଗରେ ରଖି ତାକୁ ଧ୍ୟାନର ସହିତ ଶୁଣୁଛନ୍ତି ଏବଂ ତାର ସତ୍ୟତାକୁ ସ୍ୱୀକାର କରୁଛନ୍ତି ଓ ଏକଥା ପ୍ରକାଶ କରୁଛନ୍ତି କି ଖିଲାଫତ୍‌ର ଛତ୍ରଛାୟା ତଳେ ଅହେମଦୀୟତ୍ ଏପରି ବିଶ୍ୱ ପ୍ରସିଦ୍ଧି ଲାଭ କରିଛି ଯେ ଆଜି ପୃଥିବୀର କୌଣସି ଭାଗ ତା ବର୍‌କତ୍‌ରୁ ବଂଚିତ ନାହିଁ ଏବଂ ଆଜି ଆମେ ନିର୍ବିଘ୍ନତାର ସହିତ ଏହା କହିପାରିବା ଯେ ପ୍ରତିକ୍ଷଣ ଏବଂ ପ୍ରତିସ୍ଥାନରେ ଅହେମଦୀୟତ୍ ଉପରେ ଇଶ୍ୱରଙ୍କର ସାହାଯ୍ୟ ସହଯୋଗର ସୂର୍ଯ୍ୟ ସର୍ବଦା ପ୍ରଜ୍ୱଳିତ ହେଉଅଛି ଏବଂ ଇଶ୍ୱରଙ୍କ ସାହାଯ୍ୟ ସହଯୋଗରେ ଇସ୍‌ଲାମ୍‌ର ବିଶ୍ୱବ୍ୟାପୀ ବିଜୟ ପ୍ରତ୍ୟେକ ସକାଳକୁ ଆଲୋକିତ କରୁଅଛି ।

ଏହି ତକ୍‌ରୀର୍ ସହିତ ପ୍ରଥମ ଦିନର ଦ୍ୱିତୀୟ ଇଜ୍‌ଲାସ୍ ପରିସମାପ୍ତି ହେଲା ।

**ଦ୍ୱିତୀୟ ଦିନ ୨୯ ଡିସେମ୍ବର୍ ୨୦୧୮ (ଶନିବାର) ଦ୍ୱିତୀୟ ଦିନର ପ୍ରଥମ ଇଜ୍‌ଲାସ୍**

ଦ୍ୱିତୀୟ ଦିନର ପ୍ରଥମ ଇଜ୍‌ଲାସ୍‌ର କାର୍ଯ୍ୟକ୍ରମ ମୋକରମ୍ ସୟଦ୍ ତନ୍‌ୱିର୍ ଅହେମଦ୍ ସାହେବ୍ ସଦର୍ ଅଞ୍ଜୁମନ୍ ଓ୍ୱକ୍‌ଫେ ଜଦିଦ୍ ଭାରତଙ୍କ ସଭାପତିତ୍ୱରେ ପବିତ୍ର କୋରାନ୍ ପାଠ ସହିତ ଆରମ୍ଭ ହେଲା । ମୋକରମ୍ ହାଫିଜ୍ ଅମାନ୍ ଅଲୀ ସାହେବ୍ ମୁଅଲିମ୍ ସିଲ୍‌ସିଲା ସୁରଃ ତକ୍‌ୱିର୍‌ର ଆୟତ ନଂ- ୧-୩୦ ତିଲାଓ୍ୱତ୍ କଲେ ଯାହାର ଉର୍ଦ୍ଦୁ ଅନୁବାଦ ମୋକରମ୍ ମୌଲବୀ ଜୈନୁଦ୍ଦିନ୍ ହାମିଦ୍ ସାହେବ୍ ନାଜିମ୍ ଦାରୁଲ୍ କଜା କାଦିଆନ୍ ପଢ଼ି ଶୁଣାଇଲେ । ତା ପରେ ମୋକରମ୍ ତନ୍‌ୱିର୍ ଅହେମଦ୍ ନାସିର୍ ସାହେବ୍ ନାଏବ୍ ମୁଦିର୍ ବଦର୍ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ମଞ୍ଜୁମ୍ କଲାମ୍-

*ଦିଁ କି ନୁସ୍‌ରତ୍ କେ ଲିଏ*
*ଆସ୍‌ମାଁ ପର ଶୋର୍ ହୈ*
*ଅବ୍ ଗୟା ଓ୍ୱକ୍ତେ ଖିଜାଁ*

*ଆଏ ହେଁ ଫଲ୍ ଲାନେ କେ ଦିନ୍*

ଲଳିତ ସ୍ୱରରେ ପଢ଼ି ଶୁଣାଇଲେ । ଇଜ୍‌ଲାସ୍‌ର ପ୍ରଥମ ତକ୍‌ରିର୍ ମୌଲାନା ମୁହମ୍ମଦ୍ ହମିଦ୍ କୌସର୍ ସାହେବ୍ ନାଜ୍‌ରେ ଦାଓ୍ୱତେ ଇଲଲ୍ଲାଃ ମର୍କଜିୟା କାଦିଆନ୍ ''ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କି ମକ୍‌ବୁଲ୍ ଦୁଆଓଁ କେ ଇମାନ୍ ଅଫ୍‌ରୋଜ୍ ଓ୍ୱାକେୟାତ୍'' (ଅର୍ଥାତ୍ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅଙ୍କ ଦୁଆ ଗ୍ରହଣୀୟ ହେବାର ବିଶ୍ୱାସବର୍ଦ୍ଧକ ଘଟଣାବଳୀ) ବିଷୟରେ କଲେ । ସେ ହଜୁର୍ ଅନୁଓ୍ୱର୍‌ଙ୍କ ଦୁଆ ଗ୍ରହଣୀୟ ହେବାର କିଛି ବିଶ୍ୱାସବର୍ଦ୍ଧକ ଘଟଣାକୁ ଉପସ୍ଥାପନ କଲେ ସେଥିମଧ୍ୟରୁ କିଛି ଘଟଣା ପାଠକଙ୍କ ବିଶ୍ୱାସ ବୃଦ୍ଧି ନିମନ୍ତେ ଉପସ୍ଥାପନ କରାଯାଉଛି ।

୨୦୦୪ ମସିହାରେ ଆଫ୍ରିଗା ଗସ୍ତ ସମୟରେ ଯେତେବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ନାଇଜେରିଆରୁ ଯାଇ ବେନିନ୍ ପହଂଚିଲେ ଏବଂ ମିଶନ୍ ହାଉସ୍‌ରେ ପଦାର୍ପଣ କଲେ ସେତେବେଳେ ଅସର୍ (ନମାଜ)ର ସମୟ ହୋଇଥିଲା । ଭୀଷଣ ମୁଷଳ ଧାରାରେ ବର୍ଷା ହେଉଥିଲା । ନମାଜ ପଢ଼ିବା ପାଇଁ ପ୍ରାଙ୍ଗଣରେ ଛାମୁଣ୍ଡିଆ ଲଗାଯାଇଥିଲା ଯାହା ଚାରିପଟୁ ଖୋଲା ଥିଲା । ତେଣୁ ବର୍ଷା ଯୋଗୁ ସେଠାରେ ନମାଜ ପଢ଼ିବା କଷ୍ଟକର ହୋଇଯାଇଥିଲା ବରଂ ଛିଡା ହେବା ମଧ୍ୟ କଷ୍ଟକର ଥିଲା । ହଜୁର୍ ଯେତେବେଳେ ବାହାରକୁ ଆସି ନମାଜ ବିଷୟରେ ପଚାରି ବୁଝିଲେ ଏଥିରେ ଅମୀର୍ ସାହେବ୍ କହିଲେ ଯେ ବର୍ତମାନ ତ ଭୀଷଣ ବର୍ଷା ହେଉଅଛି ଓ ନମାଜ ପଢ଼ିବା ପାଇଁ ବାହାରେ ଟେଂଟ୍ ଲଗାଯାଇଛି । କିନ୍ତୁ ବର୍ଷା ଯୋଗୁ ଅସୁବିଧା ହେଉଅଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଆକାଶ ଆଡକୁ ଦୃଷ୍ଟି ଉଠାଇ କହିଲେ:- ଦଶ ମିନିଟ୍ ପରେ ନମାଜ ପଢ଼ିବା । ଏହା କହି ହଜୁର୍ ଭିତରକୁ ଚାଲିଗଲେ । ତାପରେ ଦୁଇ ତିନିମିନିଟ୍ ଯାଇଛି କି ନାହିଁ ଅଚାନକ ବର୍ଷା ବନ୍ଦ୍ ହୋଇଗଲା, ଆକାଶର ପାଗ ସଫା ହୋଇଗଲା, ଦେଖୁଦେଖୁ ସୂର୍ଯ୍ୟାଲୋକ ବାହାରିପଡିଲା ଓ ସେହି ଟେଂଟ୍ ତଳେ ନମାଜ ପଢ଼ିବାର ବ୍ୟବସ୍ଥା କରାଗଲା । ସ୍ଥାନୀୟ ଲୋକେ ଏହି ନିଦର୍ଶନକୁ ଦେଖି ବହୁତ ଆଶ୍ଚର୍ଯ୍ୟ ହେଲେ । ସେମାନଙ୍କର କହିବାର ଥିଲା ଯେ ଏଠାରେ ଯେତେବେଳେ ବର୍ଷା ଆରମ୍ଭ ହୋଇଯାଏ ସେତେବେଳେ ତାହା କେତେ କେତେ ଘଂଟା ଜାରି ରହେ । (କିନ୍ତୁ) ହଜୁର୍ ୧୦ମିନିଟ୍ କହିଲେ । ଏହା ତିନିମିନିଟ୍‌ରେ ଶେଷ ହୋଇଗଲା ନା କେବଳ ବନ୍ଦ୍ ହେଲା ବରଂ ବାଦଲ୍ ବି ଉଭେଇ ଗଲେ ।

୨୦୦୮ ମସିହାରେ କୌଣସି କାରଣ ବଶତଃ ଜଲ୍‌ସାସାଲାନା କାଦିଆନ୍ ଡିସେମ୍ବର୍ ମାସର ଧାର୍ଯ୍ୟ ତାରିଖ ଗୁଡିକରେ ଅନୁଷ୍ଠିତ ହୋଇପାରିନଥିଲା ବରଂ ୨୦୦୯ ମସିହାର ମଇ ମାସ ୨୫,୨୬,୨୭ ତାରିଖରେ ଅନୁଷ୍ଠିତ ହେଲା । ଶେଷଦିନ ହଜୁର୍ ଅନୁଓ୍ୱର୍‌ଙ୍କର ଉଦ୍‌ଯାପନୀ ଭାଷଣ ହେବାକୁ ଥିଲା । ପଞ୍ଜାବରେ ମଇମାସଟି ଧୂଳିରେ ପରିପୁର୍ଣ୍ଣ ଝଡ ତୋଫାନ ହୋଇଥାଏ । ଶେଷ ଇଜ୍‌ଲାସ୍ ଆରମ୍ଭ ହେବା ମାତ୍ରେ ହିଁ ଭୀଷଣ ଝଡତୋଫାନ ଆରମ୍ଭ ହୋଇଗଲା । ପାଣିପାଗ ବିଭାଗ ମଧ୍ୟ ଭୀଷଣ ଝଡ ତୋଫାନ୍ ଓ ଭୀଷଣ ବର୍ଷା ହେବାର ଏତେଲା ଦେଇଥିଲା । ଜଲ୍‌ସାଗାଃରେ ଅହେମଦୀମାନଙ୍କ ବ୍ୟତୀତ ହିନ୍ଦୁ ଓ ଶିଖ୍ ଭାଇମାନେ ମଧ୍ୟ ହଜୁର୍ ଅନୁଓ୍ୱର୍‌ଙ୍କ ଅଭିଭାଷଣ ଶୁଣିବା ପାଇଁ ଏକତ୍ରିତ ହୋଇଥିଲେ । ଝଡ ତୋଫାନ୍ ତୀବ୍ରରୁ ତୀବ୍ରତର ହୋଇଚାଲିଥିଲା । ଏପରି ଲାଗୁଥିଲା ଯେପିର ଜଲ୍‌ସାଗାଃର ସମସ୍ତ ବସ୍ତୁକୁ ଉଡାଇ ନେଇଯିବ । ସବୁଠାରୁ ବଡ ଶଙ୍କା ଏହା ଥିଲା କି ବିଜୁଳି ଏବଂ ଏମ୍.ଟି.ଏ ର ବ୍ୟବସ୍ଥାରେ କୌଣସି ସଙ୍କଟ ନ ଉପୁଜୁ । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଗୋଚରରେ ଏହି ସମସ୍ତ ପାଣିପାଗ ଜନିତ ବିବରଣୀ ଲେଖି ପାଗ ଅନୁକୁଳ ନିମନ୍ତେ ପ୍ରାର୍ଥନା କରିବା ପାଇଁ ନିବେଦନ କରାଗଲା । ତିଲାଓ୍ୱତ୍ ଏବଂ ନଜମ୍ ପରେ ହଜୁର୍ ଅନୁଓ୍ୱର୍ ନିଜ ଅଭିଭାଷଣର ପ୍ରାରମ୍ଭରେ କହିଲେ ଯେ ''କାଦିଆନ୍‌ରୁ ଏତେଲା ମିଳିଛି କି ବର୍ତମାନ ସେଠାରେ ଖୁବ୍ ଜୋର୍‌ରେ ପବନ ବହୁଅଛି, ଦୁଆ କରନ୍ତୁ ଯେ କୁଶଳ ଓ ମଙ୍ଗଳର ସହିତ ଜଲ୍‌ସା ପରିସମାପ୍ତି ହୋଇଯାଉ'' । ହଜୁର୍ ଅନୁଓ୍ୱର୍‌ଙ୍କ ଏହି ଦୁଆ ଅଲ୍ଲାଃତାଲା ଗ୍ରହଣ କଲେ ଓ ଦୁଇ ତିନିମିନିଟ୍ ମଧ୍ୟରେ ଝଡତୋଫାନ୍ ବନ୍ଦ୍ ହୋଇଗଲା ଏବଂ ଯେଉଁ ପରିବେଶଟି ବହୁତ ଉତପ୍ତ ଥିଲା ତାହା ଆରାମଦାୟକ ହୋଇଗଲା । ତେଣୁ ଶ୍ରୋତାମାନେ ବହୁତ ଶାନ୍ତି ଓ ସ୍ଥିରତାର ସହିତ ହଜୁର୍ ଅନୁଓ୍ୱର୍‌ଙ୍କ ଅଭିଭାଷଣ ଶୁଣିଲେ । ଅଲ୍‌ହମ୍‌ଦୋଲିଲ୍ଲାଃ ଆଲା ଜାଲିକ୍ । ନିଜ ଲୋକଙ୍କ ବ୍ୟତୀତ ହିନ୍ଦୁ ଓ ଶିଖ୍ ଭାଇମାନେ ମଧ୍ୟ ଏକଥା ସ୍ୱୀକାର କଲେ ଯେ ଏହା ହଜୁର୍‌ଙ୍କ ଦୁଆ ଗ୍ରହଣୀୟ ହେବାର ଏକ ନିଦର୍ଶନ ଅଟେ ।

ଇଜ୍‌ଲାସ୍‌ର ଦ୍ୱିତୀୟ ତକ୍‌ରିର୍ ମୋକରମ୍ ମୌଲାନା କେ ତାରିକ୍ ଅହେମଦ୍ ସାହେବ୍ ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଭାରତ ''ବା ଶରାହ୍ ଚାନ୍ଦା ଓ୍ୱ ନିଜାମେ ଓ୍ୱସିୟତ୍ କି ଅହେମୀୟତ୍ ଓ୍ୱ ବର୍‌କାତ୍'' (ଅର୍ଥାତ୍ ମାପରେ ଚାନ୍ଦା ପ୍ରଦାନ କରିବା ଏବଂ ଓ୍ୱସିୟତ୍ ବ୍ୟବସ୍ଥାର ଗୁରୁତ୍ୱ ଏବଂ ବୈଭବ) ବିଷୟରେ କଲେ । ସେ ନିଜ ଭାଷଣରେ କହିଲେ କି ମନୁଷ୍ୟକୁ ଯେତେବେଳେ ଏ ସଂସାର ଛାଡି ଯିବାର ସମୟ ଆସେ ସେତେବେଳେ ନିଶ୍ଚିତ ରୂପେ ଏ ଭାବନା ବ୍ୟତିବ୍ୟସ୍ତ କରିଦିଏ ଯେ କାଳେ ! ଆଉକିଛି ଜୀବନ ତାକୁ ଅଧିକା ଦେଇ ଦିଆଯାଆନ୍ତା ଏବଂ ସେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରୀୟତମ ବସ୍ତୁଗୁଡିକୁ ନିଃସଙ୍କୋଚ ଖର୍ଚ୍ଚ କରିବା ପାଇଁ ପ୍ରସ୍ତୁତ ହୋଇଯାଆନ୍ତା । ଏବଂ ସେ ଏକଥା ଚାହିଁଥାଏ ଯେ ଯାହାକିଛି ମୋ ନିକଟରେ ଅଛି ସେ ସବୁକୁ ମୁଁ ଅଲ୍ଲାଃତାଲାଙ୍କ ମାର୍ଗରେ ଖର୍ଚ୍ଚ କରେ ଓ କୌଣସି ପ୍ରକାରେ ଅଲ୍ଲାଃତାଲାଙ୍କ ସାନିଧ ହାସଲ କରେ । ଏଠାରେ ଏ ପ୍ରଶ୍ନ ଅତ୍ୟନ୍ତ ଗୁରୁତ୍ୱ ଅଟେ ଯେ କାହିଁକି ମଣିଷକୁ ସେହି ଶେଷ ସମୟରେ ଅଲ୍ଲାଃତାଲାଙ୍କ ମାର୍ଗରେ ଖର୍ଚ୍ଚ କରିବା କଥା ମନେପଡିଥାଏ । ଏବଂ ତାହା କିପ୍ରକାର ରହସ୍ୟ ଯାହା ଅଚାନକ ତା ପାଇଁ ସ୍ୱଷ୍ଟ ହୋଇଯାଇଥାଏ କି ଅଲ୍ଲାଃତାଲାଙ୍କ ପ୍ରସନ୍ନତା ହାସଲ କରିବାର ଗୋଟିଏ ଅତି ଉତମ ଓ କାର୍ଯ୍ୟକ୍ଷମ ଅସ୍ତ୍ର ହେଉଛି ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ଧନସମ୍ପତିକୁ କୁର୍ବାନ୍ (ଉତ୍ସର୍ଗ) କରିବା । ଆଁ ହଜ୍‌ରତ୍ ସ:ଆ:ସ ମନୁଷ୍ୟର ଏପରି ଅବସ୍ଥାର ନକ୍‌ସାକୁ ନିମ୍ନଲିଖିତ ଶବ୍ଦରେ ଟାଣିଛନ୍ତି ।

ହଜ୍‌ରତ୍ ଅବୁ ହୁରେରା ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି କି ଜଣେ ବ୍ୟକ୍ତି ନବୀ କରିମ୍ ସ:ଆ:ସଙ୍କ ଗୋଚରରେ ଉପସ୍ଥିତ ହୋଇ କହିଲା ଯେ ହେ ଅଲ୍ଲାଃଙ୍କ ରସୁଲ୍ ! କେଉଁ ପ୍ରକାରର ସଦ୍‌କା (ସତ୍‌କର୍ମ) ରେ ଅଧିକା ପୁଣ୍ୟ ରହିଛି ? ଆପଣ ସ:ଆ:ସ କହିଲେ ଯେ ସେହି ସଦ୍‌କାରେ (ରହିଛି) ଯାହାକୁ ତୁମେ ସ୍ୱାସ୍ଥ୍ୟବାନ୍ ଅବସ୍ଥାରେ ଲୋଭ ରଖିଥିବା ଅବସ୍ଥାରେ ମଧ୍ୟ କରିଥାଅ । ତୁମକୁ ଗୋଟିଏ ପଟେ ତ ଫକିରି (ଗରିବ ହୋଇଯିବା)ର ଭୟ ଅଛି ଓ ଅନ୍ୟପଟେ ଧନୀ ହେବାର ଆଶା ମଧ୍ୟ ରହିଛି ଏବଂ (ଏହି ସଦ୍‌କା ଖୈରାତ୍‌ରେ) ଅବହେଳା କରିବା ଉଚିତ୍ ନୁହେଁ ଯେତେବେଳେ ଜୀବନର ଶେଷ ସମୟ ପହଂଚିଯିବ ସେତେବେଳେ ତୁମେ ଏହା କହିବ କି ଅମୁକ ପାଇଁ ଏତିକି ଓ ଅମୁକ ପାଇଁ ଏତିକି । ଯେବେ କି ସେ ତ ଅମୁକ ଲୋକର ହୋଇସାରିଥିବ । (ସହି ବୁଖାରୀ କିତାବୁଲ୍ ଜକାତ୍)

ସୁତରାଂ ସୌଭାଗ୍ୟବାନ୍ ହେଉଛି ସେହି ବ୍ୟକ୍ତି ଯିଏ ଉତମ ଅବସ୍ଥାରେ ଅଲ୍ଲାଃତାଲାଙ୍କ ସହିତ ନିଜର ହିସାବ ନିକାଶ ଠିକ୍ ରଖିଥାଏ ଯଦ୍ୱାରା ତାର ଶେଷ ପରିଣାମ ଉତମ ହୋଇପାରିବ ନଚେତ୍ ପବିତ୍ର କୋରାନ୍ ଯେଉଁ ନକ୍‌ସା ଟାଣିଛି (ଅର୍ଥାତ୍) ମୃତ୍ୟୁ ସଜ୍ୟାରେ ଯାଇ ମାଲି କୁର୍ବାନୀ କରିବାର ଚିନ୍ତା କରିବା କ୍ଷତିଗ୍ରସ୍ତ ଲୋକମାନଙ୍କ ମଧ୍ୟରେ ନିଜକୁ ଗଣାଇବା ଓ ନିଜକୁ ଧ୍ୱଂସ ମୁଖରେ ପକାଇବାର କାରଣ ହୋଇଥାଏ ।

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- ''ଏ ଯୁଗ କେଡେ ବୈଭବପୁର୍ଣ୍ଣ ଯୁଗ ଅଟେ ଯେ କାହାଠାରୁ ଜୀବନ ମଗାଯାଉନାହିଁ ଏବଂ ଏ ଯୁଗ ଜୀବନଦେବାର (ଯୁଗ) ନୁହେଁ । ବରଂ ସାମର୍ଥ୍ୟ ଅନୁସାରେ ଧନସମ୍ପତି ଖର୍ଚ୍ଚ କରିବାର (ଯୁଗ)'' । (ଅଲ୍‌ହକମ୍ କାଦିଆନ୍ ୧୦ ଜୁଲାଇ ୧୯୦୩)

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃତାଲା କହୁଛନ୍ତି- ମୋ ସମ୍ପୂର୍ଣ୍ଣ ଜୀବନର ଅନୁଭବ ହେଉଛି ଏହା କି ଯେଉଁ ଲୋକମାନେ ମାଲି କୁର୍ବାନୀ କରିବାରେ ଖୁଦାତାଲାଙ୍କ ସହିତ ସ୍ୱଷ୍ଟ ମାମଲା ରଖୁନାହାଁନ୍ତି ଏବଂ ନିଷ୍ଠାର ସହିତ ନିଜ ଧନରୁ ଅଲ୍ଲାଃ ଏବଂ ତା ଦୀନ୍ ନିମନ୍ତେ ଭାଗ ଅଲଗା କରୁନାହାଁନ୍ତି, ସେମାନଙ୍କ ଅନ୍ୟାନ୍ୟ ମାମଲା ଗୁଡିକ ମଧ୍ୟ ବିଗିଡି ଯାଇଥାଏ । ଘରର ଶାନ୍ତି ନଷ୍ଟ ହୋଇଯାଇଥାଏ, କାରବାରରେ କ୍ଷତି ଉଠାଇଥାଆନ୍ତି, ସନ୍ତାନମାନଙ୍କ ତର୍‌ବିୟତ ବିଗିଡି ଯାଇଥାଏ ଏବଂ ସାଧାରଣତଃ ମନୁଷ୍ୟର ଜୀବନରୁ ବର୍‌କତ୍ (ବୈଭବ) ଉଠିଯାଇଥାଏ । (ମାଲି ନିଜାମ୍, ପ୍ରଥମ ଖଣ୍ଡ, ପୃଷ୍ଠା-୯୬)

ଓ୍ୱସିୟତ୍ ବ୍ୟବସ୍ଥାର ଗୁରୁତ୍ୱ ସମ୍ବନ୍ଧରେ ସେ ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ନିମ୍ନଲିଖିତ ନିତୀବାଣୀକୁ ଉପସ୍ଥାପନ କଲେ । ହଜୁର୍ କହୁଛନ୍ତି:- ''ଖୁଦାତାଲାଙ୍କ ଦୂତ ଗୋଟିଏ ନୁଆ ନିଜାମ୍ (ବ୍ୟବସ୍ଥା)ର ମୂଳଦୁଆ ୧୯୦୫ ମସିହାରେ ରଖିଥିଲେ ଓ ତାହା ଅଲ୍ ଓ୍ୱସିୟତ୍ ଜରିଆରେ ରଖିଥଲେ । ଯଦି ଇସ୍‌ଲାମୀୟ ରାଷ୍ଟ୍ରଗୁଡିକ ପୃଥିବୀବାସୀଙ୍କୁ ଖାଦ୍ୟ ଖୁଆଇବାକୁ ଚାହୁଁଥିବେ ସାରା ଦୁନିଆକୁ ବସ୍ତ୍ର ପିନ୍ଧାଇବାକୁ ଚାହୁଁଥିବେ ସାରା ପୃଥିବୀର ରହିବା ନିମନ୍ତେ ଘରର ବ୍ୟବସ୍ଥା କରିବାକୁ ଚାହୁଁଥିବେ, ସାରା ପୃଥିବୀର ରୋଗିମାନଙ୍କ ପାଇଁ ଉପଚାରର ବ୍ୟବସ୍ଥା କରିବାକୁ ଚାହୁଁଥିବେ, ସାରା ପୃଥିବୀର ଅଜ୍ଞାନତାକୁ ଦୂର କରିବା ନିମନ୍ତେ ଶିକ୍ଷାର ବ୍ୟବସ୍ଥା କରିବାକୁ ଚାହୁଁଥିବେ ତେବେ ନିଶ୍ଚିତ ରୂପେ ସରକାରଙ୍କ ହାତରେ ତାଠାରୁ ବହୁ ଅଧିକା ଟଙ୍କା ରହିବା ଉଚିତ୍ ଯେତେମାତ୍ରାରେ ପୁରୁଣା ଯୁଗରେ ଖର୍ଚ୍ଚ ହେଉଥିଲା । ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ଅନ୍ତର୍ଗତ ଏ ଘୋଷଣା କଲେ ଯେ ଏ ଯୁଗରେ ଖୁଦାତାଲା ସେହି ଲୋକମାନଙ୍କ ନିମନ୍ତେ ଯେଉଁମାନେ ପ୍ରକୃତ ସ୍ୱର୍ଗକୁ ହାସଲ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଏ ବ୍ୟବସ୍ଥା କଲେ ଯେ ସେମାନେ ନିଜ ଖୁସିରେ ନିଜ ଧନରୁ ଅତି କମ୍‌ରେ ଦଶଭାଗରୁ ଭାଗେ ବା ଅଧିକରୁ ଅଧିକ ଏକ ତୃତୀୟାଂଶ ଓ୍ୱସିୟତ୍ କରନ୍ତୁ । ସୁତରାଂ ଏହି ନିଜାମେ ନୌ (ନୂତନ ବ୍ୟବସ୍ଥା) ର ମୂଳଦୁଆ ୧୯୧୦ ମସିହାରେ ରୁଷ୍‌ଠାରେ ରଖାଯାଇନାହିଁ ନା ତାହା ଆସନ୍ତା କୌଣସି ବର୍ଷ ବର୍ତମାନ ହେଉଥିବା ଯୁଦ୍ଧ ପରେ ୟୁରୋପ୍‌ରେ ରଖାଯିବ ବରଂ ଏ ପୃଥିବୀକୁ ଆରାମ୍ ଦେଉଥିବା, ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନକୁ ସ୍ୱଚ୍ଛଳ ବନାଉଥିବା ଏବଂ ତତ୍‌ସହିତ ଦୀନ୍‌ର ସୁରକ୍ଷା କରୁଥିବା ନିଜାମେ ନୌର ମୂଳଦୁଆ ୧୯୦୫ ମସିହାରେ କାଦିଆନ୍‌ରେ ରଖାଯାଇସାରିଛି । ଏବେ ଏ ଦୁନିଆକୁ କୌଣସି ନିଜାମେ ନୌର ଆବଶ୍ୟକତା ନାହିଁ'' (ମାଲି ନିଜାମ, ପୃଷ୍ଠା- ୪୦-୪୧)

ଏହା ଆମର ସୌଭାଗ୍ୟ ଯେ ଏପରି ବାବର୍‌କତ୍ ନିଜାମ୍‌ରେ ଭାଗିଦାରୀ ହେବାପାଇଁ ଅଲ୍ଲାଃପାଇଁ କେବଳ ନିଜ କରୁଣାବଳରୁ ଆମକୁ ସୌଭାଗ୍ୟ ପ୍ରଦାନ କରିଛନ୍ତି ଓ କେଡେ ଅସମ୍ମାନ ହେବ ଯେ ଆମେ ଦାବୀ ତ କରୁଛେ *ନେହ୍‌ନୋ ଅନ୍‌ସାରୁଲ୍ଲାଃ* (ଅର୍ଥାତ୍ ଅଲ୍ଲାଃଙ୍କ ସାହାଯ୍ୟକାରୀ) ବୋଲି କିନ୍ତୁ ଗୋଟିଏ ଉତମ ତେହ୍‌ରିକ୍‌ରେ ସାମିଲ୍ ନହୋଇ ନିଜର ଦାବୀକୁ ଭୁଲ୍ ପ୍ରମାଣିତ କରିବା । ଓ୍ୱସିୟତ୍ ବ୍ୟବସ୍ଥାରେ ସାମିଲ୍ ହେବାପାଇଁ କେଉଁପ୍ରକାର ତାଗିଦ୍ କରାଯାଇଛି । ଏହାର ଆକଳନ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍‌ଙ୍କ ଏହି ଉପଦେଶରୁ ସଠିକ୍ ବୁଝାଯାଇପାରେ । ଆପଣ ର:ଅ କହୁଛନ୍ତି:-

''ମୋମିନ୍‌ର ବିଶ୍ୱାସର ପରୀକ୍ଷା ସେଥିରେ ରହିଛି କେ ସେ ଏହି ନିଜାମ୍‌ରେ ଦାଖିଲ୍ ହେଉ ଏବଂ ଖୁଦାତାଲାଙ୍କର ବିଶେଷ କରୁଣା ପ୍ରାପ୍ତ କରୁ । କେବଳ ମୁନାଫିକ୍ ହିଁ ଏହି ନିଜାମ୍‌ରୁ ବାହାରେ ରହିବ ଅର୍ଥାତ୍ କାହା ଉପରେ କୌଣସି ଜୋର୍ ଜବର୍‌ଦସ୍ତି ନାହିଁ କିନ୍ତୁ ଏହା ମଧ୍ୟ ନିର୍ଦ୍ଦେଶ ଦେଲେ ଯେ ଏଥିରେ ତୁମ ଇମାନ୍‌କୁ ପରୀକ୍ଷା କରାଯିବ । ଯଦି ତୁମେ ସ୍ୱର୍ଗ ନେବାକୁ ଚାହୁଁଛ ତେବେ ତୁମପାଇଁ ଏହା ଜରୁରୀ ଅଟେ ଯେ ତୁମେ ଏହି କୁର୍ବାନୀ କର । ହଁ ଯଦି ସ୍ୱର୍ଗର ମୂଲ୍ୟ ଓ ସମ୍ମାନ ତୁମ ହୃଦୟରେ ନାହିଁ ତେବେ ନିଜ ଧନକୁ ନିଜ ପାଖରେ ରଖ, ଆମକୁ ତୁମ ଧନର କୌଣସି ଆବଶ୍ୟକତା ନାହିଁ'' । (ମାଲି ନିଜାମ୍, ପୃଷ୍ଠା-୪୨)

ହଜୁର୍ ର:ଅ କହୁଛନ୍ତି:- ''ଯେବେ ଓ୍ୱସିୟତ୍‌ର ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବ ସେତେବେଳେ କେବଳ ଏହାଦ୍ୱାରା ତବ୍‌ଲିଗ୍ ହେବନାହିଁ ବରଂ ଇସ୍‌ଲାମ୍‌ର ଇଛା ମୁତାବକ ପ୍ରତ୍ୟେକ ବ୍ୟକ୍ତିଙ୍କ ଆବଶ୍ୟକତାକୁ ଏହାଦ୍ୱାରା ପୂରଣ କରାଯିବ । ଦୁଃଖ ଏବଂ ଅଭାବକୁ ଏ ଦୁନିଆରୁ ଶେଷ କରିଦିଆଯିବ । ଇନ୍‌ଶାଅଲ୍ଲାଃ । ୟତିମ୍ (ଅନାଥ) ଭିକ ମାଗିବେ ନାହିଁ, ବିଧବା ଲୋକମାନଙ୍କ ଆଗରେ ହାତ ପତାଇବେ ନାହିଁ ଏବଂ ଅଭାବୀ ବ୍ୟତିବ୍ୟସ୍ତ ହୋଇ (ଅଭାବ ଅନାଟନ)ରେ ଘୁରିବୁଲିବେ ନାହିଁ କାରଣ ଓ୍ୱସିୟତ୍ ପିଲାମାନଙ୍କର ମାଆ ହେବ, ଯୁବକ ମାନଙ୍କର ବାପା ହେବ, ମହିଳାମାନଙ୍କର ସୁହାଗ ହେବ ଏବଂ ବିନା ଜୋର୍‌ଜବର୍‌ଦସ୍ତି ପ୍ରେମଭାବ ଓ ମନଖୁସିରେ ଏହାଦ୍ୱାରା ଭାଇଭାଇର ସାହାଯ୍ୟ କରିବ ଓ ତାକୁ ଦେବା ନିରର୍ଥକ ହେବନାହିଁ ବରଂ ଦେଉଥିବା ପ୍ରତ୍ୟେକ ବ୍ୟକ୍ତି ଅଲ୍ଲାଃତାଲାଙ୍କଠାରୁ ଉତମ ପ୍ରତିବଦଳ ପାଇବ ନା ଧନୀମାନେ କ୍ଷତିରେ ରହିବେ ନା ଗରିବ । ନା ଜାତି (ଅନ୍ୟ କୌଣସି) ଜାତି ସହିତ ଲଢ଼ିବ ବରଂ ତାର ଅନୁଗ୍ରହ ସାରା ଦୁନିଆ ଉପରେ ବ୍ୟାପକ ହେବ । ତେଣୁ ତୁମେ ଯଥାଶିଘ୍ର ଓ୍ୱସିୟତ୍ କର ଯଦ୍ୱାରା ଶିଘ୍ରଶିଘ୍ର ନିଜାମେ ନୌର ନିର୍ମାଣ ହେଉ ଏବଂ ସେହି ପବିତ୍ର ଦିନ ଆସିଯାଉ ଯେବେ ଚାରିଆଡେ ଇସ୍‌ଲାମ୍ ଏବଂ ଅହେମଦୀୟତ୍‌ର ଧ୍ୱଜା ଉତୋଳନ ହେବାକୁ ଲାଗିବ । ଏହା ସହିତ ମୁଁ ସେହି ସମସ୍ତ ବନ୍ଧୁମାନଙ୍କୁ ମୁବାରକ୍‌ବାଦ୍ (ଅଭିନନ୍ଦନ) ଜଣାଉଛି ଯେଉଁମାନଙ୍କୁ ଓ୍ୱସିୟତ୍ କରିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଛି ଏବଂ ମୁଁ ଦୁଆ କରୁଛି ଯେ ଅଲ୍ଲାଃତାଲା ସେହି ଲୋକମାନଙ୍କୁ ମଧ୍ୟ, ଯେଉଁମାନେ ଏପର୍ଯ୍ୟନ୍ତ ଏହି ନିଜାମ୍‌ରେ ସାମିଲ୍ ହୋଇନାହାଁନ୍ତି ସୌଭାଗ୍ୟ (ଓ ଶକ୍ତି) ପ୍ରଦାନ କରନ୍ତୁ ଯେ ସେମାନେ ମଧ୍ୟ ଏଥିରେ ଭାଗନେଇ ଧର୍ମୀୟ ଓ ସାଂସାରିକ ବୈଭବରେ ମାଲାମାଲ୍ ହୁଅନ୍ତୁ'' । (ମାଲି ନିଜାମ୍, ପୃଷ୍ଠା-୪୨, କ୍ରମଶଃ...)

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ହଜୁର୍ ଅନୁଓ୍ୱର୍ ଗୋଟିଏ ଘର ଭିତରେ ସ୍ଥାପନ ହୋଇଥିବା ବୁକ୍‌ଷ୍ଟୋର୍‌କୁ ଦେଖିବା ପାଇଁ ପହଂଚିଲେ। ବୁକ୍‌ଷ୍ଟୋର୍‌ର ମୁଆଇନା କରିବା ପରେ ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ମଲକ୍ ତାରିକ୍ ହାରୁନ୍ ସାହେବ୍‌ଙ୍କ ଘରକୁ ଗଲେ। ସେ ହେଉଛନ୍ତି ଜଣେ ୱାକିଫେ ଜିନ୍ଦେଗୀ ଏବଂ ରିଭ୍ୟୁ ଅଫ୍ ରିଲିଜିଅନ୍ସ ବିଭାଗରେ ସେବା କରୁଅଛି। ଏହାପରେ ହଜୁର୍ ଅନୁଓ୍ୱର୍ କିଛି ସମୟ ପାଇଁ ମୁଖ୍ତାର୍ ମୁଲ୍‌ହମୀ ସାହେବ୍ ନ୍ୟାସ୍‌ନାଲ୍ ଜେନେରାଲ୍ ସେକ୍ରେଟାରୀ ଜମାତ୍ ଅହେମଦୀୟା ୟୁ.ଏସ୍.ଏଙ୍କ ଘରକୁ ଗଲେ। ମୁଆଇନା କରିବାର ଏହି ପ୍ରୋଗ୍ରାମ୍‌ର ଶେଷରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମୋକରମ୍ ଫହିମ୍ ୟୁନୁସ୍ କୁରେଶି ସାହେବ୍ ନାଏବ୍ ଅମୀର୍ ୟୁ.ଏସ୍.ଏ ଏବଂ ନ୍ୟାସ୍‌ନାଲ୍ ସେକ୍ରେଟାରୀ ତର୍‌ବିୟତ୍‌ଙ୍କ ସହିତ ଘର ନିର୍ମାଣ ପ୍ରୋଜେକ୍ଟ ସମ୍ବନ୍ଧରେ ପଚାରି ବୁଝିଲେ।

ମସ୍‌ଜିଦ୍ ବଇତୁର୍ ରହେମାନ୍‌ଠାରୁ ପାଖାପାଖି ୫୦ ମାଇଲ ଦୂରତାରେ ମଜଲିସ୍ ଅନ୍‌ସାରୁଲ୍ଲାଃ ୟୁ.ଏସ୍.ଏ ଅନ୍ତର୍ଗତ JAPA ଇଲାକାରେ ଗୋଟିଏ ନଦୀ କୂଳରେ ଏକ ହାଉସିଂ ସ୍କିମ୍ ଉପରେ କାର୍ଯ୍ୟ କରାଯାଉଛି ଯେଉଁଠି ସମସ୍ତ ଘର ଅହେମଦୀ ମାନଙ୍କର ହେବ ଏବଂ ଘରଗୁଡ଼ିକର ମଧ୍ୟ ସ୍ଥାନରେ ଗୋଟିଏ ଯାଗା ମସ୍‌ଜିଦ୍ ନିମନ୍ତେ ମଧ୍ୟ ବିଶେଷ ରୂପେ ରଖାଯାଇଛି। ଫହିମ ୟୁନୁସ୍ ସାହେବ୍ ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରରେ ଜଣାଇଲେ କି ପ୍ରଥମ ପଦକ୍ଷେପ ସମୟରେ ଜଜ୍ ଆମ ସପକ୍ଷରେ ନିଷ୍ପତି ଦେଇଛନ୍ତି। ଏବେ ଏ ସମ୍ବନ୍ଧରେ ଆହୁରି ଅଧିକ ସମୟ ଲାଗିବ। ସେ ପୁଣି ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରେ ଦୁଆ କରିବା ପାଇଁ ନିବେଦନ କଲେ କି ହଜୁର୍ ଦୁଆ କରନ୍ତୁ ଏ କାର୍ଯ୍ୟ ସମ୍ବନ୍ଧରେ ସମସ୍ତ ପ୍ରତିବନ୍ଧକ ଦୂର ହୋଇଯାଉ। ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି:- ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ ଯେବେ କୌଣସି ଭଲ କାର୍ଯ୍ୟ ପାଇଁ ବିଳମ୍ବ ହେଉଥିବ ତେବେ ଏଥିରେ ଖୁଦାତାଲା ଦୁଆ କରିବା ପାଇଁ ମୌକା ଦେଇଥାଏ। ତେଣୁ କୌଣସି ଚିନ୍ତା କରିବାର ନାହିଁ। ବ୍ୟତିବ୍ୟସ୍ତ ହେବା ଉଚିତ୍ ନୁହେଁ। କେବଳ ଦୁଆ କରନ୍ତୁ। ମୁଆଇନା ପରେ ଦିନ ୧:୧୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଠିକ୍ ଦିନ ୨ଟା ସମୟରେ ମସ୍‌ଜିଦ୍ ବଇତୁର୍ ରହେମାନ୍‌ଠାରେ ପହଂଚି ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ। ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ନିଜର ଆବାସସ୍ଥଳୀକୁ ଚାଲିଗଲେ।

### ଫ୍ୟାମିଲି ସାକ୍ଷାତ୍‌କାର୍

ପ୍ରୋଗ୍ରାମ୍ ମୁତାବକ ଠିକ୍ ସନ୍ଧ୍ୟା ୬ଟା ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ କାର୍ଯ୍ୟାଳୟରେ ପଦାର୍ପଣ କଲେ ଏବଂ ବିଭିନ୍ନ ଜମାତ୍‌ରୁ ଆସିଥିବା ସଦସ୍ୟଗଣ ଏବଂ ଫ୍ୟାମିଲି ଗୁଡ଼ିକର ସାକ୍ଷାତ୍‌କାରର ପ୍ରୋଗ୍ରାମ୍ ଆରମ୍ଭ ହେଲା। ଆଜି ସନ୍ଧ୍ୟାବେଳର ଏହି ଶେସନ୍‌ରେ ୫୨ଟି ଫ୍ୟାମିଲି ଏବଂ ୨୭ଜଣ ଏକକ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ। ମୋଟ ରୂପେ ୨୭୩ଜଣ ସଦସ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ। ପ୍ରତ୍ୟେକ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ କଲେ। ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ କଲମ ପ୍ରଦାନ କଲେ ଏବଂ ଛୋଟଛୋଟ ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ।

ଆଜି ସାକ୍ଷାତ୍ କରିଥିବା ଲୋକମାନଙ୍କ ମଧ୍ୟରେ ୱାସିଂଟନ୍ ଏବଂ ତା ଆଖପାଖର ଜମାତ୍ ଗୁଡ଼ିକ ବ୍ୟତୀତ ବୋଷ୍ଟନ୍ ଏବଂ ଓଶ୍‌କୋଶ୍‌ର ଜମାତ୍ ଗୁଡ଼ିକରୁ ମଧ୍ୟ ଫ୍ୟାମିଲି ଗୁଡ଼ିକ ଆସିଥିଲେ। ବୋଷ୍ଟନ୍‌ରୁ ଆସିଥିବା ସଦସ୍ୟମାନେ ଆଠଘଂଟାର ଯାତ୍ରା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ ଯେବେ କି ଓଶ୍‌କୋଶ୍‌ରୁ ଆସିଥିବା ଲୋକମାନେ ୮୫୦ ମାଇଲ୍ ଯାତ୍ରାକୁ ୧୬ଘଂଟାରେ ଅତିକ୍ରମ କରି ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ହାସଲ କରିବା ନିମନ୍ତେ ଏଠାରେ ଆସି ପହଂଚିଥିଲେ।

ଆଜି ଏଠାକୁ ସାକ୍ଷାତ୍ କରିବାକୁ ଆସିଥିବା ଫ୍ୟାମିଲି ଗୁଡ଼ିକର ବହୁତ ବଡ ସଂଖ୍ୟା ଏପରି ଫ୍ୟାମିଲିଙ୍କର ଥିଲା ଯେଉଁମାନେ ନିଜ ଜୀବଦଶାରେ ପ୍ରଥମଥର ପାଇଁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଉଥିଲେ। ଆଜିର ଦିନଟି ତାଙ୍କ ଜୀବନରେ ଏକ ଅତ୍ୟନ୍ତ ବାବର୍‌କତ୍ ଏବଂ ସ୍ମରଣୀୟ ଦିନ ଥିଲା କି ସେମାନେ ଜୀବନରେ ପ୍ରଥମଥର ପାଇଁ ଖଲିଫତୁଲ୍ ମସିହ୍‌ଙ୍କ ନିକଟରେ କିଛି କ୍ଷଣ ବିତାଇବାର ସୌଭାଗ୍ୟ ପାଇଲେ ଏବଂ ଦୁଆ ଓ ବର୍‌କତ୍‌ର ଖଜାନା ହାସଲ କଲେ। କେତେ ହିଁ ସୌଭାଗ୍ୟବାନ୍ ହେଉଛନ୍ତି ଏମାନେ, ଯେଉଁମାନେ ନିଜ ଜୀବନରେ ଏପରି ସୌଭାଗ୍ୟ ଲାଭ କଲେ ଯେଉଁଠି ଏହି ଲୋକମାନେ ନିଜେ ହିଁ ଉକ୍ତ କ୍ଷଣଗୁଡ଼ିକୁ ସଦାସର୍ବଦା ମନେରଖିବେ ସେଠାରେ ସେମାନଙ୍କ ସନ୍ତାନମାନେ ମଧ୍ୟ ଏହି ନିକଟତର କ୍ଷଣକୁ ମନେରଖିବେ ଓ ସେଗୁଡ଼ିକୁ ସୁରକ୍ଷିତ ରଖିବେ ଅର୍ଥାତ୍ ଆମର ସାରା ଜୀବନ ଗୋଟିଏପଟେ ଏବଂ ଏହି କିଛି କ୍ଷଣ ଆଉଗୋଟିଏ ପଟେ ଯାହା ଆମର ଦୀନ୍‌କୁ ମଧ୍ୟ ସମୃଦ୍ଧ କରିଛି ଓ ଦୁନିଆକୁ ମଧ୍ୟ ସମୃଦ୍ଧ କରିଛି।

ବହୁତ ଗୁଡ଼ିଏ ଫ୍ୟାମିଲି ଯେତେବେଳେ ସାକ୍ଷାତ୍‌କାର୍ କରି ହଜୁର୍ ଅନୁଓ୍ୱର୍‌ଙ୍କ କାର୍ଯ୍ୟାଳୟରୁ ବାହାରକୁ ଆସୁଥିଲେ ସେତେବେଳେ ସେମାନଙ୍କର ଆଖି ଖୁସି ଓ ଆନନ୍ଦର ଅଶ୍ରୁରେ ଭରି ରହିଥିଲା କି ଆଜି ଏ ଜୀବନରେ ଖୁଦା ଆମକୁ ଏ ଦିନ ଦେଖାଇଛନ୍ତି ଓ ଆମକୁ ଖଲିଫତୁଲ୍ ମସିହ୍‌ଙ୍କ ଦର୍ଶନ କରିବା ନିମନ୍ତେ କିଛି କ୍ଷଣ ମିଳିଛି। ଅଲ୍ଲାହତାଲା ଏହି ସୌଭାଗ୍ୟ ଆମ ସମସ୍ତଙ୍କ ପାଇଁ ମୁବାରକ୍ କରୁ।

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ୮:୪୫ ପର୍ଯ୍ୟନ୍ତ ଜାରି ରହିଲା। ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ବଇତୁର୍ ରହେମାନ୍‌ଠାରେ ପଦାର୍ପଣ କରି ମଗ୍‌ରିବ୍ ଏବଂ ଇଶା ନମାଜ ଜମା କରି ପାଠ କଲେ। ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ।

### ୧୭ ଅକ୍ଟୋବର୍ ୨୦୧୮ (ବୁଧବାର)
### ଫ୍ଲାଡେଲ୍‌ଫିଆଠାରେ ପଦାର୍ପଣ

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଭୋର୍ ୬:୧୫ରେ ମସ୍‌ଜିଦ୍ ବଇତୁର୍ ରହେମାନ୍‌ଠାରେ ପହଂଚି ଫଜର୍ ନମାଜ୍ ପଢ଼ାଇଲେ। ଫଜର୍ ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ। ସକାଳବେଳା ହଜୁର୍ ଅନୁଓ୍ୱର୍ ଦଫ୍‌ତରି ଡାକ, ଚିଠିପତ୍ର ଏବଂ ରିପୋର୍ଟସ୍ ଇତ୍ୟାଦି ନିରୀକ୍ଷଣ କଲେ ଓ ସେଥିରେ ହିଦାୟତ୍ ପ୍ରଦାନ କଲେ।

ଆଜି ପ୍ରୋଗ୍ରାମ୍ ମୁତାବକ ଏଠାରୁ ଫ୍ଲାଡେଲ୍‌ଫିଆ ନିମନ୍ତେ ଯାତ୍ରା କରିବାର ଥିଲା। ଠିକ୍ ୧୧:୨୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ, ଦୁଆ କରାଇଲେ ଏବଂ କାଫିଲା ଫ୍ଲାଡେଲ୍‌ଫିଆ ନିମନ୍ତେ ଯାତ୍ରା ଆରମ୍ଭ କଲା। ମସ୍‌ଜିଦ୍ ବଇତୁର୍ ରହେମାନ୍‌ରୁ ଫ୍ଲାଡେଲ୍‌ଫିଆର ଦୂରତା ୧୩୨ମାଇଲ୍। ଦିନ ୧:୧୫ରେ ଯେତେବେଳେ କାଫିଲାର ଗାଡିଗୁଡ଼ିକ ଫ୍ଲାଡେଲ୍‌ଫିଆ ସୀମାରେ ପ୍ରବେଶ ହେଲେ ସେଠିକାର ସ୍ଥାନୀୟ ପୋଲିସ୍ ବିଭାଗର ଦୁଇଟି ଗାଡି ହଜୁର୍ ଅନୁଓ୍ୱର୍‌ଙ୍କ ଗାଡିକୁ ଏସ୍‌କଟ୍ କଲା ଏବଂ ସହର ଭିତରର ରାସ୍ତାଗୁଡ଼ିକୁ କ୍ଲିଅର୍ କରି ଆଗକୁ ଆଗକୁ ମାଡ଼ିଚାଲିଲା।

ଆଜିର ଦିନଟି ଫ୍ଲାଡେଲ୍‌ଫିଆ ଜମାତ୍ ନିମନ୍ତେ ବହୁତ ହିଁ ମୁବାରକ୍ ଓ ଐତିହାସିକ ଦିନ ଥିଲା। ପ୍ରତ୍ୟେକ ଛୋଟ, ବଡ ପୁରୁଷ ଓ ମହିଳା, ଯୁବକ, ବୃଦ୍ଧ ସମସ୍ତେ ଖୁସି ଓ ଆନନ୍ଦରେ ବିହୋଳ ଥିଲେ। ଆଜି ତାଙ୍କ ସହରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପବିତ୍ର ପାଦ ପ୍ରଥମଥର ପାଇଁ ପଡ଼ିବାକୁ ଯାଉଛି। ଏହି ଲୋକମାନେ ସକାଳୁ ହିଁ ନିର୍ମାଣ ହୋଇଥିବା ନୂତନ ମସ୍‌ଜିଦ୍ ''ମସ୍‌ଜିଦ୍ ବଇତୁଲ୍ ଆଫିୟତ୍'' ଠାରେ ପଂହଚିବା ଆରମ୍ଭ କରିଦେଇଥିଲେ। ଫ୍ଲାଡେଲ୍‌ଫିଆର ସ୍ଥାନୀୟ ଜମାତ୍ ବ୍ୟତୀତ ନ୍ୟୁୟର୍କ, ସେଂଟ୍ରାଲ୍ ଜର୍ସି, ନର୍ଥ ଜର୍ସି, ବଫମ୍‌ଟନ୍, ଅଲ୍‌ବନି, ବୋଷ୍ଟନ୍, ଫିଚ୍‌ବର୍ଗ, ଲୌରିୟଲ୍, ଓଶ୍‌କୋଶ୍, ସିରାକସ୍, ବାଲ୍‌ଟିମୋର୍, ରୋଚ୍‌ଷ୍ଟର୍, ହାରିସ୍‌ବର୍ଗ ଏବଂ ଭର୍ଜିନିଆରୁ ମଧ୍ୟ ବହୁ ସଂଖ୍ୟାରେ ଜମାତ୍‌ର ସଦସ୍ୟମାନେ ଓ ଫ୍ୟାମିଲି ଗୁଡ଼ିକ ବହୁତ ଲମ୍ବା ଯାତ୍ରା ଅତିକ୍ରମ କରି ଆସି ଏଠାରେ ପହଂଚିଥିଲେ। ୨୦୦ ମାଇଲ୍‌ରୁ ନେଇ ୯୫୦ ମାଇଲ୍ ପର୍ଯ୍ୟନ୍ତର ରାସ୍ତାକୁ ଭିନ୍ନ ଭିନ୍ନ ଜମାତ୍ ଗୁଡ଼ିକରୁ ଜମାତ୍‌ର ସଦସ୍ୟମାନେ ରାସ୍ତା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ।

ହଜୁର୍ ଅନୁଓ୍ୱର୍‌ଙ୍କ ଆଗମନ ପୂର୍ବରୁ ଫ୍ଲାଡେଲ୍‌ଫିଆ ଜମାତ୍‌ର ମର୍କଜ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ବାହ୍ୟଭାଗଟି ଜମାତ୍‌ର ଲୋକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇସାରିଥିଲା। ପୁରୁଷ ଓ ମହିଳାମାନଙ୍କର ମୋଟ ସଂଖ୍ୟା ୧୯୦୦ରୁ ଅଧିକା ଥିଲା। ଦିନ ୧:୩୫ ରେ ଯେତେବେଳେ ହଜୁର୍ ଅନୁଓ୍ୱର୍ ସେଠାରେ ପଦାର୍ପଣ କଲେ, ସେଠିକାର ପରିବେଶଟି ସ୍ଲୋଗାନ୍‌ରେ ଗୁଞ୍ଜରଣ ହୋଇଉଠିଲା। ଛୋଟଛୋଟ ଝିଅପିଲାମାନଙ୍କର ଗ୍ରୁପ୍ ଗୁଡ଼ିକ ସ୍ୱାଗତ ସମ୍ବର୍ଦ୍ଧନା ମୂଳକ ଗୀତ ଉପସ୍ଥାପନ କଲେ। ଯେଉଁକ୍ଷଣି ହଜୁର୍ ଅନୁଓ୍ୱର୍ ଗାଡିରୁ ବାହାକୁ ବାହାରିଲେ ମୋକରମ୍ ସାହେବ୍‌ଜାଦା ମିର୍ଜା ମଗ୍‌ଫୁର୍ ଅହେମଦ୍ ସାହେବ୍ ଅମୀର୍ ଜମାତ୍ ୟୁ.ଏସ୍.ଏ, ମୋକରମ୍ ଡାକ୍ତର୍ ନସିମ୍ ରହେମତୁଲ୍ଲାଃ ସାହେବ୍ ନାଏବ୍ ଅମୀର୍ ୟୁ.ଏସ୍.ଏ ଏବଂ ମୋକରମ୍ ମୁଜିବୁଲ୍ଲାଃ ଚୌଧୁରୀ ସାହେବ୍ ସଦର୍ ଜମାତ୍ ଫ୍ଲାଡେଲ୍‌ଫିଆ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ କରମର୍ଦ୍ଦନ କରିବାର ସୌଭାଗ୍ୟ ଲାଭ କଲେ।

### ''ମସ୍‌ଜିଦ୍ ବଇତୁଲ୍ ଆଫିୟତ୍''ର ମୁଆଇନା

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ର ବାହ୍ୟକାନ୍ଥରେ ଲଗାଯାଇଥିବା ଫଳକଟିକୁ ଉନ୍ମୋଚନ କଲେ, ପୁଣି ଦୁଆ କରାଇଲେ। ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ। ଦିନ ୨:୦୫ରେ ହଜୁର୍ ଅନୁଓ୍ୱର୍ ଏହି ନୂତନ ନିର୍ମାଣ ହୋଇଥିବା ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ମୁଆଇନା କଲେ। ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍‌ର ପୁରୁଷ ହଲ୍ ଏବଂ ପୁଣି ମହିଳାମାନଙ୍କ ନିମନ୍ତେ ଥିବା ହଲ୍‌ର ମୁଆଇନା କଲେ। ଛୋଟଛୋଟ ପିଲାମାନଙ୍କୁ ସାଙ୍ଗରେ ଆଣିଥିବା ମହିଳାମାନଙ୍କ ନିମନ୍ତେ ଗୋଟିଏ ଅଲଗା ସ୍ଥାନ ନିର୍ଦ୍ଧାରିତ କରାଯାଇଛି। ଏବଂ ସେହି ଦୁଇଟି ସ୍ଥାନରେ ଅଲଗା ଅଲଗା ୱାସ୍‌ରୁମ୍ ନିର୍ମାଣ କରାଯାଇଛି।

ଏହାପରେ ହଜୁର୍ ଅନୁଓ୍ୱର୍ ଲାଇବ୍ରେରୀ ଓ କାର୍ଯ୍ୟାଳୟ ଗୁଡ଼ିକର ମୁଆଇନା କଲେ। ମୋକରମ୍ ଡାକ୍ତର ଏହ୍‌ସାନୁଲ୍ଲାଃ ଜଫର୍ ସାହେବ୍ ପୂର୍ବତନ ଅମୀର୍ ଜମାତ୍ ୟୁ.ଏସ୍.ଏ ଯିଏ ଆଜିକାଲି ବେମାର୍ ଅଛନ୍ତି ଏବଂ ହୁଇଲ୍ ଚେୟାର୍‌ରେ ମସ୍‌ଜିଦ୍‌ର ଗ୍ୟାଲେରୀରେ ଉପସ୍ଥିତ ଥିଲେ। ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ଡାକ୍ତର ସାହେବ୍‌ଙ୍କ ଠାରୁ ତାଙ୍କର ଅବସ୍ଥା ବିଷୟରେ ପଚାରି ବୁଝିଲେ ଏବଂ ତାଙ୍କ ସହିତ ହାତ ମିଳାଇଲେ। ଏହାପରେ ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍‌ର ବେସ୍‌ମେଂଟ୍ ଭିତରକୁ ପ୍ରବେଶ କଲେ। ସେଠାରେ Multi-Purpose ହଲ୍‌ର ମୁଆଇନା କଲେ। ଏହି ହଲ୍ ମଧ୍ୟରେ ଚାରିଶହ ଲୋକେ ଖାଦ୍ୟ ଖାଇପାରିବେ। ସାତଶହ ଲୋକେ ବସିପାରିବେ। ଏହି ହଲ୍‌ଟିକୁ ଖେଳପାଇଁ ମଧ୍ୟ ବ୍ୟବହାର ହେଉଛି। ଜୁମା ଦିନର ସନ୍ଧ୍ୟା ସମୟରେ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ପ୍ରସଙ୍ଗରେ ଗୋଟିଏ ରିସିପ୍‌ସନ୍ ପ୍ରୋଗ୍ରାମ୍ ଥିଲା। ଉକ୍ତ ପ୍ରୋଗ୍ରାମ୍ ନିମନ୍ତେ ଏହି ହଲ୍‌ଟିକୁ ପ୍ରସ୍ତୁତ କରାଯାଇଥିଲା। ହଜୁର୍ ଅନୁଓ୍ୱର୍ ଏହି ବ୍ୟବସ୍ଥା ସମ୍ବନ୍ଧରେ କିଛି ବିଷୟ ପଚାରି ବୁଝିଲେ। ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମର୍କଜି କିଚେନ୍‌ରେ ପହଂଚି ମୁଆଇନା କଲେ। ତତ୍ ସହିତ କିଛି ବ୍ୟବସ୍ଥାଗତ ପ୍ରସଙ୍ଗରେ ପଚାରି ବୁଝିଲେ। ଏହି ମୁଆଇନା ପରେ ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍ ଭିତରେ ଥିବା ପୁରୁଷ ହଲ୍ ଭିତରେ ପଦାର୍ପଣ କଲେ। ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ। ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ।

ଜମାତ୍ ଅହେମଦୀୟା ଆମେରିକାର ଇତିହାସରେ ଫ୍ଲାଡେଲିଫା ସହରକୁ ଗୋଟିଏ ସ୍ୱତନ୍ତ୍ରତା ହାସଲ ଅଛି। ଯେତେବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ହଜ୍‌ରତ୍ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ୍ ର:ଅଙ୍କୁ, ଯିଏ ଇଂଲିସ୍ତାନ୍‌ରେ ମୁବଲିଗ୍ ରୂପେ କାର୍ଯ୍ୟରତ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ। ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ। ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ।**

ଥିଲେ ତାଙ୍କୁ ଆମେରିକା ଯିବାପାଇଁ ନିର୍ଦ୍ଦେଶ ଦେଲେ । ସେ ଆମେରିକାର ପ୍ରଥମ ମୁବଲିଗ୍ ରୂପେ ୨୬ ଜାନୁୟାରୀ ୧୯୨୦ ଦିନ ଇଂଲିସ୍ ସ୍ଥାନର ବନ୍ଦର୍ ଲିଭରପୁଲ୍‌ରୁ ଯାତ୍ରା ଆରମ୍ଭ କଲେ ଏବଂ ୨୧ଦିନର ଜଳ ଜାହଜ ଯାତ୍ରା କରିବା ପରେ ୧୫ଫେବୃୟାରୀ ୧୯୨୦ ଦିନ ଆମେରିକାର ବନ୍ଦର୍ ଫ୍ଲାଡେଲିଫାଠାରେ ଓହ୍ଲାଇଲେ । କିନ୍ତୁ ତାଙ୍କୁ ଦେଶଭିତରେ ପ୍ରବେଶ କରିବା ପାଇଁ ଅନୁମତି ଦିଆଯାଇନଥିଲା ଓ ଏ ନିଷ୍ପତି କରାଗଲା କି ସେ ଯେଉଁ ଜାହଜରେ ଆସିଛନ୍ତି ସେହି ଜାହଜରେ ହିଁ ଫେରିଯାଆନ୍ତୁ । ଏଥିରେ ହଜ୍‌ରତ୍ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ୍ ର:ଅ ଏହି ନିଷ୍ପତି ଖିଲାଫରେ ମହକମା ଆବାଦକାରୀ (ୱାଶିଂଟନ୍)ରେ ଅପିଲ୍ କଲେ । ଏଥିରେ ତାଙ୍କୁ ସମୂଦ୍ର କୂଳରେ ଥିବା ଗୋଟିଏ ଘର ଭିତରେ ବନ୍ଦ୍ କରି ରଖିଦିଆଗଲା ଏବଂ କଏଦୀ କରିଦିଆଗଲା । ସେହି କୋଠରୀ ଭିତରୁ ବାହାରକୁ ବାହାରିବା ପାଇଁ ମନା ଥିଲା । କିନ୍ତୁ ପଦାରଚରଣ କରିପାରୁଥିଲେ । ସେହି କୋଠରୀର କବାଟ ଦିନବେଳା କେବଳ ଦୁଇଥର ଖୋଲୁଥିଲା । ସେହି କୋଠରୀ ଭିତରେ କିଛି ୟୁରୋପୀୟ ଲୋକମାନେ ମଧ୍ୟ ନଜରବନ୍ଦୀରେ ଥିଲେ । ହଜ୍‌ରତ୍ ମୁଫ୍‌ତି ସାହେବ୍ ଏହି ମୌକାର ଲାଭ ଉଠାଇ କଏଦୀ ମାନଙ୍କୁ ତବ୍‌ଲିଗ୍ କରିବା ଆରମ୍ଭ କରିଦେଲେ ଫଳତଃ ଦୁଇମାସ ଭିତରେ ପନ୍ଦରଜଣ କଏଦୀ ଇସ୍‌ଲାମ୍ ଗ୍ରହଣ କରିନେଲେ । ଏହାପରେ ମଇ ମାସ ୧୯୨୦ରେ ତାଙ୍କୁ ମୁକ୍ତ କରିଦିଆଗଲା । ଯେଉଁ ସହରରେ ହଜ୍‌ରତ୍ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ୍ ର:ଅ ଙ୍କୁ କଏଦୀ କରାଯାଇଥିଲା ଆଜି ସେହି ସହରରେ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଜମାତ୍‌କୁ ଗୋଟିଏ ବିରାଟ ଲମ୍ବା ଚଉଡା ସୁନ୍ଦର ''ମସ୍‌ଜିଦ୍ ବଇତୁଲ୍ ଆଫିୟତ୍'' ନିର୍ମାଣ କରିବା ପାଇଁ ସୌଭାଗ୍ୟ ମିଳିଛି । ଯାହାର ଉଦ୍‌ଘାଟନ ଉତ୍ସବ ଇନ୍‌ଶାଅଲ୍ଲାଃ ପବିତ୍ର ଜୁମାରୁ ହିଁ ହେବ । ଫ୍ଲାଡେଲ୍‌ଫିଆ ଜମାତ୍ ହଜୁର୍ ଅନ୍ୱୁର୍‌ଙ୍କ ତିନିଦିନ ରହଣୀ ସମୟରେ ବହୁତ ବ୍ୟାପକ ରୂପେ ସମସ୍ତ ବ୍ୟବସ୍ଥା କରିଛି । ପୁରୁଷ ମାନଙ୍କ ନିମନ୍ତେ ଦୁଇଟି Over Flow Tent ଲଗାଯାଇଛି । ସେହିପରି ମହିଳା ମାନଙ୍କ ପାଇଁ ମଧ୍ୟ ଦୁଇଗୋଟି ଟେଂଟ୍ ଲଗାଯାଇଛି । ଲଜ୍‌ନାର ସିକ୍ୟୁରିଟି ଏବଂ ରେଜିଷ୍ଟ୍ରେନ୍ ନିମନ୍ତେ ଅଲଗା ଅଲଗା ଅସ୍ଥାୟୀ ଅଫିସ୍ ନିର୍ମାଣ କରାଯାଇଛି ଯେବେ କି ପୁରୁଷ ମାନଙ୍କ ନିମନ୍ତେ ସିକ୍ୟୁରିଟି ଓ ରେଜିଷ୍ଟ୍ରେସନ୍ ପାଇଁ ଅଲଗା ଅଫିସ୍ ରହିଛି । ଖିଦ୍‌ମତ୍ ଖଲ୍‌କ୍ ବିଭାଗ ନିମନ୍ତେ ଗୋଟିଏ ଅଲଗା ଟେଂଟ୍ ଲଗାଯାଇଛି ଯେଉଁଥିରେ ସେମାନଙ୍କର କାର୍ଯ୍ୟାଳୟ ସ୍ଥାପନ କରାଯାଇଛି । ପୁରୁଷ ଓ ମହିଳାମାନଙ୍କ ଖାଇବା ପାଇଁ ଅଲଗା ଅଲଗା ଟେଂଟ୍ ଲଗାଯାଇଛି । ବିଶେଷ ଅତିଥିମାନଙ୍କ ଖାଇବା ପାଇଁ ଗୋଟିଏ ଅଲଗା ଟେଂଟ୍ ଲଗାଯାଇ ବ୍ୟବସ୍ଥା କରାଯାଇଛି । ଲଙ୍ଗର୍‌ଖାନାର ସ୍ଥାପନ ଅଲଗା ଗୋଟିଏ ଟେଂଟ୍‌ରେ ଲଗାଇ କରାଯାଇଛି ।

ମସ୍‌ଜିଦ୍ ଏବଂ ଓଭର୍ ଫ୍ଲୋ ଟେଂଟ୍‌ରେ ମୋଟ ଚାରି ହଜାର ଛଅଶହ ଲୋକମାନଙ୍କ ପାଇଁ ବ୍ୟବସ୍ଥା ରହିଛି । ଏହି ସମସ୍ତ ସ୍ଥାନଗୁଡିକ ପୁରୁଷ ଓ ମହିଳାମାନଙ୍କ ଦ୍ୱାରା ପୂର୍ଣ୍ଣ ହେବାର ଦେଖାଯାଉଅଛି । ଏପରି ଲାଗୁଛି ଯେପରି ମସ୍‌ଜିଦ୍ ଏବଂ ଏହାର ଚତୁଃପାର୍ଶ୍ୱରେ ଗୋଟିଏ ଛୋଟ ସହର ଗଢ଼ିଉଠିଛି ।

**ଫ୍ୟାମିଲି ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ଆଜି ସନ୍ଧ୍ୟାବେଳେ ଫ୍ୟାମିଲି ସାକ୍ଷାତ୍‌କାର୍ ରଖାଯାଇଥିଲା । ଠିକ୍ ଛଅଟା ସମୟରେ ହଜୁର୍ ଅନ୍ୱୁର୍ ଅ:ବ:ଅ ନିଜ ଦଫ୍‌ତର୍ ଭିତରେ ପଦାର୍ପଣ କଲେ ଏବଂ ସେଠାରେ ଫ୍ୟାମିଲ୍ ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ସନ୍ଧ୍ୟାବେଳର ଏହି ସେଶନ୍‌ରେ ଫ୍ଲାଡେଲ୍‌ଫିଆ ଏବଂ ଏହାର ଚତୁଃପାର୍ଶ୍ୱର ୧୪ଗୋଟି ଜମାତ୍‌ରୁ ଆସିଥିବା ୫୨ଟି ଫ୍ୟାମିଲି ଏବଂ ୩୭ଜଣ ଜଣକିଆ ସଦସ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହିପରି ମୋଟ ୨୫୭ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ପ୍ରତ୍ୟେକ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନ୍ୱୁର୍ ଅ:ବ:ଅ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ଦେଲେ ଓ ଛୋଟ ବୟସର ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । କିଛି ଫ୍ୟାମିଲି ବହୁତ ଲମ୍ବା ଯାତ୍ରା ଅତିକ୍ରମ କରି ସାକ୍ଷାତ୍‌କାର ନିମନ୍ତେ ଏଠାରେ ଆସି ପହଂଚିଥିଲେ । ବିଶେଷ ରୂପେ ବୁଫାଲୋ, ରୋଚେଷ୍ଟର୍ ଏବଂ ଅଲ୍‌ବାନିରୁ ଆସିଥିବା ଫ୍ୟାମିଲି ଗୁଡିକ ପାଖାପାଖି ୩୮୦ ମାଇଲ୍ ଦୂରତାକୁ ସାଢ଼େଛଅରୁ ସାତଘଂଟା ସମୟ ଖର୍ଚ୍ଚ କରି ଏଠାରେ ଆସି ପହଂଚିଥିଲେ ।

**ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)**

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ପାଖାପାଖି ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନ୍ୱୁର୍ ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ଠାରେ ପଦାର୍ପଣ କଲେ ଓ ସେଠାରେ ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା ।

ହଜୁର୍ ଅନ୍ୱୁର୍ ଅ:ବ:ଅ ନିମ୍ନ ଲିଖିତ ୨୯ଜଣ ପୁଅଝିଅଙ୍କ ଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜ୍ ଶାୟାନ୍ ଅହେମଦ୍ ଖାନ୍, ଜିଶାନ୍ ମନ୍‌ଜୁର୍ ଅହେମଦ୍, ଅବ୍‌ଦୁଲ୍ ହକିମ୍ ନୁରୁଦ୍ଦିନ୍ ରୁଶ୍‌ଦି, କାମ୍‌ରାନ୍ ୟହ୍‌ୟା, ସଫିର୍ ଅହେମଦ୍ ଚୌଧୁରୀ, ଅନ୍‌ସର୍ ସଫିର୍ ଆଲମ୍, ଅବ୍‌ଦାଲ୍ ଅହେମଦ୍, ସାଲିକ୍ ରବାନୀ, ରୟାନ୍ ଅହେମଦ୍, ତମ୍‌ସିଲ୍ ଅହେମଦ୍ ତନ୍ୱିର୍ ।

ଅଜିଜା Warizah ଜାୱେଦ୍, ସଫିୟା ଜାୱେଦ୍, ସବିକା ଅହେମଦ୍, ଆୟାତ୍ ବାଜ୍‌ୱା, Parisa ତାହେର୍, Parisa Aynour ଅହେମଦ୍, Duha ଅହେମଦ୍, ଅଫିଫା ମେହ୍‌ମୁଦ୍, ଜାରାଃ ମେହ୍‌ମୁଦାଃ ମଲକ୍, ସାଫିୟା ରିଜ୍‌ୱାନ୍ ହମିଦ୍, ଅବିହା ମଲକ୍, ଆଇଜାଃ ଶେହ୍‌ଜାଦ୍, ୟୁସ୍‌ରାଃ ଅହେମଦ୍, ମଲାଇକା ଅହେମଦ୍ ଏୱାନ୍, ଆଇଜାଃ କୁବୈର୍, ଫରିହା କୁବୈର୍, ଲାଇବା ମଲକ୍, ଆସ୍‌ଫା ସାଜିଦ୍, ଅଲିନା ଅହେମଦ୍ ।

ତକ୍‌ରିବେ ଆମିନ୍ ପରେ ହଜୁର୍ ଅନ୍ୱୁର୍ ଅ:ବ:ଅ ମଗରିବ୍ ଏବଂ ଇସା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନ୍ୱୁର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

*(ବହ୍‌ୱାଲା, ଅଖିବାର ବଦର୍ ଉର୍ଦ୍ଦୁ, ୬ ଡିସେମ୍ବର ୨୦୧୮)*

## ଅଖିବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖିବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଥ୍ୱୁର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୱୁର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖିବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

## ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିଭାବକୁ ଦେଖାଅ । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଓ ତା ଉପରେ ପରିଚାଳିତ ହୁଅ ।

### ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିଜ ଜମାତ୍‌ଠାରୁ ଆଶାପୋଷଣ

ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-

ମନେରଖ ଆମ ଜମାତ୍ ଏକଥା ପାଇଁ ନୁହେଁ ଯେପରି ସାଧାରଣ ସାଂସାରିକ (ବ୍ୟକ୍ତି) ଜୀବନ ବିତାଇଥାଏ । କେବଳ ମୁହଁରୁ କହିଥାଏ ଯେ ଆମେ ଏହି ସିଲ୍‌ସିଲାରେ ଦାଖିଲ୍ ଅଛୁ । ଏବଂ ଅମଳ (କାର୍ଯ୍ୟ)ର ଆବଶ୍ୟକତାକୁ ବୁଝୁନାହିଁ ଯେପରି ଦୁର୍ଭାଗ୍ୟ ବଶତଃ ମୁସଲମାନ୍ ମାନଙ୍କର ଏପରି ଅବସ୍ଥା ଯେ (ଯେବେ ତାଙ୍କୁ) ପଚାର କି ତୁମେ ମୁସଲମାନ୍ ଅଟ? ସେତେବେଳେ ସେ କହିଥାନ୍ତି ଶୁକର୍ ଅଲ୍‌ହମ୍‌ଦୋଲିଲ୍ଲାଃ । କିନ୍ତୁ ନମାଜ ପଢ଼ନ୍ତି ନାହିଁ ଏବଂ ଅଲ୍ଲାଃଙ୍କ ଚିହ୍ନର ସମ୍ମାନ କରନ୍ତି ନାହିଁ ସୁତରାଂ ମୁଁ ତୁମଠାରୁ ଏହା ଚାହୁଁନାହିଁ ଯେ କେବଳ ମୁହଁଦ୍ୱାରା ମାନିନିଅ ଓ କାର୍ଯ୍ୟ କରି କିଛି ଦେଖାଅନାହିଁ । ଏହା ହେଉଛି ନିକମା ମାନଙ୍କ ଅବସ୍ଥା । ଖୁଦାତାଲା ଏହା ପସନ୍ଦ କରେନାହିଁ । ପୃଥିବୀର ଏପରି ଅବସ୍ଥା ଏହା ଚାହୁଁଥିଲା କି ଖୁଦାତାଲା ମୋତେ ଇସ୍‌ଲାହ୍ (ସଂସ୍କାର) ନିମନ୍ତେ ଛିଡା କଲା । ତେଣୁ ଏବେ ଯଦି କୌଣସି (ବ୍ୟକ୍ତି) ମୋ ସହିତ ସମ୍ପର୍କ ରଖି ମଧ୍ୟ ନିଜ ଅବସ୍ଥାରେ ସୁଧାର ଆଣୁନାହିଁ ଏବଂ କାର୍ଯ୍ୟଶକ୍ତିରେ ଉନ୍ନତି ଆଣୁନାହିଁ ବରଂ ମୁହଁଦ୍ୱାରା ମାନିଯିବାକୁ ହିଁ ଯଥେଷ୍ଟ ମଣୁଛି ସେ ଏପରି ଅଟେ ଯେପରି ନିଜର କାର୍ଯ୍ୟଦ୍ୱାରା ମୋ ଅନାବଶ୍ୟକତା ଉପରେ ଜୋର୍ ଦେଉଅଛି । ପୁଣି ତୁମେ ଯଦି ନିଜ କାର୍ଯ୍ୟଦ୍ୱାରା ପ୍ରମାଣ କରିବାକୁ ଚାହୁଁଛ ଯେ ମୋ ଆସିବା ନିରର୍ଥକ ତେବେ ପୁଣି (ଯଦି) ମୋ ସହିତ ସମ୍ପର୍କ ରଖିବାର ଅର୍ଥ କଣ? ମୋ ସହିତ ସମ୍ପର୍କ ସୃଷ୍ଟି କରୁଛ ତେବେ ମୋର ଲକ୍ଷ ଓ ଉଦ୍ଦେଶ୍ୟକୁ ପୂରଣ କର ଓ ତାହା ହେଉଛି ଏହା ଯେ ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିକୁ ଦେଖାଅ ଏବଂ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ସେହିପରି ପରିଚାଳିତ ହୁଅ ଯେଉଁପରି ରସୁଲୁଲ୍ଲାଃ ସ:ଆ:ସ କରି ଦେଖାଇଛନ୍ତି ଏବଂ ସାହାବାମାନେ ମଧ୍ୟ କରିଛନ୍ତି । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଏବଂ ତା ଉପରେ ପରିଚାଳିତ ହୁଅ । ଖୁଦାତାଲାଙ୍କ ନିକଟରେ ଏତିକି କଥା ଯଥେଷ୍ଟ ହୋଇପାରେନା ଯେ ମୁହଁରେ ମାନିନେବା ଓ କାର୍ଯ୍ୟରେ କୌଣସି ଆଲୋକ ଓ ଉତ୍ସୁକତା ନମିଳିବା । ମନେରଖ ଯେ ଯେଉଁ ଜମାତ୍‌କୁ ଖୁଦାତାଲା ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ତାହା ବିନା କାର୍ଯ୍ୟରେ ଜୀବିତ ରହିପାରିବ ନାହିଁ । *(ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୨୨୨)*

(ନଜାରତ୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2017-2019 Vol.4 Thursday 14 February 2019 Issue No.7**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

**୧୬ ଅକ୍ଟୋବର ୨୦୧୮ (ମଙ୍ଗଳବାର)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୬:୧୫ ''ମସ୍‌ଜିଦ୍ ବଇତୁଲ୍ ରହ୍‌ମାନ୍'' ଠାରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଆବାସସ୍ଥଳୀକୁ ଚାଲିଗଲେ । ସକାଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବିଭିନ୍ନ ଦଫ୍‌ତରି କାର୍ଯ୍ୟଗୁଡିକ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ଆଜି ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଗସ୍ତ ସମ୍ବନ୍ଧରେ ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା । ସେଥି ମଧ୍ୟରୁ ଗୋଟିଏ ଥିଲା ମୁଆଇନାର ପ୍ରୋଗ୍ରାମ୍ । ସେହିଭଳି ମସ୍‌ଜିଦ୍ ବଇତୁଲ୍ ରହ୍‌ମାନ୍ ସହିତ ସଂଲଗ୍ନ ଅଫିସ୍ ବ୍ଲକ୍‌ରେ କିଛିଟା ପରିବର୍ତନ କରାଯାଇଛି । ତାର ମଧ୍ୟ ମୁଆଇନା (ତଦାରଖ) କରିବା ସାମିଲ୍ ଥିଲା । ତତ୍‌ସହିତ ଏଠାରେ ପ୍ରତିଷ୍ଠା କରାଯାଇଥିବା ଏମ୍.ଟି.ଏ ଆର୍ଥ୍ ଷ୍ଟେସନ୍‌ର ନୂତନ ଅଟ୍ଟାଳିକାର ଉଦ୍‌ଘାଟନ ମଧ୍ୟ ହେବାର ଥିଲା ।

ଜମାତ୍ ଅହେମଦୀୟା ଆମେରିକାର ଏହି କେନ୍ଦ୍ରର ମୋଟ କ୍ଷେତ୍ରଫଳ ହେଉଛି ପାଖାପାଖି ୧୮ଏକର । ଏଠାରେ ଆମେରିକାର ସବୁଠାରୁ ବଡ ମସ୍‌ଜିଦ୍ ''ମସ୍‌ଜିଦ୍ ବଇତୁର୍ ରହେମାନ୍''ର ନିର୍ମାଣ ୧୯୯୪ ମସିହାରେ ସମ୍ପୂର୍ଣ୍ଣ ହେଲା ଏବଂ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ ଅକ୍ଟୋବର୍ ୧୯୯୪ ମସିହାରେ ନିଜ ଆମେରିକା ଗସ୍ତ ସମୟରେ ଏହି ମସ୍‌ଜିଦ୍‌କୁ ଉଦ୍‌ଘାଟନ କରିଛନ୍ତି । ଏହି ମସ୍‌ଜିଦ୍‌ରେ ଦେଢ଼ ହଜାର୍ ପାଖାପାଖି ଲୋକେ ନମାଜ ପଢ଼ିପାରିବେ । ଜମାତ୍‌ର ଏହି କେନ୍ଦ୍ରୀୟ କମ୍ପ୍ଲେକ୍‌ସ୍‌ରେ ମସ୍‌ଜିଦ୍ ବ୍ୟତୀତ ବିଭିନ୍ନ ଜମାତି କାର୍ଯ୍ୟାଳୟ, ମିଶନ୍ ହାଉସ୍, ଲାଇବ୍ରେରୀ, ମର୍କଜି କିଚେନ୍ ଏବଂ ଡାଇନିଂ ହଲ୍ ଇତ୍ୟାଦି ସାମିଲ୍ ଅଛି । ଏତଦ୍‌ବ୍ୟତୀତ ଆର୍ଥ୍ ଷ୍ଟେସନ୍ ଏମ୍.ଟି.ଏ ଏବଂ ବିଭିନ୍ନ ଆପାର୍ଟ୍‌ମେଂଟ୍‌ସ୍ ରହିଛି ।

**ଏମ୍.ଟି.ଏ ଟେଲିପୋର୍ଟ୍‌ର ଉଦ୍‌ଘାଟନ**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଠିକ୍ ୧୨:୦୫ରେ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଓ ସର୍ବପ୍ରଥମେ ଆର୍ଥ୍‌ଷ୍ଟେସନ୍ ନିକଟକୁ ଗଲେ ଏବଂ ତାର ବାହ୍ୟ ଭାଗରେ ଲଗାଯାଇଥିବା ଫଳକଟିକୁ ଉନ୍ମୋଚନ କଲେ ଏବଂ ଦୁଆ କରାଇଲେ । ଏହି ଅବସରରେ ମ୍ୟାନେଜିଂ ଡିରେକ୍ଟର୍ ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍, ଲଣ୍ଡନ୍ ମୋକରମ୍ ମୁନିରୁଦ୍ଦିନ୍ ଶମ୍‌ସ୍ ସାହେବ୍ ଏବଂ ଡିରେକ୍ଟର୍ ମସ୍‌ରୁର୍ ଟେଲିପୋର୍ଟ୍ ଆମେରିକା ମୋକରମ୍ ମୁନିର୍ ଅହେମଦ୍ ଚୌଧୁରୀ ସାହେବ୍‌କୁ କିଛି ଜରୁରୀ ହିଦାୟତ୍ ପ୍ରଦାନ କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଟେଲିପୋର୍ଟ୍ ଭିତରକୁ ପ୍ରବେଶ କଲେ । ଏମ୍.ଟି.ଏର ନୂତନ High Defination ସର୍ଭିସ୍ ନିମନ୍ତେ ଯେଉଁ ସିଷ୍ଟମ୍ ଲଗାଯାଇଥିଲା ସେ ସମ୍ବନ୍ଧରେ ଡିରେକ୍ଟର୍ ସାହେବ୍ ବ୍ୟାଖ୍ୟା କରି କହିଲେ । ଏହି ନୂତନ ସର୍ଭିସ୍ ନର୍ଥ ଆମେରିକାର ଦେଶଗୁଡିକ ନିମନ୍ତେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ବିଶେଷ ନିର୍ଦ୍ଦେଶନାରେ ଏଠିକାର ଗୋଟିଏ ପ୍ରସିଦ୍ଧ ସାଟେଲାଇଟ୍ ଗ୍ୟାଲେକ୍‌ସି ୧୯ରେ ଆରମ୍ଭ କରାଯାଇଛି ଯେଉଁଥିରେ ଶହଶହ ଆରବୀ, ଫାର୍ସୀ, ଉର୍ଦ୍ଦୁ ଏବଂ ଅନ୍ୟାନ୍ୟ ଭାଷାର ଫ୍ରି ଚ୍ୟାନେଲ୍‌ସ୍ ଅବସ୍ଥିତ ଅଛନ୍ତି । ଇସ୍‌ଲାମ୍‌ର ତବ୍‌ଲିଗ୍ ନିମନ୍ତେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ବିଶେ ଧ୍ୟାନ ଏବଂ ମଞ୍ଜୁରୀ ସହିତ ସେହି ସାଟେଲାଇଟ୍ ସଙ୍ଗେ ଚୁକ୍ତି କରାଗଲା ଯେଉଁଥିରେ ଏମ୍.ଟି.ଏ ର ତିନୋଟି ଚ୍ୟାନେଲ୍ MTA 1, MTA 1+3, MTA 3 ARABIA ବହୁତ ଉଚ୍ଚ କ୍ୱାଲିଟିରେ ଉପସ୍ଥାପନ କରାଯାଉଛି ।

ଏହାପରେ ହଜୁର୍ ଅନୁଓ୍ୱର୍ ''ମାଷ୍ଟର୍ କଂଟ୍ରୋଲ୍ ରୁମ୍'' ଭିତରେ ପ୍ରବେଶ କଲେ ଯେଉଁଠି ନୁଆ କଂଟ୍ରୋଲ୍ ଏବଂ ମନିଟରିଂ ସିଷ୍ଟମ୍ ସ୍ଥାପନ କରାଯାଇଛି । ହଜୁର୍ ଅନୁଓ୍ୱର୍ ଏହି ସିଷ୍ଟମ୍ ସମ୍ବନ୍ଧରେ ବିଭିନ୍ନ ବିଷୟ ସମ୍ପର୍କରେ ପଚାରି ବୁଝିଲେ । ଡିରେକ୍ଟର୍ ସାହେବ୍ ଏ ସମ୍ବନ୍ଧରେ ବିସ୍ତାର ରୂପେ ବର୍ଣ୍ଣନା କରି କହିଲେ । ଏଥିରେ ହଜୁର୍ ଅନୁଓ୍ୱର୍ ବହୁତ ଆନନ୍ଦ ପ୍ରକାଶ କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ମସ୍‌ରୁର୍ ଟେଲିପୋର୍ଟ୍‌ର ବାକି ବିଭାଗ ଗୁଡିକ ଏବଂ ମିଟିଂରୁମ୍ ଏବଂ କାର୍ଯ୍ୟାଳୟ ଗୁଡିକର ମୁଆଇନା କଲେ ।

୨୦୦୮ ମସିହାରେ ହଜୁର୍ ଅନୁଓ୍ୱର୍ ଆମେରିକାର ପ୍ରଥମ ଗସ୍ତ କରିଥିଲେ । ସେ ସମୟରେ ହଜୁର୍ ଅନୁଓ୍ୱର୍ ଆର୍ଥ୍ ଷ୍ଟେସନ୍‌ର ଅନୁଧ୍ୟାନ କରିବା ସମୟରେ ଅଟ୍ଟାଳିକାର ଖରାପ ଅବସ୍ଥାକୁ ଦେଖି ତାକୁ ପୁନର୍ବାର ନିର୍ମାଣ କରିବା ନିମନ୍ତେ ଆଦେଶ ଦେଇଥିଲେ । ଏହାପରେ ଧିରେଧିରେ ବିଭିନ୍ନ ପର୍ଯ୍ୟାୟରେ ଏହାର ନିର୍ମାଣ ହୋଇଚାଲିଲା । ୧୯୯୪ ମସିହାରେ ଯେତେବେଳେ ଏହି ଆର୍ଥ୍ ଷ୍ଟେସନ୍ ସ୍ଥାପନ ହେଲା ସେତେବେଳେ ଏହା ୯୨୫ ସ୍କୋୟାର୍‌ଫୁଟ୍‌ରେ ଆଧାରିତ ପାଖାପାଖି ଏକଶହ ବର୍ଷ ପୁରୁଣା ଗୋଟିଏ ଛୋଟିଆ ଆବାସିକ କୋଠରୀରେ ଆରମ୍ଭ କରାଯାଇଥିଲା । ଗୋଟିଏ କୋଠରୀ ଭିତରେ ଟେବୁଲ୍ ଉପରେ କିଛି ଟିଭି ମନିଟରିଂ ନିମନ୍ତେ ରଖାଯାଇଥିଲା । ଟ୍ରାନ୍‌ସ୍‌ମିଶନ୍‌ର ସମସ୍ତ ମେସିନ୍ ବାହାରେ ଗୋଟିଏ ଟ୍ରେଲର୍‌ରେ ରଖାଯାଇଥିଲା । ସେଇଥିଯୋଗୁ କାର୍ଯ୍ୟକରିବାରେ ବହୁତ ଅସୁବିଧା ହେଉଥିଲା । ତେଣୁ ସେହି ପୁରୁଣା ଅଟ୍ଟାଳିକାଟିକୁ ଭାଙ୍ଗି ଦିଆଯାଇ ବର୍ତମାନ ସେଠାରେ ନୁଆ ଅଟ୍ଟାଳିକା ନିର୍ମାଣ କରାଯାଇଛି । ଏହି ନୂତନ ଅଟ୍ଟାଳିକାଟିର ଫୁଟ୍‌ପ୍ରିଂଟ୍ ୩୮୦୦ ସ୍କୋୟାର୍‌ଫୁଟ୍ । ଏହି ଅଟ୍ଟାଳିକାଟି ପୁରୁଣା କୋଠିଠାରୁ ଚାରିଗୁଣା ବଡ । ଏବଂ ବର୍ତମାନ ଏମ୍.ଟି.ଏର ସମସ୍ତ ଅପରେସନ୍ ଏହି ଅଟ୍ଟାଳିକା ଭିତରେ ରହିଛି । ସେହିଭଳି ଇଲେକ୍‌ଟ୍ରୋନିକ୍ ମିଶ୍‌ନାରୀ, କଂଟ୍ରୋଲ୍ ରୁମ୍, ଟ୍ରାନ୍‌ସମିଶନ୍ ରୁମ୍ ସବୁଗୁଡିକ ଏହି ଅଟ୍ଟାଳିକା ଭିତରେ ରହିଛି ଏବଂ ଉଚ୍ଚସ୍ତରର ସେଟପ୍ ହେବାଯୋଗୁ ମସ୍‌ରୁର୍ ଟେଲିପୋର୍ଟ୍‌କୁ ବାହାରୁ ଆସୁଥିବା କମ୍ପାନୀଗୁଡିକ ନା କେବଳ ପ୍ରଶଂସା କରୁଛନ୍ତି ବରଂ ନିଜର ଷ୍ଟେସନ୍ ଗୁଡିକ ନିମନ୍ତେ ମାର୍ଗଦର୍ଶନ ମଧ୍ୟ ହାସଲ କରୁଛନ୍ତି ।

କାର୍ଯ୍ୟାଳୟ ଏବଂ ଅଟ୍ଟାଳିକାଟିର ମୁଆଇନା କରିବା ପରେ ହଜୁର୍ ଅନୁଓ୍ୱର୍ ବାହାରକୁ ବାହାରିଲେ ଏବଂ ଅଟ୍ଟାଳିକାଟିର ଉତର ପ୍ରାଙ୍ଗଣକୁ ଚାଲିଗଲେ ଯେଉଁଠି ସେଂଟ୍ରାଲ୍ ଏବଂ ସାଉଥ୍ ଆମେରିକାରେ ଥିବା ଦେଶଗୁଡିକୁ ଏମ୍.ଟି.ଏର ପ୍ରସାରଣ ପହଂଚାଇବା ନିମନ୍ତେ ୪.୮ ମିଟର୍‌ର ସାଟେଲାଇଟ୍ ଟ୍ରାନ୍‌ସ୍‌ମିଶନ୍ ଡିସ୍ ଆଂଟିନା ସ୍ଥାପନ କରାଯାଇଛି । ହଜୁର୍ ଅନୁଓ୍ୱର୍ ଏହି ଡିସ୍ ଆଂଟିନାର ଆକାର ଓ କାର୍ଯ୍ୟ ସମ୍ବନ୍ଧରେ କିଛି କଥା ପଚାରି ବୁଝିଲେ । ଟେଲିପୋର୍ଟ୍‌ର ଡିରେକ୍ଟର୍ ସାହେବ୍ ଏବଂ ମୋକରମ୍ ମୁନୀର୍ ଔଦାଃ ସାହେବ୍ ଡିରେକ୍ଟର୍ ପ୍ରଡକ୍‌ସନ୍ ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ଲଣ୍ଡନ୍ ଏ ପ୍ରସଙ୍ଗରେ ସମସ୍ତ ଉତର ଦେଲେ । ଏହି ପ୍ରାଙ୍ଗଣରେ ହଜୁର୍ ଅନୁଓ୍ୱର୍ ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍‌ର ନୂତନ ପ୍ରଡକ୍‌ସନ୍ ଷ୍ଟୁଡିଓର ନିର୍ମାଣ ସମ୍ବନ୍ଧରେ ପଚାରି ବୁଝିଲେ । ନୂତନ ପ୍ରଡକ୍‌ସନ୍ ଷ୍ଟୁଡିଓର ନିର୍ମାଣ ନିମନ୍ତେ ପାଖାପାଖି ଦେଢ଼ ଏକର କ୍ଷେତ୍ରଫଳ ବିଶିଷ୍ଟ ଜମି ହଜୁର୍ ଅନୁଓ୍ୱର୍‌ଙ୍କ ହିଦାୟତ୍ ମୁତାବକ ଦୁଇବର୍ଷ ପୂର୍ବେ ମର୍କଜ୍ କିଣିଥିଲା ଏବଂ ବର୍ତମାନ ଏହାର ପ୍ଲାନିଂ କରାଯାଉଛି । ହଜୁର୍ ଅନୁଓ୍ୱର୍ ଉକ୍ତ ଜମି ଖଣ୍ଡିକର ଜାଏଜା ନେଲେ । ହଜୁର୍ ଅନୁଓ୍ୱର୍‌ଙ୍କ ପଚାରିବାରେ ମୋକରମ୍ ଅମୀର୍ ସାହେବ୍ ୟୁ.ଏସ୍.ଏ ସାହେବ୍‌ଜାଦା ମିର୍ଜା ମଗ୍‌ଫୁର୍ ଅହେମଦ୍ ସାହେବ୍ ମଧ୍ୟ ଏ ସମ୍ବନ୍ଧରେ କିଛି ତଥ୍ୟ ପ୍ରଦାନ କଲେ ।

ଆମେରିକାର ଏହି ଗସ୍ତ ସମୟରେ ଖୁତ୍‌ବାଜୁମା, ମସ୍‌ଜିଦ୍ ଗୁଡିକର ଉଦ୍‌ଘାଟନ ଏବଂ ଅନ୍ୟାନ୍ୟ ପ୍ରୋଗ୍ରାମ୍ ଗୁଡିକୁ କଭ୍‌ରେଜ୍ ଦେବାପାଇଁ ଓ ରେକର୍ଡିଂ କରିବା ନିମନ୍ତେ ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍‌ର ଗୋଟିଏ ଟିମ୍ ଲଣ୍ଡନ୍‌ରୁ ଆସିଥିଲା । ହଜୁର୍ ଅନୁଓ୍ୱର୍ ଟିମ୍‌ର ସଦସ୍ୟମାନଙ୍କଠାରୁ କିଛି ବିଷୟ ସମ୍ପର୍କରେ ବାର୍ତାଳାପ କଲେ । ହଜୁର୍ ଅନୁଓ୍ୱର୍‌ଙ୍କ ପଚାରିବାରେ ଟିମ୍‌ର ସଦସ୍ୟମାନେ ବତାଇଲେ କି ସମସ୍ତ ଆସବାବ ସୁରକ୍ଷିତ ଆସିଯାଇଛି ।

**''ମସ୍‌ଜିଦ୍ ବଇତୁର୍ ରହେମାନ୍''ର ମୁଆଇନା (ନିରୀକ୍ଷଣ)**

ଏମ୍.ଟି.ଏ ଆର୍ଥ୍ ଷ୍ଟେସନ୍‌ର ମୁଆଇନା କରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ସହିତ ସଂଲଗ୍ନ ଥିବା ଅଫିସ୍ ବ୍ଲକ୍‌ରେ ପଦାର୍ପଣ କରି କନ୍‌ଫରେନ୍‌ସ୍ ହଲ୍ ଦେଖିଲେ । ଏହାପରେ ଜେନେରାଲ୍ ସେକ୍ରେଟାରୀ ବିଭାଗ, ଜାଏଦାଦ୍ ବିଭାଗ ଏବଂ ଫାଇନାନ୍‌ସ୍ ବିଭାଗ ଗୁଡିକର ମୁଆଇନା କଲେ । ବେସ୍‌ମେଂଟ୍‌ଠାରେ ସ୍ଥାପନ ହୋଇଥିବା କାର୍ଯ୍ୟାଳୟ ଗୁଡିକରେ ମଧ୍ୟ ହଜୁର୍ ଅନୁଓ୍ୱର୍ ମୁଆଇନା କଲେ । ସେମାନଙ୍କ ମଧ୍ୟରେ କଜା ବିଭାଗ ଏବଂ ଅନ୍ୟାନ୍ୟ ଦଫ୍‌ତର୍ ଗୁଡିକ ସାମିଲ୍ ଅଛନ୍ତି ଏବଂ ଏଠାରେ ମର୍କଜି ଲାଇବ୍ରେରୀ ମଧ୍ୟ ପ୍ରତିଷ୍ଠା କରାଯାଇଛି । ହଜୁର୍ ଅନୁଓ୍ୱର୍ ସେହି ଲାଇବ୍ରେରୀ ଭିତରେ ପ୍ରବେଶ କଲେ । ସେଠାରେ ଗୋଟିଏ ଫ୍ରି ଏଲୋପାଥିକ୍ କ୍ଲିନିକ୍ ମଧ୍ୟ ପ୍ରତିଷ୍ଠା କରାଯାଇଛି ଯେଉଁଠି ଡାକ୍ତର ମୁହମ୍ମଦ୍ ଅଶ୍‌ରଫ୍ ମିଲୁ ସାହେବ୍ ସେବା ଯୋଗାଇ ଦେଉଛନ୍ତି । ହଜୁର୍ ଅନୁଓ୍ୱର୍ ସେହି କ୍ଲିନିକ୍‌ର ମଧ୍ୟ ମୁଆଇନା କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଡାଇନିଂ ହଲ୍ ଓ କିଚେନ୍ ରୁମ୍‌ର ମଧ୍ୟ ମୁଆଇନା କଲେ । କିଚେନ୍‌ର କାର୍‌କୁନ୍‌ମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ର ବାହ୍ୟଭାଗକୁ ଚାଲିଗଲେ ଏବଂ ସେଠାରେ ଅସ୍ଥାୟୀ ରୂପେ ସ୍ଥାପନ କରାଯାଇଥିବା ବିଭାଗ ଗୁଡିକର ମୁଆଇନା କଲେ । ହଜୁର୍ ଅନୁଓ୍ୱର୍ ସ୍କାନିଂ ବିଭାଗକୁ ଗଲେ ଏବଂ କାର୍‌କୁନ୍ ମାନଙ୍କୁ ପଚାରିଲେ କି ଏଠାରେ କିପରି ସ୍କାନିଂ କରୁଅଛ ଏବଂ କାର୍ଡ୍ ଇତ୍ୟାଦି ଚେକ୍ କରୁଅଛ । କାର୍‌କୁନ୍‌ମାନେ ନିଜର ପ୍ରୋସେସ୍ ସମ୍ବନ୍ଧରେ ବତାଇଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ରେଜିଷ୍ଟ୍ରେସନ୍ ବିଭାଗର ମୁଆଇନା କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେହି ଟେଂଟ୍ ଭିତରକୁ ଗଲେ ଯେଉଁଠି ପୁରୁଷମାନଙ୍କ ନିମନ୍ତେ ଖାଦ୍ୟ ଖାଇବାର ବ୍ୟବସ୍ଥା କରାଯାଇଥିଲା । ହଜୁର୍ ଅନୁଓ୍ୱର୍ ପଚାରି ବୁଝିଲେ ଯେ ଏଠାରେ କେତେ ଲୋକଙ୍କ ପାଇଁ ଖାଇବାର ବ୍ୟବସ୍ଥା କରାଯାଇଛି । ଏଥିରେ ଅମୀର୍ ସାହେବ୍ କହିଲେ କି ଚାରିହଜାର ଲୋକଙ୍କ ଖାଇବାର ବ୍ୟବସ୍ଥା କରାଯାଇଛି । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଲଙ୍ଗର୍‌ଖାନା ଗଲେ । ଏଠାରେ ଚିକେନ୍ ଏବଂ ଆଳୁ ଓ ମାଂସ ତରକାରୀ ପ୍ରସ୍ତୁତ ହୋଇଥିଲା । ହଜୁର୍ ଅନୁଓ୍ୱର୍ ଦୁଇଟିଯାକ ତରକାରୀ ସଠିକ୍ ରୂପେ ପ୍ରସ୍ତୁତ ହୋଇଛି କି ନାହିଁ ଚେକ୍ କଲେ ଅର୍ଥାତ୍ ମାଂସ ଏବଂ ଆଳୁ ଇତ୍ୟାଦି ଠିକ୍ ରୂପରେ ସିଝିଛି କି ନାହିଁ । ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ କାର୍‌କୁନ୍ ମାନଙ୍କ ସଙ୍ଗେ କଥା ହେଲେ ଏବଂ ଗୋଟିଏ ଗୁଣ୍ଡା ମଧ୍ୟ ଖାଇଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଖିଦ୍‌ମତ୍ ଖଲ୍‌କ୍ ବିଭାଗ ଓ ସିକ୍ୟୁରିଟି କାର୍ଯ୍ୟାଳୟର ମୁଆଇନା କଲେ । ତା'ପରେ

*ଅବଶିଷ୍ଟାଂଶ ପୃଷ୍ଠା-୧୦ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**